# ୧୭ ବର୍ଷ ପରେ ପରିବାରକୁ ମିଳିଲା ନ୍ୟାୟ



୮ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ଲାଗି ରେଳ ବିଭାଗକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ,୬ ।୫(ଏଜେନ୍ସି): ନ୍ୟାୟାଳୟର ଚକ୍ର ବେଳେବେଳେ ଧୀର ହୋଇପାରେ, କିନ୍ତୁ ସତ୍ୟର ବିଜୟ ସୁନିଶ୍ଚିତ । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୁମ୍ବାଇରେ, ଯେଉଁଠାରେ ଜଣେ ୧୬ ବର୍ଷର କିଶୋରର ମୃତ୍ୟୁ ପାଇଁ ତାଙ୍କ ପରିବାରକୁ ଦୀର୍ଘ ୧୭ ବର୍ଷ ପରେ ନ୍ୟାୟ ପ୍ରଦାନ କରିଛନ୍ତି ବମ୍ବେ ଉଚ୍ଚ ନ୍ୟାୟାଳୟ। ରେଳବାଇର ସମସ୍ତ ଯୁକ୍ତିକୁ ଖଣ୍ଡନ କରି କୋର୍ଟ ପୀଡ଼ିତ ପରିବାର ପକ୍ଷରେ ରାୟ ଶୁଣାଇଛନ୍ତି । ୨୦ ଜୁନ୍, ୨୦୦୯ ମସିହାରେ ଆରୋଗ୍ୟରାଜ ଚେଟିଆର ନାମକ ଜଣେ ଶ୍ରମିକ ଯୁବକ ନିଜ ସାଙ୍ଗ ସହିତ କାମ ଅନ୍ୱେଷଣରେ ଗୋରେଗାଓଁରୁ ଚର୍ଚ୍ଚଗେଟ୍ ଅଭିମୁଖେ ଏକ ଭିଡ଼ ସମ୍ପନ୍ନ ଟ୍ରେନରେ ଯାଉଥିଲେ । ଅପରାହ୍ନ ପ୍ରାୟ ୨ଟା ୧୩ ମିନିଟ ସମୟରେ ଯୋଗେଶ୍ୱରୀ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ସେ ଖସି ପଡ଼ିଥିଲେ । ସେହି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଅକୁ ହରାଇବା ପରେ ବାପା ରାୟପ୍ପା ଓ ମାଆ ଭିକ୍ଟୋରିଆ ଚେଟିଆର କ୍ଷତିପୂରଣ ପାଇଁ ଆବେଦନ କରିଥିଲେ, କିନ୍ତୁ ୨୦୧୬ରେ ରେଳବାଇ ଟ୍ରିବ୍ୟୁନାଲ ଏହାକୁ ଖାରଜ କରିଦେଇଥିଲେ । ରେଳବାଇ ପକ୍ଷରୁ କୁହାଯାଇଥିଲା ଯେ, ଯୁବକଜଣକ ରେଳ ଧାରଣା ପାର ହେଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । କିନ୍ତୁ ଉଚ୍ଚ ନ୍ୟାୟାଳୟର ବିଚାରପତି ଜିତେନ୍ଦ୍ର ଜୈନ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି । କୋର୍ଟ କହିଛନ୍ତି ଯେ, ଯୁବକଙ୍କ ପାଖରେ ଏକ ବୈଧ ଟିକେଟ୍ ଥିଲା, ଯାହା ପ୍ରମାଣ କରୁଛି ସେ ଜଣେ ପ୍ରକୃତ ଯାତ୍ରୀ ଥିଲେ । ବିଚାରପତି କହିଛନ୍ତି ଯେ, ଏହି ଘଟଣାର ସମସ୍ତ ପ୍ରମାଣକୁ ତଳ କୋର୍ଟ ଅଣଦେଖା କରି ଏକ ବଡ଼ ଭୁଲ କରିଛନ୍ତି । ଯେହେତୁ ମାମଲାଟି ୨୦୦୯ରୁ ପଡ଼ି ରହିଛି, ତେଣୁ ଆଉ ସମୟ ନଷ୍ଟ ନକରି ଉଚ୍ଚ ନ୍ୟାୟାଳୟ ନିଜେ ସମସ୍ତ ଦସ୍ତାବେଜ ଯାଞ୍ଚ କରିଛନ୍ତି । ରେଳବାଇ ଯୁକ୍ତି କରିଥିଲା ଯେ ଯୁବକଙ୍କ କ୍ଷତରୁ ଜଣାପଡୁଛି ସେ ଟ୍ରେନରୁ ଖସି ନାହାନ୍ତି, କିନ୍ତୁ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ରେଳ କର୍ତ୍ତୃପକ୍ଷ କିମ୍ବା ଟ୍ରିବ୍ୟୁନାଲ ଡାକ୍ତରୀ ବିଶେଷଜ୍ଞ ନୁହନ୍ତି ଯେ ସେମାନେ ନିଜ ମନଇଚ୍ଛା ମତ ଦେବେ । ଶେଷରେ, ବମ୍ବେ ଉଚ୍ଚ ନ୍ୟାୟାଳୟ ଚେଟିଆର ପରିବାରକୁ ୮ ଲକ୍ଷ ଟଙ୍କାର ସର୍ବାଧିକ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥରାଶିକୁ ଆସନ୍ତା ୧୨ ସପ୍ତାହ ମଧ୍ୟରେ ପରିବାରକୁ ହସ୍ତାନ୍ତର କରିବାକୁ ପଶ୍ଚିମ ରେଳବାଇକୁ କୁହାଯାଇଛି ।

# ଆସାମ ନିର୍ବାଚନରେ ଡିଜିଟାଲ୍ ରଣନୀତି

ମିମ୍, ଏଆଇ ଓ ଭିଡିଓ ମାଧ୍ୟମରେ ବିଜେପିର ପ୍ରଚାର



ଗୌହାଟୀ,୬ ।୫(ଏଜେନ୍ସି):୨୦୨୬ ଅସମ ବିଧାନସଭା ନିର୍ବାଚନ କେବଳ ରାଜରାସ୍ତା ବା ସଭାସମିତିରେ ସୀମିତ ରହିନାହିଁ, ବରଂ ଏହା ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଏକ ଭିନ୍ନ ଯୁଦ୍ଧର ରୂପ ନେଇଛି । ଭାରତୀୟ ଜନତା ପାର୍ଟି (ବିଜେପି) ଏଥର ସୋସିଆଲ ମିଡିଆକୁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହାର କରି ନିଜର ପ୍ରଚାରକୁ ଏକ ନୂଆ ସ୍ତରକୁ ନେଇଯାଇଛି । ବିଗତ ଦୁଇ ବର୍ଷ ଧରି ବିଜେପି ସମର୍ଥିତ ଡିଜିଟାଲ୍ ଅଭିଯାନ ମାଧ୍ୟମରେ କଂଗ୍ରେସ ନେତାମାନଙ୍କୁ କ୍ରମାଗତ ଭାବେ ଟାର୍ଗେଟ୍ କରାଯାଇଛି । ବିଶେଷ କରି ବିରୋଧୀ ଦଳର ନେତାମାନଙ୍କୁ ବଙ୍ଗୀୟ ମୁସଲମାନ ଭୋଟରଙ୍କ ସହ ଯୋଡ଼ି ବିଭିନ୍ନ ପ୍ରକାରର ବିଷୟବସ୍ତୁ ପ୍ରସାରିତ କରାଯାଇଥିଲା । ଏଥିପାଇଁ କେତେକ ପ୍ରମୁଖ ମାଧ୍ୟମ ବ୍ୟବହାର କରାଯାଇଛି । ନେତାମାନଙ୍କର ବିଭିନ୍ନ ଆଭାସୀ ଚିତ୍ର ପ୍ରସ୍ତୁତ କରି ପ୍ରସାର । କୌତୁକିଆ ଢଙ୍ଗରେ ବିରୋଧୀଙ୍କୁ ସମାଲୋଚନା । ଇନଷ୍ଟାଗ୍ରାମ୍ ରିଲ୍ସ ଏବଂ ହ୍ୱାଟସଆପ୍ ମାଧ୍ୟମରେ ଭାବପ୍ରବଣ ବାର୍ତ୍ତା । ଏହି ଡିଜିଟାଲ୍ ଅଭିଯାନର ମୁଖ୍ୟ କେନ୍ଦ୍ରବିନ୍ଦୁ ଥିଲେ କଂଗ୍ରେସ ନେତା ଗୌରବ ଗୋଗୋଇ । ତାଙ୍କର ଛବିକୁ କ୍ଷତି ପହଞ୍ଚାଇବା ପାଇଁ ଏଡିଟ୍ କରାଯାଇଥିବା ଭିଡିଓ ଏବଂ କୃତ୍ରିମ ଚିତ୍ର ବ୍ୟବହାର କରାଯାଇଥିଲା । ତାଙ୍କୁ ସଂଖ୍ୟାଲଘୁ ତୁଷ୍ଟିକରଣର ପ୍ରତୀକ ଭାବେ ଚିତ୍ରଣ କରାଯାଇଥିବା ବେଳେ ବିଜେପିକୁ ଅସମୀୟା ପରିଚୟ, ହିନ୍ଦୁ ସ୍ୱାର୍ଥ ଏବଂ ସ୍ଥାନୀୟ ସଂସ୍କୃତିର ରକ୍ଷକ ଭାବେ ଉପସ୍ଥାପନ କରାଯାଇଛି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ତୀକ୍ଷ୍ଣ ବୟାନ ଏହି ଡିଜିଟାଲ୍ ଅଭିଯାନକୁ ଅଧିକ ବଳ ଦେଇଛି । ଅନୁପ୍ରବେଶ ଏବଂ ସୀମା ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସୋସିଆଲ ମିଡିଆରେ ଏପରି ପରିବେଶ ସୃଷ୍ଟି କରାଯାଇଥିଲା, ଯାହା ଭୋଟରଙ୍କ ମନରେ ଏକ ସ୍ଥାୟୀ ପ୍ରଭାବ ପକାଇଥିଲା । କଂଗ୍ରେସକୁ ସଂଖ୍ୟାଲଘୁଙ୍କ ଦଳ ଭାବେ ଦର୍ଶାଇବାରେ ବିଜେପିର ଡିଜିଟାଲ୍ ଟିମ୍ ଅନେକାଂଶରେ ସଫଳ ହୋଇଛି । ୨୦୨୬ ଆସାମ ନିର୍ବାଚନର ଫଳାଫଳରେ ଏହି ଡିଜିଟାଲ୍ ରଣନୀତିର ବଡ଼ ପ୍ରଭାବ ଦେଖିବାକୁ ମିଳିଛି । ହିନ୍ଦୁ ବହୁଳ ନିର୍ବାଚନ ମଣ୍ଡଳୀଗୁଡ଼ିକରେ କଂଗ୍ରେସ ସଂଘର୍ଷ କରିଥିବା ବେଳେ ବିଜେପି ନିଜର ଭୋଟ୍ ବ୍ୟାଙ୍କକୁ ସୁରକ୍ଷିତ ରଖିବାରେ ସଫଳ ହୋଇଛି ।

## କାନାଡାରେ ପଞ୍ଜାବୀ ଯୁବକଙ୍କୁ ହତ୍ୟା

ନିଜକୁ ଦାୟୀ କଲା ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା

ଲୁଧିଆନା,୬ ।୫(ଏଜେନ୍ସି): କାନାଡାର ସରେ ସହରରେ ଜଣେ ପଞ୍ଜାବୀ ଯୁବକଙ୍କୁ ଦିନ ଦ୍ୱିପ୍ରହରରେ ଗୁଳି କରି ହତ୍ୟା କରାଯାଇଛି । ମୃତ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳରେ "ସାମ୍ କାନାଡା' ନାମରେ ପରିଚିତ ଥିଲେ । ଏହି ହତ୍ୟାକାଣ୍ଡ ପାଇଁ କୁଖ୍ୟାତ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଏବଂ ପବନ ସୌକିନ ସୋସିଆଲ ମିଡିଆ ମାଧ୍ୟମରେ ନିଜକୁ ଦାୟୀ କରିଛନ୍ତି । ଆକ୍ରମଣକାରୀମାନେ ୭୬ ଆଭେନ୍ୟୁରେ ଥିବା ଏକ ଅଫିସ୍ ବିଲ୍ଡିଂ ଭିତରେ ପଶି ସାମ୍‌ଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲେ । ଦ୍ୱିତୀୟ ମହଲାରୁ ବାହାରକୁ ଆସୁଥିବା ବେଳେ ତାଙ୍କୁ ଟାର୍ଗେଟ୍ କରାଯାଇଥିଲା । ଗୁଳିମାଡ଼ ପରେ ସାମ୍ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ ଏବଂ ଡାକ୍ତରୀ ଦଳ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା । ରୋହିତ ଗୋଦାରା ଦାବି କରିଛି ଯେ ସାମ୍ ବିରୋଧୀ ଗ୍ୟାଙ୍ଗ୍‌କୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ବିରୋଧରେ ଷଡ଼ଯନ୍ତ୍ର କରୁଥିଲେ । ସୋସିଆଲ ମିଡିଆ ପୋଷ୍ଟ ଅନୁସାରେ, ସାମ୍ କାନାଡାରେ କ୍ରିକେଟ୍ ସଟ୍ଟାବାଜି ଏବଂ ମ୍ୟାଚ୍ ଫିକ୍ସିଂର ଏକ ବଡ଼ ନେଟୱାର୍କ ଚଳାଉଥିଲେ । ଏହି ଟଙ୍କା ସେ ବିରୋଧୀ ଗ୍ୟାଙ୍ଗ୍‌କୁ ସାହାଯ୍ୟ କରିବା ପାଇଁ ବ୍ୟବହାର କରୁଥିଲେ । ଗୋଦାରା ଚେତାବନୀ ଦେଇଛି ଯେ, ଯିଏ ବି ତାଙ୍କ ଶତ୍ରୁଙ୍କୁ ସାହାଯ୍ୟ କରିବ, ସେ ଦୁନିଆର ଯେକୌଣସି କୋଣରେ ଥିଲେ ମଧ୍ୟ ତାକୁ ଖୋଜି ହତ୍ୟା କରାଯିବ ।

## ଓହାୟୋ ଗଭର୍ଣ୍ଣର ହେବେ ଟ୍ରମ୍ପଙ୍କ ସମର୍ଥକ ବିବେକ ରାମାସ୍ୱାମୀ!



କଲମ୍ବସ (ଆମେରିକା),୬ ।୫(ଏଜେନ୍ସି): ଆମେରିକୀୟ ବ୍ୟବସାୟୀ ତଥା ଡୋନାଲ୍ଡ ଟ୍ରମ୍ପଙ୍କ ଅତି ନିକଟତର ଭାରତୀୟ ବଂଶୋଦ୍ଭବ ବିବେକ ରାମାସ୍ୱାମୀ ଓହାୟୋ ଗଭର୍ଣ୍ଣର ନିର୍ବାଚନ ପାଇଁ ରିପବ୍ଲିକାନ୍ ପାର୍ଟିର ଟିକେଟ୍ ଜିତିଛନ୍ତି । ଏହି ବିଜୟ ସହ ସେ ଏବେ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଡେମୋକ୍ରାଟ୍ ପ୍ରାର୍ଥୀ ଏମି ଆକ୍ଟନଙ୍କ ସହ ମୁହାଁମୁହିଁ ହେବେ । ବିବେକ ରାମାସ୍ୱାମୀ ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରେ ସାମିଲ ଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ସେ ଓହରି ଯାଇ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ ଜଣାଇଥିଲେ । ରାମାସ୍ୱାମୀଙ୍କ ଏହି ଟିକେଟ୍ ବିଜୟ ପରେ ଟ୍ରମ୍ପ ତାଙ୍କୁ ଜଣେ 'ଅତ୍ୟନ୍ତ ଶକ୍ତିଶାଳୀ ପ୍ରାର୍ଥୀ' ଭାବେ ବର୍ଣ୍ଣନା କରିବା ସହ ଖୋଲାଖୋଲି ପ୍ରଶଂସା କରିଛନ୍ତି । ପ୍ରାଥମିକ ନିର୍ବାଚନ ପ୍ରଚାର ସମୟରେ ରାମାସ୍ୱାମୀ ନିଜ ଦଳର ପ୍ରତିଦ୍ୱନ୍ଦ୍ୱୀଙ୍କ ଅପେକ୍ଷା ସିଧାସଳଖ ଡେମୋକ୍ରାଟ୍ ପ୍ରାର୍ଥୀ ଏମି ଆକ୍ଟନଙ୍କୁ ସମାଲୋଚନା କରିଥିଲେ । ଏମି ଆକ୍ଟନ କୋଭିଡ୍ ସମୟରେ ଓହାୟୋର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଥିଲେ । ସେ ଏବେ ଓହାୟୋକୁ ଶସ୍ତା ଏବଂ ସାଧାରଣ ଲୋକଙ୍କ ପାଇଁ ସହଜ କରିବା ପ୍ରତିଶ୍ରୁତି ସହ ନିର୍ବାଚନ ଲଢୁଛନ୍ତି । ଓହାୟୋରେ ରିପବ୍ଲିକାନ୍ ପାର୍ଟିର ସ୍ଥିତି ବର୍ତ୍ତମାନ ବେଶ୍ ମଜବୁତ ରହିଛି । ଗତ କିଛି ବର୍ଷ ହେବ ଓହାୟୋରେ ରିପବ୍ଲିକାନ୍ ପାର୍ଟିର ପ୍ରଭାବ ବୃଦ୍ଧି ପାଇଛି, ଯାହା ନଭେମ୍ବର ନିର୍ବାଚନରେ ବିବେକଙ୍କ ପାଇଁ ଲାଭଦାୟକ ହୋଇପା ।।

## ଇସ୍ତଫା ଦେଲେ ଶର୍ମା
## ୧୨ରେ ଶପଥ ସମ୍ଭାବନା

ଗୁଆହାଟୀ,୬ ।୫(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟି ନିଜର ଏବଂ ମନ୍ତ୍ରିପରିଷଦର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ନୂତନ ସରକାର ଗଠନ ହେବା ପର୍ଯ୍ୟନ୍ତ ରାଜ୍ୟପାଳ ତାଙ୍କୁ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଛନ୍ତି । ଆସନ୍ତା ୧୨ ତାରିଖରେ ନୂଆ ସରକାରର ଶପଥ ଗ୍ରହଣ ହୋଇପାରେ । ଏଜିପି ପକ୍ଷରୁ ମଧ୍ୟ ହିମନ୍ତ ବିଶ୍ୱ ଶର୍ମାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ସର୍ବସମ୍ମତ କ୍ରମେ ସମର୍ଥନ ପ୍ରକାଶ କରାଯାଇଛି । ଶର୍ମା କହିଛନ୍ତି ଯେ, ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ । ଆସାମରେ ପୁଣିଥରେ ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପ୍ରାୟ ନିଶ୍ଚିତ ।

# ବିସ୍ଫୋରଣରେ ଥରିଲା ପଞ୍ଜାବ



ଖଲିସ୍ତାନୀ ସଂଗଠନର ସମ୍ପୃକ୍ତି ସନ୍ଦେହ, ତଦନ୍ତ ଭାର ନେଲା ଏନଆଇଏ

ଚଣ୍ଡିଗଡ଼,୬ ।୫(ଏଜେନ୍ସି): ପଞ୍ଜାବର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସହର ଜଳନ୍ଧର ଏବଂ ଅମୃତସରରେ ମାତ୍ର ୩ ଘଣ୍ଟା ମଧ୍ୟରେ ଦୁଇଟି ରହସ୍ୟଜନକ ବିସ୍ଫୋରଣ ଘଟିଛି । ଏହି ଘଟଣା ପରେ ସମଗ୍ର ରାଜ୍ୟରେ ହାଇ-ଆଲର୍ଟ ଜାରି କରାଯାଇଥିବା ବେଳେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏକ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ସଂଗଠନ ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିବା ଜଣାପଡ଼ିଛି । ପ୍ରଥମ ବିସ୍ଫୋରଣ ରାତି ୮ ରେ ଜଳନ୍ଧରସ୍ଥିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ) ମୁଖ୍ୟାଳୟ ନିକଟରେ ହୋଇଥିଲା । ଏଥିରେ ଜଣେ ଡେଲିଭରି ବଏଙ୍କ ସ୍କୁଟର, ଟ୍ରାଫିକ୍ ସିଗନାଲ ଖୁଣ୍ଟ ଏବଂ ନିକଟସ୍ଥ ଦୋକାନର କାଚ ଭାଙ୍ଗି ଯାଇଛି । ବିସ୍ଫୋରଣ ପରେ ଜଣେ ବ୍ୟକ୍ତି ସେଠାରୁ ଦୌଡ଼ି ପଳାଉଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଏହାର ଠିକ୍ କିଛି ସମୟ ପରେ ଅର୍ଥାତ୍ ରାତି ୧୦:୫୦ ରେ ଅମୃତସରର ଖାସା ସେନା ଛାଉଣୀ ଅଞ୍ଚଳରେ ଦ୍ୱିତୀୟ ବିସ୍ଫୋରଣ ଘଟିଥିଲା । ପ୍ରାଥମିକ ତଦନ୍ତ ଅନୁସାରେ, ସେନା ଛାଉଣୀର ପାଚେରିକୁ ଲକ୍ଷ୍ୟ କରି କୌଣସି ବିସ୍ଫୋରକ ପଦାର୍ଥ ଫିଙ୍ଗାଯାଇଥିଲା । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ସଂସ୍ଥା ଏନ୍‌ଆଇଏ ପଞ୍ଜାବ ପୋଲିସ ସହ ମିଶି ତଦନ୍ତ କରୁଛି । ଫରେନସିକ ଦଳ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି । ବିସ୍ଫୋରଣରେ କେଉଁ ପ୍ରକାରର ରସାୟନ ବ୍ୟବହାର କରାଯାଇଛି ଏବଂ ଏହା ପଛରେ କେଉଁ ସଂଗଠନର ହାତ ରହିଛି, ସେ ନେଇ ଖୋଳତାଡ଼ ଚାଲିଛି । ସୀମାବର୍ତ୍ତୀ ରାଜ୍ୟ ହୋଇଥିବାରୁ ଏହି ଯୁଗ୍ମ ବିସ୍ଫୋରଣକୁ ସୁରକ୍ଷା ସଂସ୍ଥାମାନେ ଅତି ଗମ୍ଭୀରତାର ସହ ନେଇଛନ୍ତି । ସମସ୍ତ ସାମରିକ ପ୍ରତିଷ୍ଠାନ ଏବଂ ସର୍ବସାଧାରଣ ସ୍ଥାନରେ ସୁରକ୍ଷା ବଢ଼ାଇ ଦିଆଯାଇଛି । ପୋଲିସ କମିଶନର ଧନପ୍ରୀତ କୌର କହିଛନ୍ତି ଯେ, ସିସିଟିଭି ଫୁଟେଜକୁ ଆଧାର କରି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି । ପଞ୍ଜାବରେ ଶାନ୍ତି ଭଙ୍ଗ କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସନ୍ଦେହ କରାଯାଉଛି । ଖଲିସ୍ତାନୀ ଗୋଷ୍ଠୀର ସ୍ୱୀକାରୋକ୍ତି ପରେ ମାମଲାଟି ଅଧିକ ଜଟିଳ ହୋଇଛି । ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଏହା ଏକ ବଡ଼ ଆହ୍ୱାନ ହୋଇଥିବାରୁ କେନ୍ଦ୍ରୀୟ ଓ ରାଜ୍ୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଦୋଷୀଙ୍କୁ ଧରିବା ପାଇଁ ଜୋରଦାର ଅଭିଯାନ ଆରମ୍ଭ ହୋଇଛି । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ସତର୍କତା ଅବଲମ୍ବନ କରାଯାଉଛି ।

# ଭାରତ କିଣିବ ଆଉ ୫ଟି ଏସ୍-୪୦୦

ନୂଆଦିଲ୍ଲୀ,୬ ।୫(ଏଜେନ୍ସି): ଭାରତ ନିଜର ଆକାଶ ମାର୍ଗ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ରୁଷଠାରୁ ଆହୁରି ୫ଟି ଅତ୍ୟାଧୁନିକ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ବା ବାୟୁ ପ୍ରତିରକ୍ଷା ପ୍ରଣାଳୀ କିଣିବାକୁ ପ୍ରସ୍ତୁତ ହେଉଛି । ଏହି ନୂତନ ଚୁକ୍ତି ଏବଂ ପୂର୍ବ ଚୁକ୍ତିକୁ ମିଶାଇ ସମୁଦାୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର କାରବାର ହେବାର ସମ୍ଭାବନା ରହିଛି । ପ୍ରତି ସ୍କ୍ୱାଡ୍ରନ୍‌ରେ ୮ଟି ଲଞ୍ଚର ରହିବ ଏବଂ ପ୍ରତି ଲଞ୍ଚରରେ ୪ଟି ଲେଖାଏଁ ମିସାଇଲ୍ କଣ୍ଟେନର୍ ରହିବ । ଏହାର ଅର୍ଥ ହେଉଛି ଗୋଟିଏ ସ୍କ୍ୱାଡ୍ରନ୍‌ରେ ପ୍ରାୟ ୩୨ଟି ମିସାଇଲ୍ ମୁତୟନ ରହିବ । ଗତ ବର୍ଷ ମେ ମାସରେ 'ଅପରେସନ୍ ସିନ୍ଦୂର' ସମୟରେ ଏହି ପ୍ରଣାଳୀ ନିଜର ଶକ୍ତି ପ୍ରଦର୍ଶନ କରିଥିଲା । ଏହା ପାକିସ୍ତାନ ସୀମା ଭିତରେ ୩୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବା ସହ ୫-୬ଟି ଯୁଦ୍ଧ ବିମାନ ଓ ଗୋଟିଏ ଗୁପ୍ତଚର ବିମାନକୁ ଖସାଇ ଦେଇଥିଲା । ଏହି ମିସାଇଲ୍ ଶବ୍ଦର ଗତି ଠାରୁ ୩ ରୁ ୧୪ ଗୁଣ ଅଧିକ ବେଗରେ ଶତ୍ରୁ ଉପରେ ଆକ୍ରମଣ କରିପାରେ । ଏପରିକି ଅତି ଦ୍ରୁତ ଗତିରେ ଆସୁଥିବା ହାଇପରସୋନିକ୍ ମିସାଇଲ୍ ମଧ୍ୟ ଏଥିରୁ ବର୍ତ୍ତିପାରିବେ ନାହିଁ । ଭାରତ ୨୦୧୮ରେ ୪୦,୦୦୦ କୋଟି ଟଙ୍କାରେ ୫ଟି ସ୍କ୍ୱାଡ୍ରନ୍ ପାଇଁ ପ୍ରଥମ ଚୁକ୍ତି କରିଥିଲା । ବର୍ତ୍ତମାନ ସୁଦ୍ଧା ୩ଟି ସ୍କ୍ୱାଡ୍ରନ୍ ମିଳିସାରିଛି, ଯାହା ପଞ୍ଜାବ, ସିକିମ ଏବଂ ରାଜସ୍ଥାନ ସୀମାରେ ମୁତୟନ କରାଯାଇଛି । ବାକି ୨ଟି ସ୍କ୍ୱାଡ୍ରନ୍ ଆସନ୍ତା ୬ ମାସ ମଧ୍ୟରେ ମିଳିବ ବୋଲି ରୁଷ ପ୍ରତିଶ୍ରୁତି ଦେଇଛି । ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଯୋଗାଣରେ ବିଳମ୍ବ ହୋଇଥିଲେ ମଧ୍ୟ ଏବେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଭାରତ ବର୍ତ୍ତମାନ ୬ଟି ସାଟେଲାଇଟ୍ ବଦଳରେ ୫୨ଟି ସାଟେଲାଇଟ୍ ବିଶିଷ୍ଟ ଏକ ପ୍ରଣାଳୀ ପ୍ରସ୍ତୁତ କରୁଛି । ଡିଆରଡିଓ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ 'ପ୍ରୋଜେକ୍ଟ କୁଶ' ଅଧୀନରେ ନିଜସ୍ୱ ପ୍ରତିରକ୍ଷା ମିସାଇଲ୍ ବିକଶିତ କରାଯାଉଛି ।





# ପଶ୍ଚିମବଙ୍ଗରେ ଥମୁନି ନିର୍ବାଚନ ପରବର୍ତ୍ତୀ ହିଂସା

କୋଲକାତା,୬ ।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଭୟଙ୍କର ହିଂସା ଦେଖାଦେଇଛି । ବିଜେପିର ବିପୁଳ ବିଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କୁ ଟାର୍ଗେଟ୍ କରାଯାଉଥିବା ଅଭିଯୋଗ ହୋଇଛି । କୋଲକାତାର ବେଲିଆଘାଟା ଅଞ୍ଚଳରେ ବିଶ୍ୱଜିତ ପଟ୍ଟନାୟକ ନାମକ ଜଣେ ଟିଏମ୍‌ସି କର୍ମୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେହିଭଳି ବୀରଭୂମର ନାନୁର ଅଞ୍ଚଳରେ ମଧ୍ୟ ଜଣେ ଟିଏମ୍‌ସି କର୍ମୀଙ୍କୁ ହତ୍ୟା କରାଯାଇଥିବା ଦଳ ପକ୍ଷରୁ ଦାବି କରାଯାଇଛି । ଟଲିଗଞ୍ଜ ଏବଂ କସବା ଅଞ୍ଚଳରେ ଥିବା ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟଗୁଡ଼ିକୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦିଆଯାଇଛି । ହାଓଡ଼ା, ମୁର୍ଶିଦାବାଦ, ବାରୁଇପୁର ଏବଂ କମରହାଟୀ ଭଳି ସ୍ଥାନରେ ହିଂସାକାଣ୍ଡ ଘଟିଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଲୋକଙ୍କୁ ବାଡ଼ି ଓ ଲାଠିରେ ଗୋଡ଼ାଇ ପିଟାଯାଉଥିବା ଦେଖିବାକୁ ମିଳୁଛି । ଟିଏମ୍‌ସି ଏହି ଘଟଣାଗୁଡ଼ିକୁ "ମଧ୍ୟଯୁଗୀୟ ବର୍ବରତା' ବୋଲି କହିଛି । ବିଜେପି ନେତୃତ୍ୱ ଶାନ୍ତି ରକ୍ଷା ପାଇଁ ଅପିଲ୍ କରିଥିଲେ ହେଁ, ସେମାନଙ୍କ ସମର୍ଥକମାନେ ହିଂସାରେ ସାମିଲ ଥିବା ନେଇ ଅଭିଯୋଗ ହେଉଛି । ବଙ୍ଗଳାରେ ସତ୍ତା ପରିବର୍ତ୍ତନ ସହ ରାଜନୈତିକ ହିଂସା ଏବେ ଚିନ୍ତାର ବିଷୟ ପାଲଟିଛି, ଯେଉଁଥିରେ ସାଧାରଣ କର୍ମୀମାନେ ବଳି ପଡୁଛନ୍ତି । ନିର୍ବାଚନ ଫଳାଫଳ ପରଠାରୁ ରାଜ୍ୟରେ ହିଂସା ଜାରି ରହିଛି । ପୋଲିସ ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୩୩ ଜଣଙ୍କୁ ଗିରଫ କରାଗଲାଣି । ବିଜେପି କହିଛି ଯେ ହିଂସାରେ ଏହାର କୌଣସି ହାତ ନାହିଁ । ଟିଏମ୍‌ସିର କର୍ମକର୍ତ୍ତାମାନେ ବିଜେପି କର୍ମୀଙ୍କ ଛଦ୍ମବେଶ ।।ରେ ଅରାଜକତା ସୃଷ୍ଟି କରୁଛନ୍ତି । ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାର୍ଟି ଦାବି କରିଛି । ଇତିମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ହିଂସାକାଣ୍ଡରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ପଶ୍ଚିମବଙ୍ଗ ନିର୍ବାଚନରେ ଏସ୍ଆଇଆର୍ ରହସ୍ୟ

ବିଜୟ/ପରାଜୟ ବ୍ୟବଧାନରେ ନିର୍ଣ୍ଣାୟକ ଭୂମିକା

ନୂଆଦିଲ୍ଲୀ,୬ ।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପରେ ଏବେ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) କୁ ନେଇ ଚର୍ଚ୍ଚା ଜୋର ଧରିଛି । ତଥ୍ୟ ଅନୁସାରେ, ଏହି ପ୍ରକ୍ରିୟା ମାଧ୍ୟମରେ ରାଜ୍ୟର ଭୋଟର ତାଲିକାରୁ ପ୍ରାୟ ୯୧ ଲକ୍ଷ ଭୋଟ୍ କଟାଯାଇଛି, ଯାହା ନିର୍ବାଚନ ପରିଣାମକୁ ପ୍ରଭାବିତ କରିଥିବା ଅନୁମାନ କରାଯାଉଛି । ରାଜ୍ୟର ସମୁଦାୟ ୨୯୩ଟି ଆସନ ମଧ୍ୟରୁ ହାରାହାରି ପ୍ରତି ନିର୍ବାଚନ ମଣ୍ଡଳୀରୁ ୩୦,୦୦୦ ଭୋଟ୍ କମିଯାଇଛି । ଏହି ସଂଖ୍ୟାଟି ବିଜେପିର ବିଜୟ ବ୍ୟବଧାନ ସହିତ ପ୍ରାୟ ସମାନ ବୋଲି କୁହାଯାଉଛି । ବିଜେପି ଜିତିଥିବା ଆସନଗୁଡ଼ିକ ମଧ୍ୟରୁ ୧୨୮ଟି ଆସନରେ ବିଜୟ ବ୍ୟବଧାନ ୩୦,୦୦୦ ରୁ କମ୍ ରହିଛି । ୨୦୨୧ ତୁଳନାରେ ଏଥର ବିଜେପି ଅଧିକ ଆସନରେ ବଡ଼ ବ୍ୟବଧାନରେ ଜିତିବାରେ ସଫଳ ହୋଇଛି । ଶାସକ ତୃଣମୂଳ କଂଗ୍ରେସ ମାତ୍ର ୪୪ଟି ଆସନରେ ୩୦,୦୦୦ ରୁ କମ୍ ବ୍ୟବଧାନରେ ଜିତିଛି, ଯାହା ଦଳର ପୂର୍ବ ପ୍ରଦର୍ଶନ ତୁଳନାରେ ଯଥେଷ୍ଟ କମ୍ । ପ୍ରାୟ ୨୫ଟି ଆସନରେ ଭୋଟ୍ ବ୍ୟବଧାନ ଏତେ ଅସ୍ୱାଭାବିକ ଯେ, ଏହାକୁ ନେଇ ଆଗକୁ କୋର୍ଟରେ ମାମଲା ହେବାର ସମ୍ଭାବନା ରହିଛି । ଏହି ନିର୍ବାଚନରେ ବିଜେପିକୁ ତୃଣମୂଳ କଂଗ୍ରେସ ତୁଳନାରେ ପ୍ରାୟ ୩୨ ଲକ୍ଷ ଅଧିକ ଭୋଟ୍ ମିଳିଛି । ବିଜେପିକୁ ୨,୯୨,୨୪,୮୦୪ ଭୋଟ ଓ ଟିଏମସିକୁ ୨,୬୦,୧୩,୩୭୭ ଭୋଟ୍ ମିଳିଛି । ହାରାହାରି ଭାବେ ବିଜେପି ପ୍ରତି ଆସନରେ ଟିଏମସି ଠାରୁ ପ୍ରାୟ ୧୦,୯୬୦ ଭୋଟ୍ ଆଗରେ ରହିଛି । ଯଦିଓ ଭୋଟ୍ କାଟ୍ ପ୍ରକ୍ରିୟାକୁ ନେଇ ଦ୍ୱନ୍ଦ୍ୱ ରହିଛି, ବିଶେଷଜ୍ଞଙ୍କ ମତରେ ଯଦି କଟାଯାଇଥିବା ଭୋଟ୍ ସଂଖ୍ୟା ବିଜୟ ବ୍ୟବଧାନ ଠାରୁ ଅଧିକ ହୋଇଥାଏ, ତେବେ ହିଁ ତାହା ଫଳାଫଳ ଉପରେ ପ୍ରକୃତ ପ୍ରଭାବ ପକାଇଥାଏ ।

ଏହି ବିଜୟ ସହ ଭାରତର ପ୍ରାୟ ୭୮% ଜନସଂଖ୍ୟା ଏବଂ ୭୨% ଭୌଗୋଳିକ ଅଞ୍ଚଳ ଏବେ ବିଜେପି ଓ ତାହାର ସହଯୋଗୀ ଦଳଙ୍କ ଶାସନ ଅଧୀନକୁ ଆସିଛି । ମମତା ବାନାର୍ଜୀ ଏବଂ ଏମକେ ଷ୍ଟାଲିନଙ୍କ ଭଳି ପ୍ରଭାବଶାଳୀ ନେତାଙ୍କ ପରାଜୟ ବିରୋଧୀ 'ଇଣ୍ଡିଆ' ମେଣ୍ଟ ପାଇଁ ଏକ ବଡ଼ ଶକ୍ତ ଧକ୍କା ସାବ୍ୟସ୍ତ ହୋଇଛି । ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଭଳି ରାଜ୍ୟରେ ବିଜେପିର ଅଭ୍ୟୁଦୟ ବିରୋଧୀ ଦଳଗୁଡ଼ିକ ପାଇଁ ଏବେ କ୍ଷମତା ନୁହେଁ, ବରଂ ନିଜର ଅସ୍ତିତ୍ୱ ବଞ୍ଚାଇବା ଏକ ବଡ଼ ଆହ୍ୱାନ ପାଲଟିଛି । ଗାଙ୍ଗେୟ ସମତଳ ଭୂମିରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିଜେପିର ଏହି ସଫଳତା ଭାରତୀୟ ରାଜନୀତିର ଏକ ନୂତନ ଦିଗକୁ ସୂଚାଉଛି ।

ଆଇ-ପ୍ୟାକ୍ ସହ ସମ୍ପର୍କ ଛିନ୍ନ କଲେ ଅଖିଳେଶ

୨୦୨୭ ଉତ୍ତର ପ୍ରଦେଶ ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ନିର୍ବାଚନ ପରିଚାଳନା ସଂସ୍ଥା ଆଇ- ପିଏସି ବା ଆଇ- ପ୍ୟାକ୍ ସହ ଚୁକ୍ତି ବାତିଲ କରିଛନ୍ତି । ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ପରେ ଏବେ ଉତ୍ତର ପ୍ରଦେଶରେ ମଧ୍ୟ ଏହି ସଂସ୍ଥାକୁ ବଡ଼ ଝଟକା ଲାଗିଛି । ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ସଂସ୍ଥାର ସହ-ପ୍ରତିଷ୍ଠାତା ବିନେଶ ଚାନ୍ଦେଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିବା ପରେ ଏହି ସମ୍ପର୍କରେ ଫାଟ ପଡ଼ିଛି । ନିକଟରେ ଶେଷ ହୋଇଥିବା ନିର୍ବାଚନରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ଏବଂ ତାମିଲନାଡୁରେ ଡିଏମ୍‌କେର ଶୋଚନୀୟ ପରାଜୟ ପାଇଁ ଏହି ସଂସ୍ଥାର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି ।

## କ୍ରମାଗତ୧୦ମଥରବିଧାନସଭାକୁନିର୍ବାଚିତ ହେଲେ ୮୨ ବର୍ଷୀୟ ଶୋଭନଦେବ



କୋଲକାତା,୬ ।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ପରାଜିତ ହୋଇଥିଲେ ମଧ୍ୟ ଦଳର ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ ଏକ ନୂତନ ଇତିହାସ ରଚିଛନ୍ତି । ୮୨ ବର୍ଷ ବୟସରେ ସେ କ୍ରମାଗତ ଭାବେ ୧୦ମ ଥର ପାଇଁ ବିଧାୟକ ନିର୍ବାଚିତ ହୋଇଛନ୍ତି । ଶୋଭନଦେବ ବାଲିଗଞ୍ଜ ଆସନରୁ ବିଜୟୀ ହୋଇଛନ୍ତି । ସେ ହେଉଛନ୍ତି ବଙ୍ଗଳାର ଏକମାତ୍ର ନେତା ଯିଏ କ୍ରମାଗତ ୧୦ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ସେ ବିଜେପି ପ୍ରାର୍ଥୀ ଶତରୂପା ଚଟ୍ଟୋପାଧ୍ୟାୟଙ୍କୁ ୬୧,୪୭୬ ଭୋଟ୍‌ରେ ପରାସ୍ତ କରିଛନ୍ତି । କୋଲକାତାର ସମସ୍ତ ଆସନ ମଧ୍ୟରେ ଏହା ସର୍ବାଧିକ ବିଜୟ ବ୍ୟବଧାନ । ୧୯୬୦ ଦଶକରୁ ରାଜନୀତି ଆରମ୍ଭ କରିଥିବା ଶୋଭନଦେବ ୧୯୯୧ରେ ପ୍ରଥମ କରି ବିଧାୟକ ହୋଇଥିଲେ । ସେ ମମତା ବାନାର୍ଜୀଙ୍କ ଅତି ନିକଟତର ଏବଂ ତୃଣମୂଳ କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟ । ନିର୍ବାଚନ ପରିଚାଳନା ଏବଂ ଗଣତି ସମୟରେ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି । ବିରୋଧୀ ଦଳରେ ରହିଲେ ମଧ୍ୟ ଜନସାଧାରଣଙ୍କ ସେବା ଏବଂ ଅଞ୍ଚଳର ବିକାଶ ଜାରି ରଖିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।



ଫୋଗଟ୍‌ଙ୍କୁ ନୋଟିସ୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-308 ◆THURSDAY ◆07 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୦୮ ◆ଗୁରୁବାର ◆୦୭ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

### ନିର୍ବାଚନୀ ହିଂସାରେ ପଶ୍ଚିମବଙ୍ଗ ଅଶାନ୍ତ

# ଶୁଭେନ୍ଦୁଙ୍କ ପିଏଙ୍କୁ ଗୁଳି କରି ହତ୍ୟା





■ କୋଲକାତା, ୬।୫ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ହିଂସାକାଣ୍ଡ ଅସମ୍ଭାଳ ହେବାକୁ ଲାଗିଛି । ପରିସ୍ଥିତିର ମୁକାବିଲା ଲାଗି କେନ୍ଦ୍ରୀୟ ପୁଲିସ ଫୋର୍ସକୁ କୁହାଯାଇଥିବା ବେଳେ ଆଜି ରାତି ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ପିଏ (ବ୍ୟକ୍ତିଗତ ସହାୟକ)ଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଏହି ଖବର ପ୍ରଚାରିତ ହେବାପରେ ସମଗ୍ର ରାଜ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ନିହତ ପିଏ ହେଉଛନ୍ତି ଚନ୍ଦ୍ରନାଥ ରଥ ।

ମିଳିଥିବା ଖବର ଅନୁଯାୟୀ କୋଲକାତା ଠାରୁ ପ୍ରାୟ ତିନି କିଲୋମିଟର ଦୂର ଉତ୍ତର ୨୪ ପ୍ରଗଣାର ମଧ୍ୟମଗ୍ରାମରେ ଆଜି ରାତି ।।ରେ ଏହି ହତ୍ୟାକାଣ୍ଡ ଘଟିଛି । ବିରୋଧୀ ଦଳର ନେତା ଶୁଭେନ୍ଦୁଙ୍କ ପିଏ ଚନ୍ଦ୍ରନାଥ ତାଙ୍କ ସ୍କର୍ପିଓ ଗାଡ଼ିରେ ଘରକୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ ମୋଟର ସାଇକଲରେ ତାଙ୍କର ପିଛା କରିଥିଲେ । ଚନ୍ଦ୍ରନାଥ କାରର ଆଗ ସିଟରେ ବସିଥିବା ବେଳେ ଦୁର୍ବୃତ୍ତ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ । ଗୁଳି ତାଙ୍କ ମୁଣ୍ଡ ଓ ଛାତିରେ ବାଜିଥିଲା । ତାଙ୍କୁ ନିକଟବର୍ତ୍ତୀ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କ ସହ ଥିବା ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ଗୁଳିମାଡ଼ରେ ଗୁରୁତର ଭା।।ବେ ଆହତ ହୋଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ହତ୍ୟାକାରୀ ଫେରାର ହୋଇଯାଇଛନ୍ତି ଏବଂ ସେମାନଙ୍କୁ ଧରିବା ଲାଗି ପୁଲିସ ପକ୍ଷରୁ ବଡ଼ଧରଣର ଅଭିଯାନ ଆରମ୍ଭ ହୋଇଯାଇଛି । ସଂପୃକ୍ତ ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଗୁଳିକାଣ୍ଡ ସମ୍ପର୍କରେ ଖବର ପାଇ ଶୁଭେନ୍ଦୁ ମଧ୍ୟ

#### ଦୁଇଦିନରେ ଗଲାଣି ୫ ଜୀବନ

ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଚନ୍ଦ୍ରନାଥଙ୍କୁ କିଏ ଓ କାହିଁକି ହତ୍ୟା କଲା, ତାହା ଜଣାପଡ଼ିନାହିଁ । ସେ ଦୀର୍ଘ ଦଶ ବାର ବର୍ଷ ହେବ ଶୁଭେନ୍ଦୁଙ୍କ ସହଯୋଗୀ ଭାବେ କାର୍ଯ୍ୟ କରି ଆସୁଥିଲେ ।

ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାମାତ୍ରେ ରାଜ୍ୟରେ ବିଜେପି ଏବଂ ଟିଏମସି ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଯାଇଛି । ଦୁଇ ଦିନ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

## ଅପରାଧୀଙ୍କ ଆଗରେ ଶାସନ ବ୍ୟବସ୍ଥା ଏତେ ଅସହାୟ କାହିଁକି ?



#### ୩ ବର୍ଷର ଛୁଆ ଆଗରେ ଗର୍ଭବତୀ ମାଆକୁ ହତ୍ୟା; ରାଜ୍ୟବାସୀ ବିଚଳିତ

#### ସମସ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉ

#### ଶିଶୁକୁ ମିଳୁ ଉପଯୁକ୍ତ ଚିକିତ୍ସା, ଆର୍ଥିକ ସହାୟତା ଓ ପୁନର୍ବାସ ସୁବିଧା

■ ଭୁବନେଶ୍ୱର, ୬।୫ (ସମିସ): ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖରିଡ଼ା ଗାଁରେ ୨ ବର୍ଷର ଶିଶୁ ଆଗରେ ଜଣେ ଗର୍ଭବତୀ ମା'କୁ ନିର୍ମମ ହତ୍ୟାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏପରି ଜଘନ୍ୟ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ୩ ବର୍ଷର ଶିଶୁକୁ ଯଥାଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ଚିକିତ୍ସା, ଆର୍ଥିକ ସହାୟତା ଓ ପୁନର୍ବାସ ସୁବିଧା ଯୋଗାଇ ଦେବାକୁ ଚିଠିରେ ସେ ଦାବି କରିଛନ୍ତି ।

ଚିଠିରେ ନବୀନ ଲେଖିଛନ୍ତି ଯେ ଖରିଡ଼ା ଗ୍ରାମରୁ ଆସିଥିବା ଏହି ଜଘନ୍ୟ ଅପରାଧ ସମ୍ପର୍କରେ ଗଭୀର ମର୍ମାହତ ହୋଇ ଆପଣଙ୍କୁ ଚିଠି ଲେଖୁଛି । ଗଣମାଧ୍ୟମ ଏବଂ ଭାଇରାଲ ହେଉଥିବା ଭିଡିଓ ଅନୁଯାୟୀ ନିଜର ୩ ବର୍ଷର ଝିଅ ସାମ୍ନାରେ ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଭାଇ ନିର୍ମମ ଭାବେ ହତ୍ୟା କରିଛନ୍ତି । ପୀଡ଼ିତା ଜଣକ ନ୍ୟାୟ ଦାବିରେ ନିଜ ସନ୍ତାନକୁ ଧରି ତାଙ୍କ ସ୍ୱାମୀଙ୍କ ଘର ସାମ୍ନାରେ ଧାରଣାରେ ବସିଥିବା ସମୟରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ନିଜ ମା'ଙ୍କ ମୃତଦେହ ପାଖରେ ବସି ୩ ବର୍ଷର କୁନି ଝିଅଟି କାନ୍ଦୁଥିବାର ଦୃଶ୍ୟ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଦେଇଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଗୃହ ବିଭାଗର ଦାୟିତ୍ୱରେ ଥିବା ମନ୍ତ୍ରୀ ଭାବରେ ମୁଁ ଆପଣଙ୍କୁ ଅନୁରୋଧ କରୁଛି କି ଆପଣ ପୁଲିସକୁ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଏଥିସହିତ ଏହି ଅପରାଧର ସାକ୍ଷୀ ଥିବା ସେହି ୩ ବର୍ଷର ଶିଶୁ କନ୍ୟାକୁ ତୁରନ୍ତ ସରକାରୀ ସହାୟତା, କ୍ଷତିପୂରଣ ଏବଂ ଥଇଥାନ କରିବା ପାଇଁ ବ୍ୟବସ୍ଥା କରନ୍ତୁ । ପୀଡ଼ିତା ଜଣକ ଯେତେବେଳେ ନ୍ୟାୟ ପାଇଁ ଧାରଣାରେ ବସିଥିଲେ, ସେତେବେଳେ ପୁଲିସ କାହିଁକି କୌଣସି ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିନଥିଲା, ସେ ନେଇ ମଧ୍ୟ ତଦନ୍ତ କରାଯାଉ ବୋଲି ନବୀନ ଦାବି କରିଛନ୍ତି । ଏହି ଘଟଣାରେ ଅପରାଧୀମାନଙ୍କୁ ଯେପରି ଆଇନ ଅନୁଯାୟୀ କଠୋର ଦଣ୍ଡ ମିଳିବ ଏବଂ ଭବିଷ୍ୟତରେ ▶ପୃଷ୍ଠା-୭

### ତାମିଲନାଡୁରେ ଟିଭିକେ ସରକାର ଗଠନକୁ ନେଇ ଅନିଶ୍ଚିତତା

## ସଂଖ୍ୟାରେ ସନ୍ତୁଷ୍ଟ ନୁହନ୍ତି ରାଜ୍ୟପାଳ



#### ୧୧୧ ନୁହେଁ; ୧୧୮ ସମର୍ଥନ ଆବଶ୍ୟକ

#### ସମର୍ଥନ ଦେବାକୁ ମନାକଲା ଆନ୍ନାଡିଏମ୍‌କେ

#### ଆନ୍ନାଡିଏମ୍‌କେ ସହ ଡିଏମ୍‌କେର ଗୁପ୍ତ ଆଲୋଚନା

■ ଚେନ୍ନାଇ, ୬।୫ (ଏଜେନ୍ସି): ତାମିଲନାଡୁ ନିର୍ବାଚନରେ ଟିଭିକେର ବିରାଟ ବିଜୟ ସତ୍ତ୍ୱେ ସରକାର ଗଠନ ନେଇ ଅନିଶ୍ଚିତତା ଲାଗି ରହିଛି । କୌଣସି ଦଳ ବା ମେଣ୍ଟକୁ ସ୍ପଷ୍ଟ ବହୁମତ ମିଳିନାହିଁ ଏବଂ ନବଗଠିତ ଟିଭିକେକୁ ସର୍ବାଧିକ ଆସନ ମିଳିଛି । ତଥାପି ଆବଶ୍ୟକ ସଂଖ୍ୟା ଠାରୁ ଏହା ଦୂରରେ ରହିଥିବାରୁ ରାଜନୈତିକ ଅନିଶ୍ଚିତତା ଦେଖାଦେଇଛି । ସରକାର ଗଠନ ପାଇଁ ୧୧୮ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ ଟିଭିକେ ଜିତିଛି ୧୦୮ ଆସନ । ବିଜୟ ଦୁଇଟି ଆସନରେ ଜିତିଥିବାରୁ ଟିଭିକେ ବିଧାୟକ ସଂଖ୍ୟା ୧୦୭ରେ ସୀମିତ ରହିଯାଉଛି । ଆହୁରି ୧୧ ବିଧାୟକଙ୍କ ସମର୍ଥନ ଯୋଗାଡ଼ କରିବା ଲାଗି ଟିଭିକେ ପକ୍ଷରୁ ଉଦ୍ୟମ ଜାରି ରହିଛି । କଂଗ୍ରେସର ୫ ବିଧାୟକ ସମର୍ଥନ ଦେବାକୁ ଘୋଷଣା କରିଥିଲେ ମଧ୍ୟ ଆହୁରି ୬ ବିଧାୟକଙ୍କ ଅଭାବ ପଡୁଛି । ତେବେ ଏଭଳି ପରିସ୍ଥିତିରେ ଆନ୍ନାଡିଏମକେ ସମର୍ଥନ ଦେବାକୁ ମନା କରିଦେଇଥିବା ବେଳେ ଅନ୍ୟ ଛୋଟ ଛୋଟ ଦଳଙ୍କ ସହିତ ଟିଭିକେ ନେତାମାନେ କଥାବାର୍ତ୍ତା ଚଳାଇଥିବାର ଖବର ମିଳିଛି ।

ଟିଭିକେ ମୁଖ୍ୟ ବିଜୟ ଆଜି ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ । ସେ ୧୧୨ ଜଣ ବିଧାୟକଙ୍କ ତାଲିକା ରାଜ୍ୟପାଳଙ୍କୁ ଦେଇଥିଲେ । ଏଥିରେ କଂଗ୍ରେସର ସମର୍ଥନପତ୍ର ବି ରହିଛି । ଆସ୍ଥା ଭୋଟ ବେଳେ ସେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ବୋଲି ବିଜୟ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ରାଜ୍ୟପାଳ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିବାକୁ ମନା କରିଦେଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ ବିଜୟ ଯେଉଁଦିନ ୧୧୮ ବିଧାୟକଙ୍କ ତାଲିକା ଧରି ଆସିବେ, ସେହିଦିନ ତାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯିବ । ରାଜ୍ୟପାଳଙ୍କ ଏଭଳି ଆଭିମୁଖ୍ୟ ପରେ ଆସନ୍ତାକାଲି ହେବାକୁ ଥିବା ଶପଥପାଠ ଉତ୍ସବକୁ ସ୍ଥଗିତ ରଖିଛନ୍ତି ବିଜୟ ।

ଇତିମଧ୍ୟରେ ବିଜୟଙ୍କୁ ସମର୍ଥନ ପ୍ରସଙ୍ଗରେ ତାମିଲନାଡୁରେ ରାଜନୀତି ସରଗରମ ହୋଇଉଠିଛି । ଡିଏମକେ ହାତ ଛାଡ଼ି କଂଗ୍ରେସ ବିଜୟଙ୍କୁ ସମର୍ଥନ କରୁଥିବାରୁ ଡିଏମକେ ଏହାର ସମାଲୋଚନା କରିଛି । ପୁଣି ଡିଏମକେ ସହ ମେଣ୍ଟ କରିଥିବା ଅନ୍ୟ ୪ଟି ଦଳ ସିପିଆଇ, ସିପିଆଇ(ଏମ), ସିଭିକେ ଏବଂ ମୁସଲିମ ଲିଗ ମଧ୍ୟ କଂଗ୍ରେସ ରାସ୍ତାରେ ଯାଇ ଟିଭିକେକୁ ସମର୍ଥନ କରିପାରନ୍ତି ବୋଲି ଶୁଣାଯାଉଛି । ଟିଭିକେ ନେତା ସେମାନଙ୍କ ସହିତ ଆଲୋଚନା ଚଳାଇଛନ୍ତି । ସେମାନଙ୍କର ୮ ଜଣ ବିଧାୟକ ଅଛନ୍ତି । ଏମାନେ ସମର୍ଥନ କଲେ ଟିଭିକେ ତାଲିକା ୧୨୦କୁ ବୃଦ୍ଧି ପାଇବ । ଆସନ୍ତା ୮ ତାରିଖ ସୁଦ୍ଧା ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବେ ବୋଲି କହିଛନ୍ତି । ଦୁଇଟି ଆସନ ଜିତିଥିବା ଭିସିକେ ମଧ୍ୟ ଆଭ୍ୟନ୍ତରୀଣ ଆଲୋଚନା ଜାରି ରଖିଛି ।

ଅନ୍ୟପକ୍ଷରେ ଆନ୍ନାଡିଏମ୍‌କେର ୪୭ ଜଣ ବିଧାୟକଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ବିଜୟଙ୍କୁ ସମର୍ଥନ ଦେଇପାରନ୍ତି ବୋଲି ଚର୍ଚ୍ଚା ଚାଲିଥିବା ବେଳେ ଏହାକୁ ଦଳ ପକ୍ଷରୁ ଖଣ୍ଡନ କରାଯାଇଛି । ଦଳ ▶ପୃଷ୍ଠା-୭

## ବନ୍ଦରଭିତ୍ତିକ ବିକାଶ ପୂର୍ବ ଭାରତର ପ୍ରଗତିକୁ ଆଗେଇ ନେବ: ମୁଖ୍ୟମନ୍ତ୍ରୀ




#### ସମନ୍ୱିତ ହେବ ପଶ୍ଚିମ ଉପକୂଳର ଦକ୍ଷତା ଓ ପୂର୍ବ ଉପକୂଳର ସୁଯୋଗ

■ ଭୁବନେଶ୍ୱର, ୬।୫ (ସମିସ): ଭାରତର ବିକାଶ ଏକପାଖିଆ ହୋଇ ରହିପାରିବ ନାହିଁ । ଶିଳ୍ପ ସମ୍ପ୍ରସାରଣର ଆଗାମୀ ପର୍ଯ୍ୟାୟ ପୂର୍ବ ଉପକୂଳ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ପଶ୍ଚିମ ଉପକୂଳର ଦକ୍ଷତା ଓ ପୂର୍ବ ଉପକୂଳର ସୁଯୋଗ ସମନ୍ୱିତ କରି ଶିଳ୍ପ ସମ୍ପ୍ରସାରଣ ନିମନ୍ତେ ଗୁଜରାଟରେ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଆଜି ମୁଖ୍ୟମନ୍ତ୍ରୀ ମୁନ୍ଦ୍ରା ବନ୍ଦର ପରିଦର୍ଶନ ଅବସରରେ ବିଭିନ୍ନ ଶିଳ୍ପ ପ୍ରତିନିଧି ଓ ଶିଳ୍ପପତିମାନଙ୍କୁ ସମ୍ବୋଧନ କରି ଦେଶର ଅଭିବୃଦ୍ଧି ରଣନୀତିରେ ଢ଼ାଞ୍ଚାଗତ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି । ବିଶ୍ୱର ଶିଳ୍ପ ଇକୋସିଷ୍ଟମର ପ୍ରତିଯୋଗିତାମୂଳକ ପରିବେଶରେ ଭାରତ ଯେପରି ଦୀର୍ଘକାଳୀନ ଭାବେ ଦକ୍ଷତାର ସହ ଅଭିବୃଦ୍ଧି ▶ପୃଷ୍ଠା-୭

## 'ବନ୍ଦେ ମାତରମ୍'କୁ ଅପମାନ କଲେ ଜେଲ୍

■ ନୂଆଦିଲ୍ଲୀ, ୬।୫ (ଏଜେନ୍ସି): ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ଏବେ ଜାତୀୟ ଗୀତ 'ବନ୍ଦେ ମାତରମ୍' କୁ ମଧ୍ୟ ସମାନ ମର୍ଯ୍ୟାଦା ମିଳିବ । ଏଣିକି 'ବନ୍ଦେ ମାତରମ୍'କୁ ଅପମାନିତ କଲେ କଠୋର ଦଣ୍ଡ ସହ ଜେଲ୍ ଯିବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ର କ୍ୟାବିନେଟ୍ 'ଜାତୀୟ ସମ୍ମାନ ଅପମାନ ପ୍ରତିରୋଧ ଅଧିନିୟମ, ୧୯୭୧'ରେ ସଂଶୋଧନ ପାଇଁ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ସମାନ ମାନ୍ୟତା ଦିଆଯାଇଛି । ଯଦି କେହି ଜାଣିଶୁଣି ଏହି ଗୀତ ଗାନ କରିବାରେ ବାଧା ସୃଷ୍ଟି କରନ୍ତି ବା ଏହାର ଅସମ୍ମାନ କରନ୍ତି, ତେବେ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟ ଦଣ୍ଡ ମିଳିପାରେ । ଯଦି କେହି ଦ୍ୱିତୀୟ ଥର ଏହି ଅପରାଧ କରନ୍ତି, ତେବେ ଅତିକମରେ ଏକ ବର୍ଷର କାରାଦଣ୍ଡ ଭୋଗିବାକୁ ପଡ଼ିବ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ଐତିହାସିକ ବିଜୟର ଠିକ୍ ପରଦିନ ଏହି ପଦକ୍ଷେପ ନିଆଯାଇଛି । ଗତ ବର୍ଷ 'ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ' ଅବସରରେ ସଂସଦରେ ଏହାକୁ ଜାତୀୟ ସଙ୍ଗୀତ ସହ ସମାନ ମର୍ଯ୍ୟାଦା ଦେବା ପାଇଁ ଦାବି ଉଠିଥିଲା ।

### ମହୁ ସଂଗ୍ରହ କରିବାକୁ ଯାଇ ପଥରରେ ଫସିଲା ନାବାଳକ

## ୮ ଘଣ୍ଟା ପରେ 'ଅପରେସନ୍ ଶିବୁ' ସଫଳ



#### ଅଗ୍ନିଶମ କର୍ମଚାରୀଙ୍କୁ ନବୀନଙ୍କ ଶୁଭେଚ୍ଛା

■ ଓଡ଼ଗାଁ, ୬।୫ (ସମିସ): ମହୁ ସଂଗ୍ରହ କରୁଥିବା ବେଳେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଶରଧାପୁର ପଞ୍ଚାୟତ ଚୋରଖୋଲ ପାହାଡ଼ରେ ଜଣେ ୧୩ ବର୍ଷୀୟ ନାବାଳକର ମୁଣ୍ଡ ପଥର ସନ୍ଧିରେ ଫସିଯାଇଥିଲା । ପ୍ରାୟ ୮ ଘଣ୍ଟା ଧରି ଜୀବନମୃତ୍ୟୁ ସହ ସଂଘର୍ଷ କରିଥିଲା ନାବାଳକ । ଓଡ଼ଗାଁ, ନୟାଗଡ଼ ଓ ଭୁବନେଶ୍ୱର ଅଗ୍ନିଶମ ବାହିନୀର ଅକ୍ଲାନ୍ତ ପରିଶ୍ରମ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶେଷରେ ସଫଳ ହୋଇଛି "ଅପରେସନ ଶିବୁ' । ଉଦ୍ଧାର ପରେ ନାବାଳକକୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା ।

ଶରଧାପୁର ପଞ୍ଚାୟତ କାଣୀପଡ଼ା ନିକଟ ଗଜେନ୍ଦ୍ରପଲ୍ଲୀ ଗ୍ରାମର ଶିବୁ ପ୍ରଧାନ (୧୩) ପରିବାର ପେଟପାଟଣା ପାଇଁ ପ୍ରତିଦିନ ପରି ବୁଧବାର ସକାଳେ ଚୋରଖୋଲ ପାହାଡ଼କୁ ମହୁ ସଂଗ୍ରହ କରିବାକୁ ଯାଇଥିଲା । ଭୂମିଠାରୁ ପ୍ରାୟ ୧୫୦ ମିଟର ଉଚ୍ଚରେ ଥିବା ଏକ ସଂକୀର୍ଣ୍ଣ ପଥର ସନ୍ଧିରେ ପଶି ସେ ମହୁ ସଂଗ୍ରହ କରୁଥିଲା । ଦୁଇଥର ସଫଳତାର ସହ ମହୁ ସଂଗ୍ରହ କରିବା ପରେ ପୁନର୍ବାର ଭିତରକୁ ପଶିଥିବା ବେଳେ ଶରୀର ସନ୍ତୁଳନ ହରାଇ ତା'ର ମୁଣ୍ଡ ପଥର ସନ୍ଧିରେ ଫସିଯାଇଥିଲା । ▶ପୃଷ୍ଠା-୭

### ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ନିଆଁ

# ନାତୁଣୀ ସହ ଜିଅନ୍ତା ଜଳିଗଲେ ବୃଦ୍ଧ ଦମ୍ପତି







#### ଇଲେକ୍ଟ୍ରିକ୍ ପ୍ୟାନେଲ୍ ବୋର୍ଡ ବ୍ଲାଷ୍ଟରୁ ଅଗ୍ନିକାଣ୍ଡ

#### ଆପାର୍ଟମେଣ୍ଟରେ ନ ଥିଲା ଅଗ୍ନି ନିରାପତ୍ତା ବ୍ୟବସ୍ଥା

■ ଭୁବନେଶ୍ୱର ୬।୫ (ସମିସ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ସର୍ଟସର୍କିଟରୁ ହୋଇଥିବା ଏହି ଅଗ୍ନିକାଣ୍ଡ କେବଳ ଆସବାବପତ୍ରକୁ ନଷ୍ଟ କରିନାହିଁ; ବରଂ ୩ଟି ଜୀବନ ନେଇ ଯାଇଛି । ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ଏକ ସାଧାରଣ ପରିବାରର ସ୍ୱପ୍ନକୁ ମାଟିରେ ମିଶାଇ ଦେଇଛି । ଆପାର୍ଟମେଣ୍ଟର କେୟାରଟେକର, ତାଙ୍କ ପତ୍ନୀ ଓ ନାତୁଣୀ (ପୁଅର ଝିଅ) ପ୍ରାଣ ହରାଇଛନ୍ତି । ମୃତକମାନେ ହେଲେ ବିଶ୍ୱନାଥ ବେହେରା (୭୦), ସୁଲଭା ବେହେରା (୬୫) ଓ ତେଜସ୍ୱିନୀ ବେହେରା (୧୦) ।

ସୂଚନା ଅନୁସାରେ, ଖୋର୍ଦ୍ଧା ସଦର ଥାନା ବ୍ରଜମୋହନପୁର ପଞ୍ଚାୟତ ଷଢ଼େଇଗଡ଼ ଗାଁର ବିଶ୍ୱନାଥ ଦୀର୍ଘ ୧୪ ବର୍ଷ ହେବ ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ କେୟାର ଟେକର ଭାବେ କାମ କରୁଥିଲେ । ୪ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ତଳ ମହଲାର ଲିଫ୍ଟକୁ ଲାଗିକରି ଥିବା ଗୋଟିକିଆ କୋଠରିରେ ବିଶ୍ୱନାଥ ଓ ତାଙ୍କ ପତ୍ନୀ ସୁଲଭା ରହୁଥିଲେ । ସେପଟେ ବିଶ୍ୱନାଥଙ୍କ ନାତୁଣୀ ତେଜସ୍ୱିନୀ ତୃତୀୟ ଶ୍ରେଣୀ ପରୀକ୍ଷା ପରେ ଖରା ଛୁଟି ଥିବାରୁ ୪/୫ ଦିନ ପୂର୍ବରୁ ଜେଜେ ଓ ମାଆଙ୍କ ପାଖକୁ ବୁଲିବାକୁ ଆସିଥିଲା । ସବୁଦିନ ଭଳି ମଙ୍ଗଳବାର ରାତିରେ ବିଶ୍ୱନାଥ, ପତ୍ନୀ ସୁଲଭା ଓ ନାତୁଣୀ ତେଜସ୍ୱିନୀ ଖାଇପିଇ ଶୋଇଥିଲେ । ରାତି ପ୍ରାୟ ୩ଟା ବେଳକୁ ହଠାତ୍ ସର୍ଟସର୍କିଟ ହୋଇ ଲିଫ୍ଟ ପାଖରେ ଥିବା ଇଲେକ୍ଟ୍ରିକ୍ ପ୍ୟାନେଲ ବୋର୍ଡରେ ବ୍ଲାଷ୍ଟ ହୋଇଥିଲା । ପ୍ୟାନେଲରୁ ନିଆଁ ବାହାରି ଧୀରେ ଧୀରେ ସିଲିଂକୁ ଲାଗିଥିଲା । ସିଲିଂରେ ଥର୍ମୋକୁଲ ଭଳି ଦହନଶୀଳ ପଦାର୍ଥ ଥିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପି କ୍ଷଣିକ ମଧ୍ୟରେ ଲିଫ୍ଟ ସାମ୍ନା ସିଲିଂକୁ ପୋଡ଼ି ବିଶ୍ୱନାଥଙ୍କ ଦୁଆର ମୁହଁରେ ରଖା ▶ପୃଷ୍ଠା-୭

### ରେକର୍ଡ ସ୍ତରରେ ଏଲ୍‌ଏନ୍‌ଜି ମୂଲ୍ୟ

## ୨୦୦ ଟଙ୍କା ବଢ଼ିପାରେ ଘରୋଇ ଗ୍ୟାସ୍ ସିଲିଣ୍ଡର



■ ନୂଆଦିଲ୍ଲୀ, ୬।୫ (ଏଜେନ୍ସି): ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ସହ ଯୁଝୁଥିବା ଖାଉଟିଙ୍କୁ ଆଗକୁ ଆଉ ଏକ ବଡ଼ ଝଟ୍‌କା ଲାଗିବାକୁ ଯାଉଛି । କାରଣ ପୁଣି ଥରେ ଦେଶରେ ଏଲ୍‌ପିଜି ସିଲିଣ୍ଡର ମହଙ୍ଗା ହେବାକୁ ଯାଉଛି । ଏଥର ଆଉ ୫୦ କି ୧୦୦ ଟଙ୍କା ନୁହେଁ । ଗ୍ୟାସ୍ ଦର ଏକାଥରକେ ସିଲିଣ୍ଡର ପିଛା ୨୦୦ ଟଙ୍କା ବଢ଼ିବାକୁ ଯାଉଥିବା ଜଣାପଡିଛି । ରାଜ୍ୟ ଚାଲିଥିବା ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ସରକାର ଦର ବୃଦ୍ଧିକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିଥିଲେ । ଏବେ ନିର୍ବାଚନ ଶେଷ ହୋଇଥିବାରୁ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି ଘଟିବା ସୁନିଶ୍ଚିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ଚଳିତମାସ ପ୍ରାରମ୍ଭରେ କେନ୍ଦ୍ର ସରକାର ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ୯୯୩ ଟଙ୍କା ବୃଦ୍ଧି ଘଟାଇଥିଲେ, ଯାହାକି ଗୋଟିଏ ଥରରେ ହୋଇଥିବା ବୃଦ୍ଧିର ଏକ ରେକର୍ଡ । ଏହା ପୂର୍ବରୁ ମାର୍ଚ୍ଚ ମାସରେ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୬୦ ଟଙ୍କା ବୃଦ୍ଧି ପାଇଥିଲା । ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ହୋଇଥିବା ଏହି ବୃଦ୍ଧି ଯୋଗୁଁ ଲୋକଙ୍କ ପାଇଁ ବାହାରେ ଖାଇବା ମହଙ୍ଗା ହୋଇଯାଇଛି । ହୋଟେଲଠାରୁ ରେସ୍ତୋରାଁ ଏବଂ ଠେଲା ଗାଡ଼ି ଜଳଖିଆ ସବୁ କିଛି ମହଙ୍ଗା ହୋଇଯାଇଛି । ଏଥିସହ ଏଲ୍‌ପିଜି ସିଲିଣ୍ଡର ଯୋଗାଣରେ ସମସ୍ୟା ଖାଉଟିଙ୍କ ଉପରେ 'ବେଡି ଉପରେ କୋରଡା ମାଡ଼' ସଦୃଶ ହୋଇଛି । ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ଦେଶରେ କେବଳ ତେଲ ସଙ୍କଟ ନୁହେଁ, ଏଲ୍‌ପିଜି ଗ୍ୟାସ୍ ସମସ୍ୟା ମଧ୍ୟ ସୃଷ୍ଟି କରିଛି । ଯୋଗାଣ ପ୍ରତିବନ୍ଧକ ଯୋଗୁଁ ସମ୍ପ୍ରତି ବିଶ୍ୱବ୍ୟାପୀ ଏଲ୍‌ଏନ୍‌ଜି ମୂଲ୍ୟ ଗତ ▶ପୃଷ୍ଠା-୭

**● ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ**

## ୪ ଛାତ୍ରୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ



ଖମାର,୬।୫(ସମିସ): ମାଟ୍ରିକ ପରୀକ୍ଷାରେ ପାଲଲହଡ଼ା ବ୍ଲକ୍ ଖାମର ପଞ୍ଚାୟତ ଓଡ଼ଶ ଆଞ୍ଚଳିକ ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି। ରାଜଲକ୍ଷ୍ମୀ ସାହୁ ୫୫୧ ନମ୍ବର୍ ରଖି ବ୍ଲକ ଟପ୍ପର ହୋଇଛନ୍ତି। ମୋଟ ୮୪ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଏ-୧ଗ୍ରେଡ୍‌ରେ ୪ ଜଣ ଏ-୨ରେ ୨୦ ଜଣ, ବି-୧ରେ ୨୨ଜଣ ବି-୨ରେ ୨୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ରାଉତ, ଶିକ୍ଷକ ସୁଶାନ୍ତ ଗଡ଼ନାୟକ, ହେମନ୍ତ ସାହୁ, ବାସନ୍ତୀ ବିଶ୍ୱାଳ କନ୍ଦର୍ପ ଦେହୁରୀ, ବିଦ୍ୟୁଲତା ପାଣିଗ୍ରାହୀ, ସଞ୍ଜୀବ ସାହୁ ପ୍ରମୁଖ ଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡାକ୍ତରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ



ବଅଁରପାଳ,୬।୫(ସମିସ): ବଅଁରପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଡାକ୍ତରଙ୍କ ମନମାନି ଓ ବ୍ୟବହାରକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ କୁମାର ବିଶୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ତାଙ୍କୁ ଅପମାନିତ କରାଯିବା ସହ ଗାଳିଗୁଲଜ କରି ତଡ଼ି ଦିଆଯାଇଛି। ଏହି ଘଟଣା ପରେ ପ୍ରଶ୍ନ ଉଠିଛି ଯେ ଯଦି ଗଣମାଧ୍ୟମ ପ୍ରତିନିଧିମାନେ ଏପରି ବ୍ୟବହାରର ସମ୍ମୁଖୀନ ହେଉଛନ୍ତି, ତେବେ ସାଧାରଣ ରୋଗୀ ଓ ଲୋକମାନେ କିପରି ସେବା ପାଉଥିବେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସହ ସଭ୍ୟ ବ୍ୟବହାର ଓ ଜବାବଦେହୀ ରକ୍ଷା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଅଁରପାଳ ବ୍ଲକ ସାମ୍ବାଦିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡା. ପ୍ରଧାନ କହିଛନ୍ତି।

## ଅନୁଗୋଳ ଆଗମନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ,୬।୫(ସମିସ): ୧୯୩୪ ମସିହା ମେ ୬ ତାରିଖ ମହାତ୍ମା ଗାନ୍ଧୀ ବାମୁର ଡାକବଙ୍ଗଳାରୁ ଅନୁଗୋଳ ଅଭିମୁଖେ ଆସିଥିଲେ। ଗାନ୍ଧିଜୀଙ୍କ ଏହି ଗସ୍ତକୁ ସ୍ମରଣୀୟ କରିବା ପାଇଁ ବାଜି ରାଉତ ଛାତ୍ରାବାସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଶିମିଳିପଡ଼ା ପାଞ୍ଚ ଛକିଆ ଗାନ୍ଧୀ ସ୍ମୃତି ପୀଠରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସମାଜସେବୀ କ୍ରିଷ୍ଣା ମହାନ୍ତି, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଡ. ନନ୍ଦକିଶୋର ମହାକୁଡ଼, ଡ. ରମାମଞ୍ଜରୀ ସାହୁ, ଇଂ ଧନେଶ୍ୱର ସାହୁ, ପିଟିସିର ବରିଷ୍ଠ ଅଧିକାରୀ ଏସ. ସରିଫୁଦ୍ଦିନ, ଅଦ୍ୟାଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, ବ୍ରହ୍ମଜ୍ୟୋତି ମିଶ୍ର, ସେଚ୍ଛାସେବୀ ତ୍ରେତାନନ୍ଦ ସାମନ୍ତ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଅନୁଗୋଳ ଆଗମନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେତେବେଳେ ଅନୁଗୋଳର ଡେପୁଟି କମିଶନର ଗାନ୍ଧୀଙ୍କୁ ଅନୁଗୋଳ ସହର ଭିତରେ ପୂରେଇ ନ ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେଣୁ ସହର ବାହାରେ ରାଣିଗୋଡ଼ା ଆମ୍ବତୋଟାରେ ଗାନ୍ଧୀଙ୍କୁ ପ୍ରାୟ ୨୦ ହଜାର ଲୋକ ସ୍ୱାଗତ କରିଥିଲେ। ନିଶା ତ୍ୟାଗ କରିବା ଏବଂ ଅସ୍ପୃଶ୍ୟତା ଦୂର ପାଇଁ ଗାନ୍ଧୀ ଲୋକଙ୍କୁ ବୁଝାଇଥିଲେ। ଲିପିକା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂତାକଟା ସହ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। ସ୍ୱେଚ୍ଛାସେବୀ ପ୍ରବୀର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସାତକୋଶିଆ ଅଭୟାରଣ୍ୟ ବନବିଭାଗରେ ମହାଦୁର୍ନୀତି ଅଭିଯୋଗ**

# ସନ୍ଦେହରେ ବନ ବିଭାଗ କର୍ମଚାରୀଙ୍କ କାର୍ଯ୍ୟକଳାପ

ଅନୁଗୋଳ,୬।୫(ସମିସ):








'ଖଜୁରୀ ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ', ଏହା ଏକ ଓଡ଼ିଆ ଢଗ ଏବଂ ଏହାର ଉପଯୁକ୍ତ ବ୍ୟବହାର ସାତକୋଶିଆ ଅଭୟାରଣ୍ୟର ବନ ବିଭାଗରେ କରାଯାଇପାରେ। ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଥିବାର ଲମ୍ବା ଅଭିଯୋଗ, ହେଲେ ଶୁଣୁଛି କିଏ? ରକ୍ଷକ ଯଦି ଭକ୍ଷକ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ କିଏ? ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାଙ୍କ କହିବା କଥା, ଯଦିଓ ପୂର୍ବତନ ବନଖଣ୍ଡ ଅଧିକାରୀଙ୍କ ନାମରେ ଅନେକ ଅଭିଯୋଗ ରହିଛି, ତଥାପି ସେ ସମୟରେ କିଛି କିଛି କାମ ହେଉଥିଲା। କିନ୍ତୁ ବର୍ତ୍ତମାନର ବନଖଣ୍ଡ ଅଧିକାରୀଙ୍କ ସମୟରେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ବନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଦୁର୍ନୀତି ସବୁ ସୀମା ଟପିଗଲାଣି। ଯେପରି କି ପ୍ରତିବର୍ଷ ବର୍ଷାରେ ଅଭୟରଣ୍ୟ ଭିତରେ ଥିବା ରାସ୍ତା ସବୁ ଧୋଇ ହୋଇଯାଇଥାଏ ଓ ବନ ବିଭାଗ କର୍ମଚାରୀମାନେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି, ତେଣୁ ପ୍ରତିବର୍ଷ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚ ହୁଏ। ବନ ବିଭାଗର ଏହା ଏକ ଚିରାଚରିତ କାର୍ଯ୍ୟ। ଜଙ୍ଗଲ ଭିତରେ ବର୍ଷା ପାଣିରେ ଧୋଇ ହୋଇଯାଇଥିବା ରାସ୍ତାରେ ପୁଣି ଥରେ ମୋରମ୍ ମାଟି ବିଛାଯାଇ, ମେସିନ ସାହାଯ୍ୟରେ ରାସ୍ତାକୁ ସମତୁଲ କରି ଯାତାୟାତ ଉପଯୋଗୀ କରାଯାଏ। କିନ୍ତୁ ଏବେ ଜଙ୍ଗଲ ଭିତରେ ଥିବା ରାସ୍ତା, ଯଥା ପାମ୍ପାସର, ଲବଙ୍ଗି, ରାଇଗୁଡ଼ା, କୁଆଧୂଳି, ଭୂର୍ଖୁଣ୍ଡି, ଟୁଲୁକା, ଚୁନାଭାଟି, କଟରଙ୍ଗ, ଅସନବହାଳି, ମଝିପଡ଼ା, ବିନିକେୟୀ, ତରଭା, ବାଘମୁଣ୍ଡା ଆଦି ଅନେକ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାରେ ମୋରମ ବିଛା ନ ଯାଇ କେବଳ ମେସିନ ସାହାଯ୍ୟରେ ବ୍ଲେଡ ମାରି, ଖାଲଢିପକୁ ସମତୁଲ କରି, ମୋରମ୍ ମାଟିର ମିଥ୍ୟା ବିଲ୍ ତଥା ମେସିନର ବିଲ କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଛି। ବିଭାଗର କିଛି ତଳିଆ କର୍ମଚାରୀ ନିଜ ପରିଚୟ ଗୋପନ ରଖି ସୂଚନା ଦେଇଛନ୍ତି ଯେ ସବୁ ରାସ୍ତା କାମର ୨୦ରୁ ୨୫ ପ୍ରତିଶତ ଠିକାଦାରଙ୍କୁ ଦେଇ ଅବଶିଷ୍ଟ ୮୦ରୁ ୭୫ ପ୍ରତିଶତ ଅର୍ଥ ବନ ବିଭାଗର ଉଚ୍ଚ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ନିଜ ଭିତରେ ଭାଗ ବାଣ୍ଟି ନେଉଛନ୍ତି। ଆଗରୁ ୩୦ ପ୍ରତିଶତ ଉପୁରି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନେଉଥିଲା ବେଳେ ଏବେ ତାହା ୭୦ ପ୍ରତିଶତରେ ପହଞ୍ଚିଲାଣି। ବିରାଡ଼ି କପାଳକୁ ଶିକା ଛିଣ୍ଡିଲା ପରି ଜଙ୍ଗଲ ଭିତରୁ ଗ୍ରାମ ସବୁକୁ ଉଚ୍ଛେଦ କରିବା ପରେ କୋର୍ ଏରିଆକୁ ସ୍ଥାନୀୟ ବାସିନ୍ଦା, ଜନସାଧାରଣ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ, ପରିବେଶ ଓ ପ୍ରକୃତି ପ୍ରେମୀଙ୍କୁ ପ୍ରବେଶ ନିଷେଧ କରି ବନ ବିଭାଗ କର୍ମଚାରୀ ଯେ ତା' ଭିତରେ ବିଭିନ୍ନ କଳେଙ୍କାରୀ କରି ଦୁର୍ନୀତିରେ ସଂଶ୍ଳିଷ୍ଟ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ଆଉ ଗୋଟିଏ ବିଶେଷ ତଥ୍ୟ ହେଲା ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେରେ ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ବ୍ୟବହାର ନିମନ୍ତେ ଜଳାଶୟ ମାନ ଖୋଳାଯାଇଥାଏ। ପୂର୍ବବର୍ଷଗୁଡ଼ିକରେ ଗୋଟିଏ ଗୋଟିଏ ଜଳାଶୟ ଖୋଳିବା ନିମନ୍ତେ ବ୍ୟୟ ଅଟକଳ ରାଶି ୮ଲକ୍ଷ ଥିବା ବେଳେ ଠିକାଦାରଙ୍କୁ ୪ଲକ୍ଷ ଦିଆଯାଉଥିଲା, ଏବଂ ଅବଶିଷ୍ଟ ୪ଲକ୍ଷ ଟଙ୍କା ଚଳୁ କରିଦିଆଯାଉଥିଲା ବେଳେ ଏ ବର୍ଷ କିନ୍ତୁ ଶୁଣାଯାଉଛି ଯେ ବନ ବିଭାଗ ଅଧିକାରୀମାନେ ଠିକାଦାରଙ୍କୁ ୮ଲକ୍ଷ ବ୍ୟୟ ଅଟକଳ ଥିବା ଜଳାଶୟ ଖନନ କାର୍ଯ୍ୟ ପାଇଁ ୨.୮ ଲକ୍ଷ ଟଙ୍କାରେ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଫଳରେ କୌଣସି ଠିକାଦାର ଏତେ ସ୍ୱଳ୍ପ ଅର୍ଥରେ ଜଳାଶୟ ଖନନ କାର୍ଯ୍ୟ କରିବାକୁ ରାଜି ହେଉନାହାନ୍ତି। ଏତେ ସବୁ ଅଭିଯୋଗ ସତ୍ତ୍ୱେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ସୂଚନାଯୋଗ୍ୟ, ବନ ବିଭାଗ ଏପରି ଏକ ବିଭାଗ, ଯେଉଁଥିରେ ଅଡିଟ କେବଳ ନିଜ ବିଭାଗର ଅଧିକାରୀଙ୍କ ଦ୍ୱାରା ହୋଇଥାଏ। ତେଣୁ ବିଭାଗର କୌଣସି ଦୁର୍ନୀତି ବାହାରକୁ ଆସି ନ ଥାଏ କି ସର୍ବସାଧାରଣରେ ପ୍ରକାଶ ହୋଇ ନ ଥାଏ। ଯେମିତି କି ସତକୋଶିରେ ବ୍ୟାଘ୍ର ପ୍ରକଳ୍ପ ଯୋଜନାରେ ସୁନ୍ଦରୀ ଓ ମହାବୀର ମହାବଳ ବାଘଙ୍କ ପାଇଁ କେତେ ଯେ ସରକାରୀ ଅର୍ଥ ବରବାଦ ହୋଇ ଯୋଜନାଟି ବିଫଳ ହେବା ସତ୍ତ୍ୱେ ବିଭାଗର ଉତ୍ତରଦାୟୀ ଥିବା କୌଣସି କର୍ମଚାରୀଙ୍କ ଉପରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଘଟଣା ଟିକୁ ଅତ୍ୟନ୍ତ ସହଜ ଭାବେ ଚାପି ଦିଆଗଲା। ତେଣୁ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଅଧିକାରୀମାନେ ବେଫିକର ଭାବେ ମନମୁଖି କର୍ଯ୍ୟ ଜାରି ରଖିଛନ୍ତି। ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ପୂର୍ବରୁ ପର୍ଯ୍ୟଟନ ବିଭାଗକୁ ଆସିଥିବା ପ୍ରାୟ ୧୦୦ କୋଟି ଟଙ୍କା ଫେରିଯାଇଥିବା ବେଳେ ଏବେ ପୁଣି ୧୦୦ କୋଟି ଟଙ୍କା ଆସିଛି। ଏହି ଅର୍ଥରୁ କେତେ ଟଙ୍କାର କାମ ହେବ ଓ କେତେ ବାଟମାରଣା ହେବ ସେ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

## ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଚଢ଼ଉ

ତାଳଚେର,୬।୫(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ଓ ଦାସନାଳୀ ବ୍ରାହ୍ମଣୀ ନଦୀପଠାରୁ ବେଆଇ ଭାବେ ମାଫିଆମାନେ ବାଲି ଚାଲାଣ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଖଣିବିଭାଗ ତତ୍ପରତା ଦେଖାଇଛି। ବୁଧବାର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ଉ କରାଯାଇ ସନ୍ଥପଡ଼ା ଓ ଦାସନାଳୀ ଘାଟରୁ ଚୋରାବାଲି ଜବତ କରାଯାଇଛି। ତାଳଚେର ତହସିଲ ଅଞ୍ଚଳରେ ଥିବା ଉକ୍ତ ଦୁଇଘାଟ ସହ ଅନ୍ୟ ଘାଟରୁ ଦୈନିକ ଲକ୍ଷାଧିକ ଟଙ୍କାର ଚୋରାବାଲି ଚାଲାଣ ହୋଇଆସୁଛି। ଏ ନେଇ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଏପରିକି ଦିନ ଦ୍ୱିପ୍ରହରରେ ବାଲିଘାଟଗୁଡ଼ିକରୁ ବିନା ଟିପିରେ ଉଚ୍ଚ ଦରରେ ବାଲିମାଫିଆମାନେ ବାଲି ବିକ୍ରି କରି କୋଟି କୋଟି ଟଙ୍କା ରୋଜଗର କରୁଥିବା ବେଳେ ଏହି ଅର୍ଥରୁ କିଛି ବାବୁଭାଇମାନଙ୍କୁ ପ୍ରଦାନ କରୁଥିବାରୁ ଚଢ଼ଉ ହେଉନାହିଁ। ଫଳରେ ବାଲି ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହେଉଛି। ତେବେ ଖବର ପ୍ରକାଶ ପାଇବା ପରେ ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ର ଦଳାଇ ଟିମ ସହ ଚଢ଼ଉ କରିଥିଲେ। ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବାଲିକୁ ମାପଚୁପ କରିଥିଲେ। ମାପଚୁପ ପରେ ଜଣାପଡ଼ିଥିଲା ଯେ ଉଭୟ ଘାଟରୁ ପ୍ରାୟ ୧୫ ହଜାର ୫ ଶହ ୩୦ କ୍ୱିବିକ୍ ମିଟର ବାଲି ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିଲା। ଅନ୍ୟପଟେ ଝାଡ଼ିଅମ୍ବା, ସନ୍ଥପଡ଼ା ଶ୍ମଶାନ, ବହ୍ଲଛକ, ମଣ୍ଡାପାଳ, ପଶ୍ଚିମେଶ୍ୱର, ସନ୍ଥପଡ଼ା, ଶିରିଗିଡ଼ା, କଙ୍କିଳି, ଧରମପୁର, ସରେଇଲ ଆଦି ଘାଟରୁ ବାଲି ଆଣି ଗଚ୍ଛିତ ରଖାଯାଇଥିବା ସ୍ଥାନରେ ସରଜମିନ୍ ତଦନ୍ତ କରାଯାଇ ବାଲିମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ଯୁବ ବିଜେଡି ଜିଲ୍ଲା ସଭାପତି ହେଲେ ଅରୁଣାଭ



ଅନୁଗୋଳ,୬।୫(ସମିସ): ବିଜୁ ଯୁବ ଜନତା ଦଳ ଅନୁଗୋଳ ଜିଲ୍ଲାର ସଭାପତି ଭାବେ ଅରୁଣାଭ ସିଂହ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ଆଠମଲ୍ଲିକ ବିଧାୟକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ପ୍ରଧାନ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ମୁକେଶ କୁମାର ପାଳ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଅବିନାଶ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳର ମୁଖ୍ୟ ଆଭିମୁଖ୍ୟ 'ସେବା ଓ ସଂଗ୍ରାମ'କୁ ପାଥେୟ କରି ଯୁବପିଢ଼ିଙ୍କୁ ସୁସଂଗଠିତ କରିବା ଏବଂ ଯୁବ ସମାଜର ସହଯୋଗରେ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲଢ଼େଇ ଜାରି ରହିବ ବୋଲି ଅରୁଣାଭ କହିଛନ୍ତି।

## ଏସବିଆଇ ଶାଖାରେ ନାହିଁ ଟଙ୍କା: ଗ୍ରାହକ ହତାଶ

ତାଳଚେର,୬।୫(ସମିସ): ବର୍ତ୍ତମାନ ବିବାହ, ବ୍ରତ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟକ୍ରମ ପାଇଁ ଲୋକେ ଟଙ୍କା ଆବଶ୍ୟକ କରୁଥିବା ବେଳେ ତାଳଚେର ଷ୍ଟେଟବ୍ୟାଙ୍କ ଶାଖାରେ ଟଙ୍କା ନ ଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଋଣ ନୁହେଁ, ଗ୍ରାହକମାନେ ନିଜ ଜମା ଟଙ୍କାରୁ ୧ଲକ୍ଷ ଟଙ୍କା ଉଠାଇବାକୁ ଗଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଟଙ୍କା ଦେଉ ନ ଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ଆଣିଛନ୍ତି ବ୍ୟାଙ୍କର ଏକାଧିକ ଗ୍ରାହକ। କେତେଜଣ ଗ୍ରାହକ ନିଜ କନ୍ୟା ବିବାହ ପାଇଁ ବ୍ୟାଙ୍କ ଜମାଖାତାରୁ ୧ଲକ୍ଷ ଟଙ୍କା ଉଠାଇବାକୁ ଯାଇଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଏତେଗୁଡ଼ିଏ ଟଙ୍କା ପ୍ରଦାନ କରିବାକୁ ଅସମର୍ଥ ବୋଲି ଜଣାଇଥିଲେ। ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବା ସହ ଲୋକଙ୍କ ବ୍ୟବସାୟ ମଧ୍ୟ ସେହି ଅନୁପାତରେ ବଢ଼ି ଚାଲିଛି। ଯଦି ଏସବିଆଇ ଭଳି ବ୍ୟାଙ୍କରେ ଏପରି ଅବସ୍ଥା ତେବେ ଗ୍ରାହକମାନେ କେଉଁଠାରେ ଟଙ୍କା ରଖିବେ ବୋଲି ପ୍ରଶ୍ନ ଉଠିଛି। ସେହିପରି ଏସ୍‌ବିଆଇ ତାଳଚେର ଶାଖା ନିକଟ ଏଟିଏମକୁ ବାଦ୍ ଦେଲେ ସହରର ଅନ୍ୟ ଏସବିଆଇ ଏଟିଏମରେ ଆଜକୁ ତିନିଦିନ ହେବ ଟଙ୍କା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସ୍ଥିତି ସ୍ୱାଭାବିକ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ବ୍ରାହ୍ମଣୀ ନଦୀରୁ ମୃତଦେହ ଉଦ୍ଧାର

କଣିହାଁ,୬।୫(ସମିସ): ବୁଧବାର ଅପରାହ୍ନ ୨ଟାରେ କଣିହାଁ ବ୍ଲକ ତଥା ସମଲ ଥାନା ଅନ୍ତର୍ଗତ ବାରୁଆଁ ଶିବ ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରୁ କଣିହାଁ ଅଗ୍ନିଶମ ବାହିନୀ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସମଲ ଥାନା କଟରାପଡା ଗ୍ରାମର ହରମୋହନ ପ୍ରଧାନ (୫୮)। ଗତ ୧ ତାରିଖରୁ ସେ ନିଖୋଜ ଥିବାବେଳେ ସମଲ ଥାନାରେ ଏନେଇ ଅଭିଯୋଗ ହୋଇଥିଲା। ବୁଧବାର ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। କଣିହାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁଜିତ ମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀ ସୁବ୍ରତ ପ୍ରଧାନ, ସୁରେନ୍ଦ୍ର ଜେନା ଓ ବିକ୍ରମ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ମୃଣାଳ କଲୋ ସୂଚନା ଦେଇଛନ୍ତି।

**■ ଜନଗଣନା ଉପନିର୍ଦ୍ଦେଶକଙ୍କ ଦୁଇଦିନିଆ ଅନୁଗୋଳ ଗସ୍ତ**

## ଜନଗଣନା କାର୍ଯ୍ୟର ସ୍ଥିତି ସମୀକ୍ଷା



ଅନୁଗୋଳ,୬।୫(ସମିସ): ଭାରତ ସରକାରଙ୍କ ଜନଗଣନା ଉପ-ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଦୁଇଦିନିଆ ଅନୁଗୋଳ ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ଜନଗଣନା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମହଲା ଅନୁଗୋଳରେ ପହଞ୍ଚିବା ପରେ ପ୍ରଥମ ଦିନରେ ବଅଁରପାଳ ତହସିଲ ଅଧୀନରେ ଥିବା ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର, ବଅଁରପାଳ ତହସିଲଦାର ତଥା ଚାର୍ଜ ଅଫିସର ସୁଶାନ୍ତ କୁମାର ମିଶ୍ର ଏବଂ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ସଞ୍ଜୟ ଭୋଇ ଓ ଅନୁଗୋଳ ଜିଲ୍ଲା ପାଇଁ ନିୟୋଜିତ ରାଜ୍ୟ ସଂଯୋଜକ ଅମିତରଦ୍ମମ ଓ ଦୀପକ କୁମାର ଉପସ୍ଥିତ ଥିଲେ। ବୁଧବାର ମଧ୍ୟାହ୍ନରେ ଉପ-ନିର୍ଦ୍ଦେଶକ ମହଲା ଜିଲ୍ଲାର ସମସ୍ତ ୧୩ଟି ଚାର୍ଜର ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଯୋଗଦେବା ସହ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଆଲୋଚନା ସମୟରେ ସେ ଜିଲ୍ଲାରେ ଜନଗଣନା କାର୍ଯ୍ୟର ଅଗ୍ରଗତି ଏବଂ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଅନୁଗୋଳ,୬।୫(ସମିସ):




ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପବନ ମଣ୍ଡୋଠିଆ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ସମେତ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇଥିଲେ। ଜଳସେଚନ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ, ପଞ୍ଚାୟତ ଓ ଗ୍ରାମୀଣ ଜଳଯୋଗାଣ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ନଗର ଉନ୍ନୟନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ବର୍ଷାଦିନ ପୂର୍ବରୁ ନାଳ ନର୍ଦ୍ଦମାଗୁଡ଼ିକୁ ସଫା ଓ ମରାମତି କରିବା, ଶୃଙ୍ଖଳା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ର ଚାଳିତ ବୋଟ୍‌ଗୁଡ଼ିକ ସଜାଗ ରଖିବା, କଣ୍ଟ୍ରୋଲ ରୁମ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ନିୟମିତ ବୃଷ୍ଟିପାତ ମାପିବା, ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ନିମନ୍ତେ ଗଛ କାଟିବା, ମେଡିକାଲରେ ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଯଥା- ମ୍ୟାଲେରିଆ, ଟାଇଫଏଡ୍ ଔଷଧ, ଓ ଆର ଏସ୍, ବ୍ଲିଚିଂ ପାଉଡର, କ୍ଲୋରିନ୍ ବଟିକା ଇତ୍ୟାଦି ମହଜୁଦ ରଖିବା, ପାନୀୟ ଜଳ ଯୋଗାଣ, ପଲିଥିନ୍ ମହଜୁଦ ରଖିବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଡିଓ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ହରିପ୍ରସାଦ ଫାଉଣ୍ଡେସନ ପକ୍ଷରୁ ହରିବାବୁଙ୍କ ଶ୍ରାଦ୍ଧ ଦିବସ



ଖମାର,୬।୫(ସମିସ): ପାଲଲହଡ଼ା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ହରିପ୍ରସାଦ ପ୍ରଧାନଙ୍କ ସପ୍ତମ ଶ୍ରାଦ୍ଧ ଦିବସ ହରିପ୍ରସାଦ ଫାଉଣ୍ଡେସନ ପକ୍ଷରୁ ଖମାର କଲ୍ୟାଣ ମଣ୍ଡପ ଓ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ପାଳିତ ହେଇଛି। ଖମାର କଲେଜ ଅଧ୍ୟକ୍ଷ ବିକେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ତନ୍ମୟ କୁମାର କବି ଓ ବାବା ନିର୍ଲିପ୍ତାନନ୍ଦ ସରସ୍ୱତୀ, ଚିନ୍ମୟ ମିଶ୍ର ଯୋଗଦେଇ ଆଧ୍ୟାତ୍ମ ଉପରେ ଆଲୋଚନା କରିଥିଲେ। ଟିକନ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ସିଦ୍ଧାର୍ଥ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖମାର କଲ୍ୟାଣୀ ମଣ୍ଡପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ, ଶିକ୍ଷାବିତ ଡ. ସମୀର କୁମାର ପ୍ରଧାନ ଯୋଗଦେଇଥିଲେ। ଜ୍ୟୋତିର୍ମୟ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଶିକ୍ଷା ବିଭାଗରେ ସମ୍ବର୍ଦ୍ଧନା ସଭା



ଖଜୁରିଆକଟା,୬।୫(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ୨୦୧୨ରୁ ଅଦ୍ୟାବଧି ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିବାକୁ ଯାଉଥିବା ବିଭାଗୀୟ ମୁଖ୍ୟ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ତଥା ଉପହାର ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ବୁଧବାର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନର ମଞ୍ଜି ସଦୃଶ। ତେଣୁ ଉପଯୁକ୍ତ ସମୟରେ ଉତ୍ତମ ରୂପେ ଗଢ଼ି ତୋଳିଲେ ସେମାନେ ସୁନାଗରିକ ହୋଇପାରିବେ ବୋଲି ସେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଭାଗୀୟ ମୁଖ୍ୟ ଯୋଗଦେଇ ବିଭାଗ ତଥା ମହାବିଦ୍ୟାଳୟ ପ୍ରତି ସର୍ବଦା ଆନୁଗତ୍ୟ ରହିବା ସହ ଛାତ୍ରଛାତ୍ରୀ ଶୃଙ୍ଖଳିତ ଭାବେ ଜୀବନ ଗଢ଼ିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ କର୍ମଚାରୀ ସନ୍ଦୀପ ଦେବତା ଯୋଗଦେଇ ଦେଶ ଗଠନରେ ଛାତ୍ର ସମାଜର ଭୂମିକା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ମାନପତ୍ର ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଭାରତ ଭୂଷଣ ବେହେରା, ରାଜେଶ ସାହୁ, ଚିନ୍ମୟୀ ସାମଲ, ଗାୟତ୍ରୀ ସାହୁ, ଐଶ୍ୱର୍ଯ୍ୟା ସାହୁ, ଅର୍ଚ୍ଚିତା ସାହୁ, ରାହୁଲ ବେହେରା, ସୌଭାଗ୍ୟ ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ବ୍ରଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଇପିଏଫ୍ ପେନ୍‌ସନ ବୃଦ୍ଧି ନିମନ୍ତେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଢେଙ୍କାନାଳ,୬।୫(ସମିସ): ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ ରାଜ୍ୟ କମିଟି ଡାକରାରେ ୩୦ଟି ଜିଲ୍ଲା କମିଟି ତରଫରୁ ପେନସନ ବୃଦ୍ଧି ପ୍ରସଙ୍ଗରେ ଜିଲ୍ଲା ଶାଖା ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପଠାଯାଇ ହସ୍ତକ୍ଷେପ ଲୋଡ଼ାଯାଇଛି। ଓଡ଼ିଶା ସମେତ ସାରା ଦେଶରେ ଥିବା ୭୮ ଲକ୍ଷରୁ ଅଧିକ ଇପିଏଫ ପେନସନଭୋଗୀଙ୍କ ଲାଗି କେନ୍ଦ୍ର ସରକାର ୨୦୧୪ ସେପ୍ଟେମ୍ବର ୧ରୁ ସର୍ବନିମ୍ନ ଏକ ହଜାର ଟଙ୍କା ମାସିକ ପେନସନ ଲାଗୁ କରିଥିଲେ ମଧ୍ୟ ୩୫ ଲକ୍ଷରୁ ଅଧିକ ପେନସନଭୋଗୀ ୫୦୦ରୁ ୯୯୦ ଟଙ୍କା ମଧ୍ୟରେ ପେନସନ ପାଉଛନ୍ତି। ଅର୍ଥାତ ଏକ ହଜାର ଟଙ୍କା ସର୍ବନିମ୍ନ ପାଉନାହାନ୍ତି। ଏହି ପେନସନ ସହ ମହଙ୍ଗା ଭତ୍ତା ଦିଆଯାଏ ନାହିଁ। ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହା ବୃଦ୍ଧି ମଧ୍ୟ କରାଯାଉ ନାହିଁ। ଏ ବିଷୟରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ମଧ୍ୟ ଏହା ଉପରେ ଧାରା ୩୭୭ ଅନ୍ତର୍ଗତ ଏକ ଦାବିପତ୍ର କେନ୍ଦ୍ର ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡଭ୍ୟଙ୍କୁ ପେନସନ ବୃଦ୍ଧି ପାଇଁ ୨୦୨୬ ଫେବୃଆରୀ ୧୩ରେ ଦେଇଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୧୩ରେ ରାଜ୍ୟସଭା ସାଂସଦ ଭଗତ ସିଂ ଖୋସିୟାରୀଙ୍କ ଅଧ୍ୟକ୍ଷତାରେ ପେଟିସନ କମିଟି ମାସିକ ଅନ୍ୟୂନ ୩ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଦେବା ପାଇଁ ସୁପାରିସ କରିଥିଲେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ ଅଣଦେଖା କରାଯାଇଛି। ଭତ୍ତା ସହ ସର୍ବନିମ୍ନ ପେନସନ ୩୦୦୦ ଟଙ୍କା ମାସିକ କରିବାକୁ ସୁପାରିସ କରିଥିଲେ ମଧ୍ୟ ଏହାକୁ ଲାଗୁ କରାଯାଉ ନାହିଁ। ଅର୍ଥ ଅଭାବର ଯେଉଁ ଆଳ ଦେଖାଯାଉଛି ତାହା ସତ୍ୟର ଅପଳାପ ମାତ୍ର। କାରଣ ଇପିଏଫ କର୍ପସ ଫଣ୍ଡରେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ସୁଧ ଟଙ୍କାରୁ ମାତ୍ର ୨୮ରୁ ୩୦ ପ୍ରତିଶତ ପେନସନ ବାବଦ ଖର୍ଚ୍ଚ ହେଉଛି। ସମ୍ପୂର୍ଣ୍ଣ ସୁଧଟଙ୍କା ମଧ୍ୟ ପେନସନରେ ଖର୍ଚ୍ଚ ହୋଇପାରୁ ନାହିଁ। ଅର୍ଥାଭାବ କଥା ସଠିକ୍ ନୁହେଁ। ସାରା ଦେଶରେ ଇପିଏଫ ପେନସନଭୋଗୀମାନେ ସଙ୍ଘ ଗଠନ କରି ୨୦୧୮ ରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ମାଧ୍ୟମରେ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏ ମହଙ୍ଗା ଯୁଗରେ ଯେ କାହିଁକି ଏହି ସ୍ୱଳ୍ପ ପେନସନ ବୃଦ୍ଧି କରୁନାହାନ୍ତି ବୁଝା ପଡୁନାହିଁ। ବୃଦ୍ଧ ବୟସରେ ଏହି ସ୍ୱଳ୍ପ ପେନସନ ଯାହାକି ୧ ହଜାରରୁ କମରେ ଉପଯୁକ୍ତ ଖାଦ୍ୟ ତ ଦୂର କଥା, ଔଷଧ ଖର୍ଚ୍ଚକୁ ମଧ୍ୟ ନିଅଣ୍ଟ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି। ବରିଷ୍ଠ ନାଗରିକମାନଙ୍କ ଏହି ପେନସନ ବୃଦ୍ଧି ପାଇଁ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ମାଧ୍ୟମରେ ନିବେଦନ କରାଯାଇଛି।

## ମନ୍ଦିରରୁ ଚୋରି ଅଭିଯୋଗ

ଭୁବନ,୬।୫(ସମିସ): ଭୁବନ ଥାନା ମହୁଲପାଳ ପଞ୍ଚାୟତ କଣପାଳ ସ୍ୱପ୍ନେଶ୍ୱର ମନ୍ଦିରରୁ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଚି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଘଣ୍ଟ, ଘଣ୍ଟା, ପିତଳ ବାସନ ଓ ନାଗମୂର୍ତ୍ତି ନେଇଯାଇଛନ୍ତି। ପୁଲିସ ଏ ନେଇ ତଦନ୍ତ କରୁଛି।

## ଦେଶୀମଦ ଜବତ; ଦୁଇ ଗିରଫ

ଭୁବନ,୬।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଦୁଇଜଣ ଦେଶୀମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩୯ ଲିଟର ଦେଶୀମଦ ସହ ମଦ ଏକ ସ୍କୁଟି ଓ ବାଇକ୍ ଜବତ କରାଯାଇଛି। ତେବେ ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଏକତାଳୀ ପଞ୍ଚାୟତ ଚନ୍ଦାର ଗ୍ରାମର ବିକର ସାହୁ ଓ ଜୀବନ ସାହୁ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆହତ କୁଟୁରା ଉଦ୍ଧାର



ଖଜୁରିଆକଟା,୬।୫(ସମିସ): ହିନ୍ଦୋଳ ଉପଖଣ୍ଡ ସାନହିନ୍ଦୋଳ ଗ୍ରାମରେ ଦିନ ଦ୍ୱିପ୍ରହରରେ ଏକ କୁଟୁରା ଜଣେ ବ୍ୟକ୍ତିଙ୍କ ଗୁହାଳରେ ପଶିଯାଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଖଜୁରିଆକଟା ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ପ୍ରାଥମିକ ଚିକିତ୍ସା ପରେ ନିକଟସ୍ଥ ଜଙ୍ଗଲରେ ସୁରକ୍ଷିତ ଭାବେ କୁଟୁରାକୁ ଛାଡ଼ି ଦେଇଛନ୍ତି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଙ୍ଗଲୀ ଜନ୍ତୁ ପାଣି ପାଇଁ ଗାଁ ମୁହାଁ ହେଉଥିବା ବନ ବିଭାଗ ସୂଚନା ଦେଇଛି।

# ଆଇଆଇଏମ୍‌ସିରେ ନବନିଯୁକ୍ତ ଓଆଇଏସ୍ ଅଧିକାରୀଙ୍କ ତାଲିମ ଆରମ୍ଭ

ଢେଙ୍କାନାଳ,୬।୫(ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମସି ଢେଙ୍କନାଳ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏସଡିଆଇପିଆରଓମାନଙ୍କର ଦ୍ୱିତୀୟ ବ୍ୟାଚର ଦଶଦିବସୀୟ ତାଲିମ ଓ ମାର୍ଗଦର୍ଶକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଅଧ୍ୟକ୍ଷତା କରି ନବନିଯୁକ୍ତ ଅଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିକାଶ ନୀତିକୁ ସାଧାରଣ ଜନତାଙ୍କୁ କିପରି ସହଜ ଏବଂ ସରଳ ଭାଷାରେ ଜଣାଇବେ ଏବଂ ସ୍ଥାନୀୟ ଗଣମାଧ୍ୟମ ସହିତ ସମନ୍ୱୟ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆଇଆଇଏମସି କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ଆଭାସୀ ମାଧ୍ୟମରେ ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଡ. ଗୌର ଅଧିକାରୀ ମାନଙ୍କୁ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ସ୍ଥାପନ କରିବାପାଇଁ ମତ ବ୍ୟକ୍ତ କରିଥିଲେ। ଅଧିକାରୀମାନେ ଜନତା ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବା ଜରୁରୀ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଗଣମାଧ୍ୟମ ସୂଚନା ଅଧିକାରୀଙ୍କଠାରୁ କ'ଣ ଚାହେଁ ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଛି। ଏଥିରେ ଓଡିଆ ଖବରକାଗଜ ସମାଜର ସମ୍ପାଦକ ଶ୍ରୀ ତପନ କୁମାର ମିଶ୍ର, ଯୋଗାଯୋଗ ବିଶେଷଜ୍ଞ ଶ୍ରୀ ନୀଳାମ୍ବର ରଥ ଏବଂ ଇଂରାଜୀ ଖବରକାଗଜ ଟାଇମ୍ସ ଅଫ ଇଣ୍ଡିଆ ଭୁବନେଶ୍ୱରର ନିଉଜ ବ୍ୟୁରୋ ମୁଖ୍ୟ ଶ୍ରୀ ଅଶୋକ ପ୍ରଧାନ ଯୋଗଦେଇଥିଲେ। ଗଣମାଧ୍ୟମ ବିଶେଷଜ୍ଞମାନେ ଜନସାଧାରଣଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ସଠିକ ଖବର ଠିକ ସମୟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରେସ ସୂଚନା କାର୍ଯ୍ୟାଳୟ ପିଆଇବି ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ନବନିଯୁକ୍ତ ଅଧିକାରୀମାନଙ୍କୁ କ୍ଷେତ୍ରରେ ସକାରାତ୍ମକ ମନୋଭାବରେ ଯୋଗାଯୋଗ ପ୍ରଣାଳୀରେ ଉପୁଜିଥିବା ମତଭେଦକୁ ସୁଚାରୁ ରୂପେ ପରିଚାଳନା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସ ପ୍ରଶିକ୍ଷଣ ଶିବିରରେ କଟକ ଆକାଶବାଣୀ କେନ୍ଦ୍ରର ଉପନିର୍ଦ୍ଦେଶକ ସତ୍ୟ ନାରାୟଣ ପଟ୍ଟନାୟକ ମଧ୍ୟ ପ୍ରେସ ବିଜ୍ଞପ୍ତି ଲେଖନୀ ଶୈଳୀ ଉପରେ ତାଲିମ ଦେଇଥିଲେ। ୧୮ ଜଣ ନବନିଯୁକ୍ତ ସୂଚନା ଅଧିକାରୀ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୫ ମଇ ପର୍ଯ୍ୟନ୍ତ ଚାଲିବ। ଏହି ତାଲିମ ଶିବିରକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସଂସ୍ଥାନର ଇଂରାଜୀ ସାମ୍ବାଦିକତାର ସହଯୋଗୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍ ଏବଂ ଓଡିଆ ସାମ୍ବାଦିକତା ଡ. ଚିରସ୍ରୋତା ଜେନା, ଆଭା ସିଂ, ପାରସ ଯାଦବ ଏହି ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମର ପ୍ରାକ୍ଟିକାଲ ଅସାଇନମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

# 'ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ'

ଢେଙ୍କାନାଳ,୬।୫(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ଏବଂ ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏସଡିଆଇପିଆରଓ ମାନଙ୍କର ଦ୍ୱିତୀୟ ବ୍ୟାଚର ଦଶ-ଦିବସୀୟ ତାଲିମ ଓ ମାର୍ଗଦର୍ଶକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରେସ୍ ସୂଚନା କାର୍ଯ୍ୟାଳୟ ପିଆଇବି ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସୂଚନା ଅଧିକାରୀଙ୍କ ପାଇଁ ବିକାଶର ଯୋଗାଯୋଗ ସରକାରୀ ଯୋଗାଯୋଗ ଉପରେ ଏକ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥାପନା କରି ଶ୍ରୀ ମିଶ୍ର କହିଲେ ଯେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ। ଯୋଗାଯୋଗ ପରେ ଲୋକମାଙ୍କର ପ୍ରତିକ୍ରିୟା ମଧ୍ୟ ଅଧିକାରୀ ମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ, ଭାଷା ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି। ଅଧିକାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ଆଲୋକପାତ କରିଥିଲେ। ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ନଯାଏ ସେଥିପାଇଁ ପ୍ରତ୍ୟକ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଞ୍ଚ କରିବା ଆବଶ୍ୟକ। ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ପିଏମଜେଡିୱାଇ, ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏବଂ ସେଥିରେ ଯୋଗାଯୋଗ ଏବଂ ସରକାରୀ ପଲିସୀ ଉପରେ ଆଲୋଚନା କରିଥିଲେ। ସୂଚନା ଏବଂ ଭୁଲ ସୂଚନା ବିଷୟରେ ସେ ଅଧିକାରୀମାନଙ୍କ ମଧ୍ୟରେ ଏକ ଦଳଗତ ଆକ୍ଟିଭିଟି କରିଥିଲେ।




# ଢେଙ୍କାନାଳର ଐତିହ୍ୟ ପ୍ରତି ସରକାର ବିମୁଖ କାହିଁକି

ଢେଙ୍କାନାଳ,୬।୫(ସମିସ): ଢେଙ୍କାନାଳ ଜିଲ୍ଲାର ୪ଟିଯାକ ନିର୍ବାଚନ ମଣ୍ଡଳୀରୁ ୪ ଜଣ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି। ସଦର ଆସନରୁ ନିର୍ବାଚିତ କୃଷ୍ଣଚନ୍ଦ୍ର ପାତ୍ର ବିଜେପି ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ କାରିଗରୀ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ନିକଟରେ ଶିଳ୍ପସମୃଦ୍ଧ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଧାୟିକା ସୀମାରାଣୀ ନାୟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷା ହୋଇଛନ୍ତି। ବିଜେପିର ଅଭିଜ୍ଞ ନେତା ବିଭୂତି ଭୂଷଣ ପ୍ରଧାନ ପରଜଙ୍ଗରୁ ଓ ଶତ୍ରୁଘ୍ନ ଜେନା କାମାକ୍ଷାନଗରରୁ ବିଧାୟକ ଅଛନ୍ତି। ଏତେସବୁ ସତ୍ତ୍ୱେ ଢେଙ୍କାନାଳର ଐତିହ୍ୟ ପ୍ରତି ସରକାର ଉଦାସୀନ କାହିଁକି ବୋଲି ପ୍ରଶ୍ନ ଉଠିଛି।

ସର୍ବଭାରତୀୟ ସ୍ତରର ବିଶିଷ୍ଟ ନେତା ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ କର୍ମଭୂମି ଥିଲା ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ବ୍ରହ୍ମକୁଣ୍ଡ। ୧୦୦ବର୍ଷ ତଳେ ସାରଙ୍ଗଧର ତାଙ୍କ ପତ୍ନୀ ଫ୍ରିଡା ହସରତଙ୍କ ସହ ବ୍ରହ୍ମକୁଣ୍ଡରେ ଆଖୁଚାଷ ଓ ଚିନିକଳ ସ୍ଥାପନ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେଠାରେ ଥିବା ଝରଣାକୁ ଯିବା ପାଇଁ ମାଙ୍କଡ଼ା ପଥରରେ ତିଆରି ପାବଚ୍ଛ ଶ୍ରେଣୀ, ବିଶାଳ ବଟବୃକ୍ଷ, ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀ ଓ ତାଙ୍କ ବାସଗୃହର ଭଗ୍ନାବଶେଷ ଆଦି ଆଜି ବି ବିଦ୍ୟମାନ। ମାତ୍ର ଏହି ଗ୍ରାମଟି ନା ପର୍ଯ୍ୟଟନସ୍ଥଳୀ ଭାବେ ସ୍ୱୀକୃତ ହୋଇଛି ନା ଐତିହ୍ୟ ଗ୍ରାମ ଭାବେ ମାନ୍ୟତା ପାଇଛି। ସେହିପରି ତାଙ୍କ ଜନ୍ମସ୍ଥାନ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମ, ଯେଉଁଠାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ଧୀର ମାଟି ସଂଗ୍ରହ କରି ଦିଲ୍ଲୀ ନେଇଥିଲେ, ସେହି ଗ୍ରାମ ମଧ୍ୟ ଐତିହ୍ୟ ଗ୍ରାମ ତାଲିକାରେ ନାହିଁ। ଯେଉଁ ମହିମା ଧର୍ମ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଏବଂ ଓଡ଼ିଶାରୁ ଉତ୍ପତ୍ତିଲାଭ କରିଥିବା ଏକ ବିଶ୍ୱ ଧର୍ମର ମାନ୍ୟତା ପାଇଛି, ସେହି ମହିମାସ୍ୱାମୀଙ୍କ ୨୪ ବର୍ଷର ଆତ୍ମଯୋଗ ସାଧନାର ପୀଠ କପିଳାସ ତପୋବନର ପାଦଦେଶରେ ଥିବା ଜନଜାତି ଶବର ଅଧ୍ୟୁଷିତ କାଦୁଆ ଗ୍ରାମ ବି ଐତିହ୍ୟ ପୀଠର ମାନ୍ୟତା ପାଇନାହିଁ। ଏହି ଗ୍ରାମର ସଦାନନ୍ଦ ଶବର ତପସ୍ୟାରତ ମହିମାସ୍ୱାମୀଙ୍କୁ ସର୍ବପ୍ରଥମ ଗୃହୀ ଭକ୍ତ ଭାବେ ଭେଟି ୧୨ବର୍ଷ କାଳ ବନ୍ୟ ଫଳମୂଳ ଯୋଗାଇ ଆସିଥିଲେ। ହିନ୍ଦୋଳ ବ୍ଲକ୍ ଭିନ୍ନ ଜିଲ୍ଲାର ଅବଶିଷ୍ଟ ୭ ବ୍ଲକ୍‌କୁ ନେଇ ଗଠିତ ଢେଙ୍କାନାଳ ରାଜ୍ୟର ପ୍ରତିଷ୍ଠାତା ଥିଲେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦାକ୍ଷିଣାତ୍ୟ ବିଜୟୀ ସେନାପତି ହରିସିଂହ ବିଦ୍ୟାଧର। ଗଜପତିଙ୍କ ସନନ୍ଦ ବଳରେ ତତ୍କାଳୀନ ଝାଡ଼ଖଣ୍ଡ ମୁଲକର ରାଜା ହୋଇ ସେ ୧୫୮୦ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ଗଡ଼କୁ ଆସି ରାଜଧାନୀ ସ୍ଥାପନ କରିବା ସହ ନିକଟସ୍ଥ ବେଶାଳିଆ ଗଡ଼ର ରାଜା ଶ୍ରୀଧର ଭଞ୍ଜଙ୍କ ଦ୍ୱାରା କପଟରେ ନିହତ ଢେଙ୍କାନାଳୀର ଶବର ମୁଖ୍ୟ ଢେଙ୍କା ଶବର ନାମରେ ନିଜ ରାଜ୍ୟର ନାମ ଢେଙ୍କାନାଳ ରଖି ନିଜ ମହାନୁଭବତା ପ୍ରଦର୍ଶନ କରିଥିଲେ। ସେହିପରି ତାଙ୍କ ପରବର୍ତ୍ତୀ ବଂଶଧର ଥିବା ନୃସିଂହ ଭ୍ରମରବର ରାୟ ୧୬୮୦ରୁ ୧୭୦୮ ମଧ୍ୟରେ ପଡ଼ୋଶୀ ରାଜାମାନଙ୍କୁ ପରାଭୂତ କରି ଢେଙ୍କାନାଳ ରାଜ୍ୟର ସୀମାବୃଦ୍ଧି କରିଥିଲେ। ଯାହା ଆଜକୁ ୩୦୦ବର୍ଷ ହେବ ଅକ୍ଷୁଣ୍ଣ ରହିଆସିଛି। ଓଡ଼ିଶାର ୨୬ ଗଡ଼ଜାତ ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ଡାକସେବା, ଗମନାଗମନ, ଜନଜାତି ଉନ୍ନୟନ ଓ ନଅଙ୍କ ଦୁର୍ଭିକ୍ଷ ଆଦିର ସଫଳ ମୁକାବିଲା କ୍ଷେତ୍ରରେ ସର୍ବାଗ୍ରେ ଥିବା ଢେଙ୍କାନାଳ ରାଜ୍ୟର ବିକାଶ ପୁରୁଷ ଭାବେ ପରିଚିତ ମହାରାଜା ଭଗୀରଥ ମହିନ୍ଦ୍ର ବାହାଦୁରଙ୍କ ସମେତ ଉପରୋକ୍ତ ତିନି ମହାରଥୀଙ୍କ କୌଣସି ପ୍ରତିମୂର୍ତ୍ତି ଏଯାବତ ଢେଙ୍କାନାଳ ଜିଲ୍ଲାରେ ପ୍ରତିଷ୍ଠା କରାଯାଇନାହିଁ। ଅତୀତରେ ଢେଙ୍କାନାଳ ଜିଲ୍ଲାପାଳ ଥିବା ସରୋଜ ସେଠୀଙ୍କଠୁ ଆରମ୍ଭ କରି ତତ୍କାଳୀନ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସ୍ମାରକପତ୍ର ଦିଆଯାଇଥିଲେ ବି ଏହା ସାକାର ହୋଇପାରି ନାହିଁ। ରାଜନୈତିକ ଶସ୍ତା ଲୋକପ୍ରିୟତାକୁ ଆଧାର କରି ଏହି ଐତିହ୍ୟ ପୁରୁଷମାନଙ୍କୁ ଯଥୋଚିତ ସମ୍ମାନରୁ ବଞ୍ଚିତ କରାଯାଇଛି। ଏହା କ'ଣ ଓଡ଼ିଶାର ଐତିହ୍ୟ ଓ ଓଡିଆ ଅସ୍ମିତା। ଏହା କ'ଣ ଆମର ଯଥାର୍ଥ ପୂଜ୍ୟପୂଜା। ଢେଙ୍କାନାଳ ଜିଲ୍ଲାବାସୀ ଏହାର ବିଚାର କରନ୍ତୁ ବୋଲି ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ କର୍ମକର୍ତ୍ତା ନିବେଦନ କରିଛନ୍ତି।




## FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

**ADVERTISEMENT FOR RECRUITMENT OF FACULTY POSITIONS**

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

# ସମ୍ପାଦକୀୟ



ଯଦି ଦୟା ଓ ଔଚିତ୍ୟ ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼େ,
ତେବେ ଦୟା ହିଁ ଦେଖାନ୍ତୁ, ତାହା ସର୍ବଦା ଉଚିତ୍ ମାର୍ଗ ହେବ !
-ସତ୍ୟସାଇ ବାବା

ସକାଳ
THE SAKALA

## ଗଣତନ୍ତ୍ରର ବିବର୍ତ୍ତନ!

ଗତ ୪ ତାରିଖରେ ପ୍ରକାଶିତ ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳ ଭାରତର ବହୁଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ନୂଆ ସମୀକରଣ ସୃଷ୍ଟି କରିଛି ଏବଂ ଏକ ଭିନ୍ନ ସଙ୍କେତ ଦେଇଛି। ଦେଶର ସାମଗ୍ରିକ ଗଣତାନ୍ତ୍ରିକ ଶାସନ କ୍ଷମତାରୁ ପୁଣି ଏକ ଆଞ୍ଚଳିକ ରାଜନୈତିକ ଦଳ(ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ) ବାଦ୍ ପଡ଼ିଛି ଏବଂ (ତାମିଲନାଡୁରେ ଟିଭିକେ) ଏକ ନୂଆ ଆଞ୍ଚଳିକ ଦଳର ଆବିର୍ଭାବ ଘଟିଛି। ଏଥିସହିତ ଦେଶର ପୁରୁଣା ଜାତୀୟ ଦଳ ସିପିଆଇ(ଏମ୍) ସ୍ୱାଧୀନୋତ୍ତର ଭାରତରେ ପ୍ରଥମ ଥର ପାଇଁ କୌଣସି ରାଜ୍ୟର କ୍ଷମତାରୁ ଅପ୍‌ସାରିତ ହୋଇଛି। ଅପରପକ୍ଷରେ ତାମିଲ୍‌ନାଡୁରେ କଂଗ୍ରେସ ଡିଏମ୍‌କେର ହାତ ଛାଡ଼ି ଟିଭିକେ ନେତା ଥାଲାପତି ବିଜୟଙ୍କ ସହିତ ମେଣ୍ଟ କରିବାକୁ ଯାଉଛି ଏବଂ କ୍ଷମତା ରାଜନୀତିରେ ସବୁକିଛି ସମ୍ଭବ ବୋଲି ପରୋକ୍ଷ ସଂକେତ ଦେଇଛି। କେନ୍ଦ୍ରରେ କ୍ଷମତାରେ ରହିବା ପାଇଁ ଏକଦା ବିଜେପି ତା'ର ଚିର ଆଦର୍ଶଗତ ବିରୋଧୀ ଏମ୍ କରୁଣାନିଧିଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସହିତ ଏବଂ ଉତ୍ତରପ୍ରଦେଶରେ ମାୟାବତୀଙ୍କ ନେତୃତ୍ୱାଧୀନ ବିଏସ୍‌ପି ମେଣ୍ଟ କରି ରାଜନୀତିରେ କେହି ଚିର ଶତ୍ରୁ କିମ୍ବା ମିତ୍ର ନୁହନ୍ତି ବୋଲି ଯେଉଁ ଉଦାହରଣଟିଏ ସୃଷ୍ଟି କରିଥିଲା ଏବେ କଂଗ୍ରେସ ସେହି ଇତିହାସକୁ ଦୋହରାଇଛି।

୨୦୨୪ରୁ ଆରମ୍ଭ ହୋଇଥିବା ଗଣତନ୍ତ୍ରର ବିବର୍ତ୍ତନ ଧାରାରେ ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳ ଯେପରି ବିଲୀନ ହୋଇ ଚାଲିଛନ୍ତି ତାହା ରାଜନୀତି ବିଶାରଦଙ୍କୁ ଚିନ୍ତାଗ୍ରସ୍ତ କରିଛି। ନିର୍ବାଚନରେ ଯେଉଁ ଦଳ ଅଧିକ ଜନାଦେଶ ପାଇବ ସେ କ୍ଷମତାରେ ରହିବ ଏହା ନିଃସନ୍ଦେହ। କିନ୍ତୁ ଏହି ଜାତୀୟ କ୍ଷମତା ସ୍ରୋତରେ ଯଦି ଆଞ୍ଚଳିକ ଦଳମାନେ ବଳି ପଡ଼ନ୍ତି ବା କ୍ଷମତା କ୍ଷେତ୍ରରୁ ଦୂରେଇ ଯାଆନ୍ତି ତେବେ ତାହା ଆଞ୍ଚଳିକ ବିକାଶର ସନ୍ତୁଳନ ବିନିଷ୍ଟ କରିଦେବାର ଆଶଙ୍କା ଅଧିକ। ସ୍ୱାଧୀନୋତ୍ତର ଭାରତରେ ଜାତୀୟ ଦଳ ଦ୍ୱାରା କେନ୍ଦ୍ରରେ ଗଠିତ ସରକାରମାନଙ୍କର ବିଭିନ୍ନ ରାଜ୍ୟ ପ୍ରତି ପାତରଅନ୍ତର ମନୋଭାବ ଓ ଭେଦଭାବ ଜନିତ ପୁଞ୍ଜିଭୂତ ଅସନ୍ତୋଷରୁ ଆଞ୍ଚଳିକ ଦଳମାନଙ୍କର ଉଦ୍‌ଭବ ହୋଇ ଅଭୂତପୂର୍ବ ଜନସମର୍ଥନ ଲାଭ କରିଥିଲା। ଆଞ୍ଚଳିକ ସ୍ୱାର୍ଥ, ସ୍ୱାଭିମାନର ସୁରକ୍ଷା ସହିତ ବିକାଶର ସମ୍ଭାବନା ଆଞ୍ଚଳିକ ଦଳମାନଙ୍କୁ ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ସମର୍ପଣ କରିଥିଲା। ରାଜ୍ୟବାସୀଙ୍କ ଆଶା ଓ ଭରସାକୁ ଚରିତାର୍ଥ କରି ଆଞ୍ଚଳିକ ଦଳର ସରକାରମାନଙ୍କ ଅମଳରେ ରାଜ୍ୟର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇଥିଲା।

କେବଳ ଓଡ଼ିଶାର ଉଦାହରଣ ଦେଖାଯାଉ। ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟତଃ ଜାତୀୟ ଦଳ ଦ୍ୱାରା ନିରନ୍ତର ଶାସିତ ଓଡ଼ିଶା ଏକ ପଛୁଆ ଓ ଗରିବ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କିନ୍ତୁ ସେହି ବର୍ଷ 'ବିଜୁ ଜନତା ଦଳ' କ୍ଷମତାକୁ ଆସିବା ପରେ କେବଳ ସେହି 'ଦାରିଦ୍ର୍ୟ-କଳଙ୍କ' ହଟିଲା ନାହିଁ, ବରଂ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ଉଦାହରଣୀୟ ଓ ଈର୍ଷଣୀୟ ସଫଳତା ହାସଲ କଲା। ଏବେ ପୁଣି ଥରେ ଓଡ଼ିଶାରେ ଜାତୀୟ ଦଳର ସରକାର ଅଛି। କେବଳ ଦଳର ସୁପ୍ରିମ୍ ଲିଡରଙ୍କ ପ୍ରଚାର ପ୍ରସାର ବ୍ୟତୀତ ବିକାଶର ଚକ କେତେ ଗଡ଼ିଛି, ଗତି କେଉଁ ଦିଗକୁ ଯାଉଛି, ତାହା ଉଲ୍ଲେଖ ଅନାବଶ୍ୟକ। ଜାତୀୟ ଦଳର ରାଜ୍ୟ ସରକାରମାନେ(ଡବଲ୍ ଇଞ୍ଜିନ୍) କେନ୍ଦ୍ରୀୟ ନେତା ଓ ସରକାରଙ୍କ ବଶମ୍ବଦ ଓ ବଚସ୍କର ହେବାକୁ ବାଧ୍ୟ। ସେମାନେ କଦାପି ରାଜ୍ୟ ସ୍ୱାର୍ଥ(ମାଟି) ପାଇଁ ନିଜ ଦଳୀୟ(ପାର୍ଟି) ସ୍ୱାର୍ଥକୁ ବଳି ଦେଇପାରିବେ ନାହିଁ। ଏହାର ଉଦାହରଣ ଗତ ୭୮ ବର୍ଷ ଧରି ଭାରତର ରାଜନୈତିକ ଇତିହାସ ଦେଖିଆସୁଛି ଏବଂ ଗୋଟିଏ ପରେ ଗୋଟିଏ ଅନ୍ୟାୟ-ଅବହେଳା ବିଜଡ଼ିତ ଅଧ୍ୟାୟ ଲେଖିଯାଉଛି। ଏହି ପୃଷ୍ଠଭୂମିରେ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ, ବିକାଶର ଦାବି କେନ୍ଦ୍ର ଆଗରେ ଉପସ୍ଥାପନ କରିବ କିଏ ଓ କେମିତି? ତେଣୁ ଡବଲ୍ ଇଞ୍ଜିନ(ଜାତୀୟ ଦଳର ରାଜ୍ୟର ସରକାର) ଓଡ଼ିଶାର ବିକାଶ ଗାଡ଼ିକୁ କେତେ ଆଗକୁ କିମ୍ବା ପଛକୁ ନେବ ତାହା ଆଉ ଦୁଇ/ତିନିବର୍ଷ ଭିତରେ ଲୋକେ ଦେଖି ବୁଝିଯିବେ। ଯାହା ଓଡ଼ିଶାରେ ହେଉଛି ତାହା ଆଗାମୀ ଦିନରେ ପଶ୍ଚିମବଙ୍ଗରେ ହେବାକୁ ଯାଉଛି। ଡବଲ୍ ଇଞ୍ଜିନ୍‌କୁ ପସନ୍ଦ କରିଥିବା ଭୋଟରମାନେ ଏହା ବୁଝିବା ବେଳକୁ ବିକାଶର ଇଞ୍ଜିନ୍ ଦୃଷ୍ଟି ଆଢୁଆଳରୁ ବହୁ ପଛକୁ ଚାଲିଯାଇଥିବ। ସେତେବେଳକୁ ଅନୁତାପ କରିବାର ସମୟ ମଧ୍ୟ ନ ଥିବ।

ଆଜିର ଦିନର ବିଡ଼ମ୍ବନା ହେଲା କେବଳ ନାରା ବା ସ୍ଲୋଗାନ୍ ଉପରେ ଗୁରୁତ୍ୱ ଦେଉଥିବା ଡବଲ୍ ଇଞ୍ଜିନ୍ ସରକାରମାନେ ଭୁଲି ଯାଉଛନ୍ତି ଯେ ନ୍ୟସ୍ତସ୍ୱାର୍ଥ ବିଜଡ଼ିତ ଦୃଷ୍ଟିଭଙ୍ଗୀ ଏବଂ ରାଜନୈତିକ ଅଭିସନ୍ଧିର ମନସ୍ତତ୍ତ୍ୱରେ ଆଞ୍ଚଳିକ ବିକାଶର ବାସ୍ତବତା ସାକାର ହୋଇପାରିବ ନାହିଁ ଏବଂ ଆଞ୍ଚଳିକ ବିକାଶ ବିନା ବିକଶିତ ଭାରତର ପରିକଳ୍ପନାର ମଧ୍ୟ କୌଣସି ଭିତ୍ତି ନାହିଁ। କିନ୍ତୁ ଏହି ବିଡ଼ମ୍ବନାକୁ ଭାରତୀୟ ଗଣତନ୍ତ୍ର ଗତ କିଛିବର୍ଷ ହେଲା ଦେଖି ଆସୁଛି ଏବଂ ଆହୁରି ଅନେକ ଦିନ ପର୍ଯ୍ୟନ୍ତ ସହିବାକୁ ଯାଉଛି। ଏବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ କେବଳ ପଞ୍ଜାବ, ଝାଡ଼ଖଣ୍ଡ, ଜାମ୍ମୁ-କାଶ୍ମୀର ଓ ତାମିଲନାଡୁକୁ ଛାଡ଼ିଦେଲେ ଆଉ କୌଣସି ରାଜ୍ୟରେ ଆଞ୍ଚଳିକ ଦଳ ଏକାକୀ ଶାସନ କ୍ଷମତାରେ ନାହିଁ। ଆଞ୍ଚଳିକ ଦଳ ଭାବେ ଦିଲ୍ଲୀରୁ ଜନ୍ମ ନେଇ ଜାତୀୟ ଦଳର ମାନ୍ୟତା ପାଇଥିବା ଆମ୍ ଆଦ୍‌ମୀ ପାର୍ଟି(ଆପ୍) କ୍ରମଶଃ ରାଜନୈତିକ ଷଡ଼ଯନ୍ତ୍ରରେ ଦୁର୍ବଳ ହୋଇ ଆଗାମୀ ଦିନରେ ପଞ୍ଜାବରୁ ମଧ୍ୟ କ୍ଷମତାଚ୍ୟୁତ ହେବା ଆଦୌ ଅବାନ୍ତର ପରିକଳ୍ପନା ନୁହେଁ।

୧୯୮୯ ମସିହା ପରେ ଆଞ୍ଚଳିକ ଦଳମାନେ ଜାତୀୟ ଓ ରାଜ୍ୟ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଆସିଥିଲେ। ଏପରିକି ଜାତୀୟ ଦଳ କଂଗ୍ରେସ ଓ ବିଜେପି ମଧ୍ୟ କ୍ଷମତା ରାଜନୀତିରେ ଅନେକ ଆଞ୍ଚଳିକ ଦଳମାନଙ୍କ ଅନୁଗ୍ରହ ଓ ସହାୟତା ଲୋଡ଼ିଥିଲେ। ଏବେ ସମୟର ଚକ ଘୂରିଛି। ଜାତୀୟ ଦଳ ବିଜେପି ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳକୁ ସାମ-ଦାମ-ଦଣ୍ଡ-ଭେଦ ନୀତିରେ ନିଶ୍ଚିହ୍ନ କରି ଚାଲିଛି। ଏ କଥା କହିବାରେ ଆଦୌ ଭୁଲ୍ ହେବ ନାହିଁ ଯେ ୧୯୮୯ ମସିହା ପୂର୍ବରୁ କଂଗ୍ରେସ କ୍ଷମତାର ଅହଂରେ ଯେଉଁ ଭୁଲ୍ କରି ବସିଥିଲା ତାହାକୁ ଏବେ ବିଜେପି ଦୋହରାଉଛି। ଆଜି କଂଗ୍ରେସର ସ୍ଥିତି ଯାହା ଆସନ୍ତା କାଲି ବିଜେପି ସମଦଶା ଭୋଗିବା ଥୟ। କାରଣ ସବୁ ଉତ୍‌ଥାନର ଏକ ପତନ ସୁନିଶ୍ଚିତ। ସବୁ ଉଦୟର ଏକ ଅସ୍ତ ଅଛି। ଗଣତନ୍ତ୍ରର ଏହି ବିବର୍ତ୍ତନ ଧାରାରେ ଆଗାମୀ କାଲିର ନବପ୍ରଭାବରେ ଆଞ୍ଚଳିକ ରାଜନୈତିକ ଦଳମାନଙ୍କ ନବଉନ୍ମେଷର ଆଉ ଏକ ସମ୍ଭାବନା ମଧ୍ୟ ଲୁଚି ରହିଛି। ହୁଏତ ଭାରତୀୟ ଗଣତନ୍ତ୍ର ପୁଣି ଏକ ନବଯୁଗର ସୂର୍ଯ୍ୟୋଦୟକୁ ଅପେକ୍ଷା କରିଛି।

## ଗଣତନ୍ତ୍ର ଓ ଗଣମାଧ୍ୟମ

**ସାରଦା ପ୍ରସାଦ ଆଚାର୍ଯ୍ୟ**

ଗଣତାନ୍ତ୍ରିକ ରାଷ୍ଟ୍ରରେ ସାମ୍ବାଦିକମାନେ ସମାଜ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ନିର୍ବାହ କରିଥା'ନ୍ତି। ଏହି କାର୍ଯ୍ୟଟିକୁ ନିଷ୍ଠାର ସହ ସୁଚାରୁ ରୂପେ ସମ୍ପନ୍ନ କରିବାକୁ ହେଲେ ସାମ୍ବାଦିକମାନଙ୍କର ସ୍ୱାଧୀନତା ଅତ୍ୟନ୍ତ ଜରୁରୀ। ଗୋଟିଏ ନିର୍ଦ୍ଦିଷ୍ଟ ଘଟଣାକୁ ଲୋକଲୋଚନକୁ ଆଣିବାର ପ୍ରୟାସ ଓ ପ୍ରଚେଷ୍ଟା ସହିତ ସାମ୍ବାଦିକତାର କୌଶଳକୁ ଯେତିକି ତୀବ୍ର କରିହେବ, ଘଟଣାଟି ପ୍ରଭାବଶାଳୀ ହେବା ସହିତ ସମପରିମାଣରେ ସ୍ୱଚ୍ଛତା ବଜାୟ ରହିପାରିବ। ଖବରକାଗଜ ପୃଷ୍ଠା ହେଉ ଅବା ବୈଦ୍ୟୁତିକ ଗଣମାଧ୍ୟମ- ସବୁଠି ସାମ୍ବାଦିକତା ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ସେହିଭଳି ସାମ୍ବାଦିକତା ଗୋଟିଏ ପବିତ୍ର ବୃତ୍ତି ଓ ପ୍ରବୃତ୍ତି ଭାବେ ଗୃହୀତ ହେଲେ ସର୍ବଦା ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହୋଇଥାଏ। ମହାତ୍ମା ଗାନ୍ଧୀ, ଗୋପବନ୍ଧୁଙ୍କ ସାମ୍ବାଦିକତା ଜୀବନଯାତ୍ରା ଆମ ପାଇଁ ସ୍ୱାଧୀନତାର ବୀଜ ବପନ କରିଥିଲା।

ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କ ଗୁରୁତ୍ୱକୁ ସମସ୍ତେ ଉପଲବ୍ଧି କରିଥା'ନ୍ତି। କିନ୍ତୁ କ୍ଷୋଭର ବିଷୟ, ସମ୍ପ୍ରତି ସମାଜ ପାଇଁ ସମ୍ବାଦର ଚାହିଦା ଅକ୍ଷୁର୍ଣ୍ଣ ରହିଥିବା ବେଳେ ସାମ୍ବାଦିକତା ଆଉ ଆଗ ଭଳି ଆକର୍ଷଣୀୟ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଅଧିକ ସମ୍ବାଦପତ୍ର ସୃଷ୍ଟି, ବୈଦ୍ୟୁତିକ ଗଣମାଧ୍ୟମର ବିବିଧତା ଆମ ସାମାଜିକ ଜୀବନରେ ଯେଉଁ ଅସହାୟତାକୁ ସମାଧାନ କରିବା କଥା, ସେ ଦିଗରେ ଏବେ ବି ଶତପ୍ରତିଶତ ସଫଳ ହୋଇ ପାରୁନାହିଁ। କିଛି ଚାନେଲ୍ ଗୁରୁତ୍ୱହୀନ ସମ୍ବାଦକୁ ପ୍ରାଧାନ୍ୟ ଦେଉଥିବା ବେଳେ ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହାରରେ ଫଳପ୍ରସୂ ସନ୍ତୋଷ ସାଉଁଟି ପାରୁନାହିଁ। କିଛି ସାମ୍ବାଦିକ ନିଜର ସ୍ୱାର୍ଥହାସଲ ପାଇଁ ବ୍ୟକ୍ତିକୈନ୍ଦ୍ରିକ ବିଷୟବସ୍ତୁ ଉପରେ ଆଲୋଚନା କରି ସମ୍ବାଦ ପରିବେଷଣରେ ବ୍ୟସ୍ତ ରହୁଛନ୍ତି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସୁହାଇଲା ଭଳି ଖବର, ମନଗଢ଼ା କାହାଣୀ, ସତ୍ୟତା ଅନୁସନ୍ଧାନ ନକରି ଶୁଣାକଥାକୁ ଗ୍ରହଣ କରି ଖବରକାଗଜ ପୃଷ୍ଠାରେ ସ୍ଥାନ ଦେଇ ନିଜର ସାମ୍ବାଦିକତାକୁ ପ୍ରଚାର ଓ ପ୍ରସାର କରି ବାହାଦୂରୀ ନେବା ପାଇଁ ଆଗଭର ହେଉଛନ୍ତି।

ଚତୁର୍ଥ ସ୍ତମ୍ଭ ବିବେଚନା କରି ତୁଚ୍ଛା ଶ୍ରେୟତା ହାତେଇବା ଅପେକ୍ଷା କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପନ୍ନ କରିବା ଆବଶ୍ୟକ। କିନ୍ତୁ ଦୁଃଖର ବିଷୟ ଏଥିରେ କିଛିଟା ଅନୁପସ୍ଥିତି ଅନୁଭବ ହେଉଛି। ତେଣୁ ସାମ୍ବାଦିକତା କ୍ରମଶଃ ଜନକଲ୍ୟାଣକାରୀ କାର୍ଯ୍ୟରୁ ପଛକୁ ହଟୁଥିବା ମନେ ହେଉଛି। ଫଳରେ ସମାଜର ସାମୂହିକ ଉନ୍ନତି ଆଣିବା ଦିଗରେ ସମ୍ବାଦପତ୍ରର ଭୂମିକା ଆଶାଜନକ ସଫଳତା ହାସଲ କରିପାରୁନାହିଁ।

ଗଣତନ୍ତ୍ରରେ ଆଇନ ପ୍ରଣୟନ, ଏହାର କାର୍ଯ୍ୟକାରିତା ଓ ସଠିକ୍ ଉପାଦେୟତା ଆବଶ୍ୟକ। ଉପରୋକ୍ତ କାର୍ଯ୍ୟଧାରାରେ ସାଧାରଣତଃ ତିନି ବର୍ଗ ଅନ୍ତର୍ଭୁକ୍ତ। ଯଥା- ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଆଇନଜୀବୀ। ଚତୁର୍ଥ ବର୍ଗରେ ଥିବା ସାମ୍ବାଦିକମାନେ ଗଣତନ୍ତ୍ର ପାଇଁ ଜାଗ୍ରତ ପ୍ରହରୀ ସଦୃଶ। ଏଣୁ ଏମାନଙ୍କ ପାଇଁ ସ୍ୱାଧୀନତା ଯେତିକି ଆବଶ୍ୟକ, ତତୋଧିକ ଦାୟିତ୍ୱବୋଧ ଜରୁରୀ। ବେଳେବେଳେ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଆପରାଧିକ ମାନସିକତାକୁ ସମ୍ବାଦିକମାନେ ଲୋକଲୋଚନକୁ ଆଣିବାର ସଫଳ ହୋଇଛନ୍ତି; କିନ୍ତୁ ସେମାନଙ୍କ ରୋଷର ଶିକାର ହୋଇ ମୃତ୍ୟୁବରଣ ମଧ୍ୟ କରୁଥିବା ଦୃଷ୍ଟାନ୍ତ ଅଛି। ଅସାଧୁ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟଧାରାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇ ସାମ୍ବାଦିକମାନେ ସମାଜର ଉନ୍ନତି ଆଣିବା ଦିଗରେ ନିଜର କର୍ମକୁଶଳତା ବଜାୟ ରଖିବା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିଛନ୍ତି।

ସାମ୍ବାଦିକଙ୍କ ପ୍ରମୁଖ କର୍ତ୍ତବ୍ୟ ହେଉଛି ଖବର ମାଧ୍ୟମରେ ସଚେତନ କରାଇବା; କିନ୍ତୁ ଅସତ୍ୟ କି ଅସ୍ପଷ୍ଟ ଖବର ଦେଇ ନୁହେଁ। ପାଠକ ଓ ଶ୍ରୋତାମାନଙ୍କୁ ଭୁଲ୍ ଖବର ଦେବା ଏକ ଅସାଧୁ ଆଚରଣ ନିଶ୍ଚୟ। କାରଣ ଅନେକ ପାଠକ ଓ ଶ୍ରୋତାମାନେ ପ୍ରକାଶିତ ଖବରକୁ ହିଁ ବିଶ୍ୱାସ କରିନେଇଥା'ନ୍ତି। ମିଛ ଖବର ଦେଇ ଏମାନଙ୍କ ବିଶ୍ୱାସକୁ ଭାଙ୍ଗିବା ଏକ ଅପରାଧ ଓ ଘୋର ପାପାଚାର କାର୍ଯ୍ୟ। ଖବର ବିଚାର କରିବାର କ୍ଷମତା ବି ସାଧାରଣ ଲୋକଙ୍କ ପାଖରେ ଅଛି। ସରକାର ଓ ପ୍ରଶାସନିକ କ୍ଷମତାର ତ୍ରୁଟିବିଚ୍ୟୁତିକୁ ଜନସାଧାରଣଙ୍କ ପାଖରେ ରଖିବା ସାମ୍ବାଦିକମାନଙ୍କର ଧର୍ମ ଏବଂ ସାଧାରଣ ଜନତାଙ୍କ ଅଭାବ ଅସୁବିଧାକୁ ସରକାର ଓ ପ୍ରଶାସନ ପାଖରେ ପହଞ୍ଚାଇ ଏହାର ଆଶୁ ସମାଧାନ କରିବା ଦିଗରେ ସହାୟତା କରିବା ଜଣେ ପତ୍ରକାରର କର୍ତ୍ତବ୍ୟ। ଏହାଦ୍ୱାରା ସରକାରଙ୍କ ଜନପ୍ରିୟତା ମଧ୍ୟ ବଢ଼ିଥାଏ।

ଗଣତାନ୍ତ୍ରିକ ସଂସଦୀୟ ବ୍ୟବସ୍ଥାରେ ଜଣେ ଖବରଦାତା ତା'ର ଧର୍ମପାଳନ ଓ କର୍ତ୍ତବ୍ୟବୋଧକୁ କେବେ ରାଜଦ୍ରୋହ ବୋଲି କହିହେବ ନାହିଁ। ଶାସନ ଓ ପ୍ରଶାସନର କାର୍ଯ୍ୟଧାରାକୁ ସମାଲୋଚନା କରିବା ଦ୍ୱାରା ସେମାନଙ୍କ ତ୍ରୁଟି ସୁଧାରିବାର ସୁଯୋଗ ସୃଷ୍ଟି ହୁଏ ତଥା ଏହା ଏକ ଜନମଙ୍ଗଳ ରାଷ୍ଟ୍ର ମାନ୍ୟତାରେ ସହାୟକ ହୋଇଥାଏ। ଦୁଃଖର ବିଷୟ; ଏବେବି ସରକାରୀ ଦଳର ରୋଷର ଶିକାର ହେଉଛନ୍ତି କେତେକ ସାମ୍ବାଦିକ ଓ ଗଣମାଧ୍ୟମ। ସାମ୍ବାଦିକର ସ୍ୱାଧୀନତା ଓ ଗଣମାଧ୍ୟମର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରଚେଷ୍ଟା ଚାଲିଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ତଥାପି ଅନେକ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିଷ୍ଠାନ ଅନେକ ଘାତପ୍ରତିଘାତ ସତ୍ତ୍ୱେ ସେମାନଙ୍କର ଶ୍ରେଷ୍ଠତା ପ୍ରତିପାଦନ କରିବାରେ ସଫଳ ହୋଇପାରିଛନ୍ତି।

ଗଣତନ୍ତ୍ରରେ ଗଣମାଧ୍ୟମ ହେଉଛି ଚତୁର୍ଥ ଖୁଣ୍ଟ। ସାମ୍ବାଦିକମାନେ ଚତୁର୍ଥ ଖୁଣ୍ଟରେ ବନ୍ଧା। ଅର୍ଥାତ୍ ଗଣମାଧ୍ୟମ ଯଦି ଅଣୁ ହୁଏ, ସାମ୍ବାଦିକମାନେ ଜଣେଜଣେ ପରମାଣୁ। ଗଣମାଧ୍ୟମ ଓ ସାମ୍ବାଦିକମାନେ ସବୁବେଳେ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେତେ ସଳଖ ଓ ସୁଦୃଢ଼ ରହିବେ, ଗଣତନ୍ତ୍ର ଘରଟି ସେତେ ସୁରକ୍ଷିତ ରହିବ। ମନ୍ତ୍ରୀ ବା ନେତାମାନେ ଆସିବେ ଯିବେ; ଅମଲାମାନେ ବୃତ୍ତି ବୟସ ସରିଲେ ଯିବେ। କିନ୍ତୁ ଗଣମାଧ୍ୟମ ଓ ସାମ୍ବାଦିକ ସବୁଦିନ ଯାଏ ସର୍ବଦା ଖମ୍ବ ଭଳି ଠିଆହୋଇ ରହିଥିବେ। ତିନି ଖୁଣ୍ଟକୁ ମଜବୁତ କରି ଟାଣିଧରେ ଏହି ଚତୁର୍ଥ ଖୁଣ୍ଟ ବା ଗଣମାଧ୍ୟମ। ଯଦି ଖୁଣ୍ଟ ହୁଗୁଳିବ, ଆମ ଗଣତନ୍ତ୍ର ଘରଟି ଭୁଶୁଡ଼ି ପଡ଼ିବ। ଏଣୁ ବୁଦ୍ଧିଜୀବୀମାନେ ଗଣମାଧ୍ୟମ ସହିତ ଜଡ଼ିତ ରହିବା ଉଚିତ। ସାମ୍ବାଦିକତାର ସ୍ୱାଧୀନତା ଓ ସମ୍ବାଦିକତାର ଦାୟିତ୍ୱକୁ ସମତୁଲ କରି ସୁଚାରୁ ରୂପେ ପାଳନ କରିପାରିଲେ ଜଣେ ସାମ୍ବାଦିକ ହିସାବରେ ଶତପ୍ରତିଶତ ସଫଳ ହୋଇପାରିବ। ନିଜ କର୍ତ୍ତବ୍ୟ ସମ୍ପାଦନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହେବ ଏବଂ ଗଣମାଧ୍ୟମ ପ୍ରଶଂସା ସାଉଁଟିବାରେ ସକ୍ଷମ ଓ ସମର୍ଥ ହେବ।

ଯୋଡ଼ା, ମୋ:୮୬୩୭୨୧୩୮୨୫

## ଜଙ୍ଗଲ ନିଆଁ: ପ୍ରକାର, କାରଣ ଓ ସମାଧାନ

**ଡ.ପ୍ରସନ୍ନ କୁମାର ଗନ୍ତାୟତ**



ପୃଥିବୀର ସବୁଜ ଫୁସ୍‌ଫୁସ୍ ଭାବେ ପରିଚିତ ଜଙ୍ଗଲ ଏକ ନବୀକରଣଯୋଗ୍ୟ ପ୍ରାକୃତିକ ସମ୍ପଦ, ଯାହା ପୃଥିବୀ ଓ ଜୀବଜଗତ ପାଇଁ ଅନନ୍ୟ ବରଦାନ। ଏହା ବିବିଧ ଉଦ୍ଭିଦ ଓ ପ୍ରାଣୀମାନଙ୍କର ପ୍ରାକୃତିକ ଆବାସ ସ୍ଥଳୀ। ଜଳବାୟୁ ନିୟନ୍ତ୍ରଣ, ପରିବେଶ ଓ ମୃତ୍ତିକା ସୁରକ୍ଷାରେ ଏହାର ଭୂମିକା ଉଲ୍ଲେଖଯୋଗ୍ୟ। ସୌନ୍ଦର୍ଯ୍ୟାତ୍ମକ ମୂଲ୍ୟବୋଧର ପରିପ୍ରକାଶ ମଧ୍ୟ ଜଙ୍ଗଲ ଦ୍ୱାରା ସମ୍ଭବ ହୋଇଥାଏ। ଏବେ କିନ୍ତୁ ଆମମାନଙ୍କ କେତେକ ଅବାଞ୍ଛିତ ପ୍ରଭାବ ବିସ୍ତାର ଏବଂ ପ୍ରାକୃତିକ କାରଣ ଯୋଗୁଁ ପୃଥିବୀର ଏହି ଅମୂଲ୍ୟ ସମ୍ପଦ ଘୋର ବିପର୍ଯ୍ୟୟଗ୍ରସ୍ତ। ଏହି ବିପର୍ଯ୍ୟୟ ମଧ୍ୟରେ ସର୍ବାଗ୍ରେ ରହିଛି ଜଙ୍ଗଲ ନିଆଁ ବା ବନାଗ୍ନି।

ବନାଗ୍ନି ଏକ ଅନିୟନ୍ତ୍ରିତ ଓ ବିନାଶକାରୀ ବିପର୍ଯ୍ୟୟ, ଯାହା ଶୀଘ୍ର ବ୍ୟାପିପାରେ, ଦିଗ ପରିବର୍ତ୍ତନ କରିପାରେ ଏବଂ ଉଦ୍ଭିଦ, ବନ୍ୟପ୍ରାଣୀ, ବାସସ୍ଥାନ ଓ ଜୈବ ବିବିଧତାର ପ୍ରଚୁର କ୍ଷତି ଘଟାଏ। ବନାଗ୍ନିର କାରଣ କେତେକାଂଶରେ ପ୍ରାକୃତିକ ଓ କେତେକାଂଶରେ ମନୁଷ୍ୟକୃତ। ବନାଗ୍ନିର ଭୟାବହତା ଓ ବ୍ୟାପକତା ଜଙ୍ଗଲର ଭୂରୂପ ଓ ପାଣିପାଗ ଉପରେ ନିର୍ଭର ହୋଇଥାଏ। ଏହି କାରଣଗୁଡ଼ିକର ପରିବର୍ତ୍ତନ ଯୋଗୁଁ ଭୂମିରେ ନିଆଁ ପୃଷ୍ଠାଗ୍ନିରେ ପରିଣତ ହୋଇପାରେ ଏବଂ ପୃଷ୍ଠାଗ୍ନି ଶୀର୍ଷାଗ୍ନିରେ ପରିଣତ ହୋଇପାରେ କିମ୍ବା ବିପରୀତ।

ଭୂମିଗତ ନିଆଁ(ଗ୍ରାଉଣ୍ଡ ଫାୟାର) ଜଙ୍ଗଲ ତଳେ ଥିବା ଜୈବିକ ପଦାର୍ଥର ଉପ୍ ସ୍ତର ଯେପରିକି ପିଟ୍, ମୂଳ ଓ ପଚିଯାଇଥିବା ଅଳିଆ ଆବର୍ଜନାରେ ଜଳେ। ଏଗୁଡ଼ିକ ବହୁତ ଧିରେ ଜଳେ ଏବଂ ମାସ ମାସ ଧରି ରହିପାରେ। ତେଣୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼େ। ପୃଷ୍ଠଗତ ନିଆଁ(ସରଫେସ୍ ଫାୟାର) ସାଧାରଣ ପ୍ରକାରର। ଜଙ୍ଗଲର ତଳ ଭାଗରେ ଥିବା ପତ୍ର, ଡାଳ, ଛୋଟ ବୁଦା ଭଳି ନିମ୍ନ ଭାଗର ଉଦ୍ଭିଦକୁ ଜାଳି ଭୂମିରେ ବ୍ୟାପିଥାଏ। ଅପରପକ୍ଷରେ ଶୀର୍ଷ ନିଆଁ(କ୍ରାଉନ୍ ଫାୟାର) ସବୁଠାରୁ ବିପଜ୍ଜନକ ଓ ତୀବ୍ର। ଏଥିରେ ଗଛଗୁଡ଼ିକର ଅଗ୍ରଭାଗ ଜଳେ। ପାହାଡ଼ ଢାଲୁରେ ଯଦି ନିଆଁ ତଳକୁ ଖସିବାକୁ ଆରମ୍ଭ କରେ ତେବେ ଏହା ଦ୍ରୁତଗତିରେ ବ୍ୟାପିଥାଏ। ଆଉ ଜଙ୍ଗଲ କାଠରୁ ବାହାରୁଥିବା ରେଜିନ୍ ପଦାର୍ଥ ପ୍ରଚଣ୍ଡ ଭାବରେ ଜଳେ। ପ୍ରାୟତଃ ଏହା ପୃଷ୍ଠ ନିଆଁ ଦ୍ୱାରା ପ୍ରଜ୍ୱଳିତ ହୋଇ ସିଡ଼ି ଇନ୍ଧନ(ଲାଡର ଫୁଏଲ୍) ଉପରେ ଗଡ଼ି ଚାନ୍ଦୁଆ ପର୍ଯ୍ୟନ୍ତ ପହଞ୍ଚିଥାଏ।

ଜଙ୍ଗଲ ଅଗ୍ନିକାଣ୍ଡରେ କିଛି ଅଗ୍ନି ଉଦ୍ଭିଦ(ପାଇରୋଫାଇଟ୍ସ)ର ସକ୍ରିୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକରେ ଉଚ୍ଚ ଦହନଶୀଳ ପଦାର୍ଥ ଥାଏ, ଯାହା ନିଆଁକୁ ପ୍ରୋତ୍ସାହିତ କରେ ଏବଂ ପରେ ଶୀଘ୍ର ପୁନର୍ଜନ୍ମ ହୁଏ। ଏଗୁଡ଼ିକ ଶୁଖିଲା ଅଳିଆ ଉତ୍ପାଦନ କରନ୍ତି, ଯାହା ସହଜରେ ଜଳିଥାଏ ଏବଂ ନିଆଁ ବିସ୍ତାର କରିଥାଏ। ନୀଳଗିରି ଭଳି ସକ୍ରିୟ ଅଗ୍ନି ଉଦ୍ଭିଦ ପ୍ରଜାତିର ବୃକ୍ଷ ଅଗ୍ନିର ତୀବ୍ରତା ଏବଂ ପ୍ରସାରକୁ ବୃଦ୍ଧି କରିଥାଏ। ଏହି ସକ୍ରିୟ ପାଇରୋଫାଇଟ୍ସ, ତେଲ ନିର୍ଗତ କରି 'ସିଡ଼ି ଇନ୍ଧନ' ସୃଷ୍ଟି କରେ, ଯାହା ପୃଷ୍ଠ ନିଆଁକୁ ଉଚ୍ଚ ତୀବ୍ରତାଯୁକ୍ତ ଶୀର୍ଷ ଅଗ୍ନିରେ ପରିଣତ କରି ପରିସଂସ୍ଥାକୁ କ୍ଷତି ପହଞ୍ଚାଇଥାଏ। ତୀବ୍ର ଓ ଦ୍ରୁତ ଗତି କରୁଥିବା ନିଆଁ କାଠ ଭିତରେ ଥିବା ଆର୍ଦ୍ରତାକୁ ଉତ୍ତପ୍ତ କରାଏ, ଯାହା ଫଳରେ ବାଷ୍ପ ଜମା ହୁଏ ଆଉ ଗଣ୍ଡି ଫାଟିଯାଏ ଏବଂ ବାଷ୍ପୀଭୂତ ହୋଇ ଜଳିପାରେ। ପ୍ରାୟତଃ ଏହି ଗଛଗୁଡ଼ିକ 'ପେଟ୍ରୋଲ ଗଛ' ଭାବରେ ବିବେଚିତ ହୁଏ।

ପ୍ରାକୃତିକ କାରଣ ମଧ୍ୟରେ ଶୁଷ୍କ ଗଛଲତା ଉପରେ ବଜ୍ରପାତ, ଉଚ୍ଚ ତାପମାତ୍ରା, ଜ୍ୱାଳାମୁଖୀ ଉଦ୍‌ଗୀରଣ ଏବଂ ସ୍ୱତଃସ୍ଫୂର୍ତ୍ତ ଦହନ ଅନ୍ତର୍ଭୁକ୍ତ। ମାନବ ଅସାବଧାନତାରୁ ମଧ୍ୟ ଏହା ସୃଷ୍ଟି ହୋଇଥାଏ, ଯେପରିକି କୌଣସି ବର୍ଜ୍ୟ ବା ଭଗ୍ନାବଶେଷରେ ନିଆଁ କିମ୍ବା ବୈଦ୍ୟୁତିକ ତାର ଘର୍ଷଣ ଇତ୍ୟାଦି। ଏହାଛଡ଼ା କୃଷି ପାଇଁ ଜମି ସଫା କରିବାରେ ଅଗ୍ନିର ସହାୟତା ନିଆଯାଏ, ଯାହା ଅନିୟନ୍ତ୍ରିତ ବନାଗ୍ନିରେ ପରିଣତ ହୋଇପାରେ। ମହୁଲ ଫୁଲ ରାତିରେ ଆପେ ଆପେ ଝଡ଼ିଯାଏ। ସଂଗ୍ରହକୁ ସହଜ କରିବା ପାଇଁ ଶୁଖିଲା ପତ୍ରକୁ ଜାଳି ଦେବାର ଦୃଷ୍ଟାନ୍ତ ରହିଛି, ଯାହା ବନାଗ୍ନି ସୃଷ୍ଟି କରେ। ଏଥିପାଇଁ ଜାଲ ବ୍ୟବହାର ଭଳି ବିକଳ୍ପକୁ ପ୍ରୋତ୍ସାହିତ କରିବା ଭଲ।

ଜଙ୍ଗଲ ନିଆଁ ବାରମ୍ବାର ଓ ତୀବ୍ରତା ସହ ଘଟିଲେ ପରିବେଶ ଓ ମାନବ ସଭ୍ୟତା ପାଇଁ ପ୍ରଚୁର କ୍ଷତିକାରକ ହୋଇପାରେ। ପ୍ରାଣୀ ସଂଖ୍ୟା ହ୍ରାସ ପାଏ, ପ୍ରବଳ ଉତ୍ତାପ ମାଟିର ଜୈବ ପଦାର୍ଥକୁ ପୋଡ଼ି ଦେଇଥାଏ, ମୃତ୍ତିକା କ୍ଷୟ ଓ ଭୂସ୍ଖଳନର ଆଶଙ୍କା ବୃଦ୍ଧି କରିଥାଏ, ଏହାର ପାଉଁଶ ଜଳପ୍ରତିରୋଧୀ ମାଟି ସ୍ତର ସୃଷ୍ଟି କରେ। ପାଉଁଶରେ ଥିବା ବିଷାକ୍ତ ଯୌଗିକଗୁଡ଼ିକ ପ୍ରବାହରେ ଜଳର ଗୁଣବତ୍ତା ହ୍ରାସ ପାଏ। ଜଙ୍ଗଲ ନିଆଁ ଓ ଧୂଆଁର ସିଧାସଳଖ ପ୍ରଭାବରେ ଜନଜୀବନ ସ୍ୱାସ୍ଥ୍ୟ, ସମ୍ପତ୍ତି ନଷ୍ଟ ସହ ପ୍ରଦୂଷଣ ବୃଦ୍ଧି ପାଏ।

ତେଣୁ ବନାଗ୍ନିର କାରଣ, ପ୍ରଭାବ ଓ ପ୍ରତିକାରକୁ ଭଲ ଭାବରେ ବୁଝିବା ଏବଂ ପ୍ରଭାବଶାଳୀ ଢଙ୍ଗରେ ପ୍ରଶମନ ରଣନୀତି କାର୍ଯ୍ୟକାରୀ କରିବା ଆବଶ୍ୟକ। ଆମ ଜଙ୍ଗଲକୁ ସୁରକ୍ଷା ଦେବା ଏବଂ କ୍ଷତିକୁ କମ କରିବା ଅତ୍ୟନ୍ତ ଜରୁରୀ। ଅଗ୍ନି ନିର୍ବାପନ କୌଶଳ ଓ ଉପକରଣର ଉପଯୋଗ ଅଧିକ ଜରୁରୀ। ସବୁଠୁ ପ୍ରଭାବଶାଳୀ ସୁରକ୍ଷା ମଧ୍ୟରେ ଗଛକୁ ଏକ ଶ୍ୱାସକ୍ରିୟାଶୀଳ ସାମଗ୍ରୀ ସହିତ ଗୁଡ଼ାଇବାକୁ ପଡ଼ିବ, ଯାହା ଗଛର ଗଣ୍ଡିକୁ ଶୀଘ୍ର ଗରମ ହେବାରେ ରୋକିପାରିବ। ବିଶ୍ୱ ତାପମାତ୍ରା ବୃଦ୍ଧି, ଦୀର୍ଘକାଳୀନ ମରୁଡ଼ି ଏବଂ ଶୁଷ୍କତା ଯୋଗୁଁ ଶୁଷ୍କ ଉଦ୍ଭିଦ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ଅଗ୍ନିକାଣ୍ଡ ବି ସହଜରେ ଘଟୁଛି। ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତାଲିମପ୍ରାପ୍ତ, ସୁସଜ୍ଜିତ ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିବା, ବନାଗ୍ନି ପ୍ରଶମନ ଯୋଜନା ଅଧିକ କାର୍ଯ୍ୟକାରୀ ହେବା, ବେଆଇନ୍ ଜଙ୍ଗଲ ପୋଡ଼ିବା ପାଇଁ କଠୋର ଆଇନଗତ ଦଣ୍ଡବିଧାନ, ଉନ୍ନତ ବୈଷୟିକ ଜ୍ଞାନକୌଶଳ, ଉପଗ୍ରହ ସହାୟତାରେ ଜଙ୍ଗଲ ନିଆଁର ପୂର୍ବାନୁମାନ, ନିରୀକ୍ଷଣ, ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରହରା, ଅତ୍ୟାଧୁନିକ ଟ୍ରାକିଂ, ମ୍ୟାପିଂ ଓ ମନିଟରିଂ ଉପକରଣର ଅଧିକରୁ ଅଧିକ ଉପଯୋଗିତା ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ। ଏଥିସହିତ ସମସ୍ତଙ୍କ ସହଯୋଗ ରହିଲେ ଆମେ ଭବିଷ୍ୟତ ପିଢ଼ି ପାଇଁ ଆମର ଜଙ୍ଗଲ ସମ୍ପଦକୁ ସୁରକ୍ଷିତ ରଖିପାରିବା।

ଅଧ୍ୟକ୍ଷ (ସେବା ନିବୃତ୍ତ)
ରାୟଗଡ଼, ମୋ: ୮୨୪୯୪୨୫୫୫୧

## ସେବା ଓ ସାଧନାର ଅନ୍ତଃସ୍ୱର: କବିଭୂଷଣ ସ୍ୱପ୍ନେଶ୍ୱର

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଯେଉଁମାନେ ଦେଶ ଓ ଜାତି ସକାଶେ ଅସାମାନ୍ୟ ତ୍ୟାଗ ସ୍ୱୀକାର କରିଛନ୍ତି 'ସେମାନେ ଆମ ସାହିତ୍ୟ ଜଗତର ଏକ ଏକ ଅନ୍ତର୍ଭେଦୀ ଅନ୍ତଃସ୍ୱର' ବୋଲି ଅଭିହିତ କରିବା ହେବ ସେମାନଙ୍କ ପ୍ରତି ପ୍ରକୃତ ସମ୍ମାନ। ସମଗ୍ର ଜୀବନ ଓଡ଼ିଆ ଭାଷା ଓ ସାହିତ୍ୟର ସେବାରେ ନିଜକୁ ଉତ୍ସର୍ଗ କରିଯାଇଥିବା ସେହିପରି ଏକ ଅନ୍ତଃସଲୀଳା ଫଲଗୁର ପବିତ୍ର ପ୍ରବାହ ହେଉଛନ୍ତି କବିଭୂଷଣ ସ୍ୱପ୍ନେଶ୍ୱର ଦାଶ। ତାଙ୍କ ବ୍ୟାପକ ସାଧନାର କ୍ଷେତ୍ରର ଗୌରବଦୀପ୍ତ ଅବଦାନର ସନ୍ତୋଷଜନକ ଆକଳନ କରିପାରିବା ସାଧ୍ୟାତୀତ ବ୍ୟାପାର। କେତେ ପତ୍ରପତ୍ରିକା ସହ ସେ ଜଡ଼ିତ ନଥିଲେ! ପୁଣି ସମ୍ପାଦନା କ୍ଷେତ୍ରରେ ସୃଷ୍ଟି କରିପାରିଥିଲେ ଅଭିନ୍ନ ଦୃଷ୍ଟାନ୍ତ। କେତେ ଯେ ଗ୍ରନ୍ଥର ରଚୟିତା ସେ! ତାଙ୍କ ଜୀବନର ଏଇ ପ୍ରତିଟି ଦିଗ ହେଉଛି ବିସ୍ମୟକର।

୧୯୧୩ ମସିହାରେ ତାଙ୍କ ସମ୍ପାଦନାରେ ପ୍ରକାଶିତ ହେଲା 'ଉତ୍କଳ ସେବକ'। ଏହା ପରେ 'ସେବା', 'ହୀରାଖଣ୍ଡ', 'ସାଧନା' ଆଦିର ସମ୍ପାଦନାରେ ସେ ପ୍ରଦର୍ଶନ କରିପାରିଛନ୍ତି ସ୍ୱକୀୟ ସ୍ୱତନ୍ତ୍ର ପ୍ରତିଭାଦୀପ୍ତ ଚେତନା। ସମ୍ବଲପୁରରୁ ପ୍ରକାଶିତ 'ନବଯୁଗ', ବାମଣ୍ଡାରୁ ପ୍ରକାଶିତ 'ଉପହାର', ବାଲାଙ୍ଗୀରରୁ ପ୍ରକାଶିତ 'ହୀରାଖଣ୍ଡ ସମାଚାର', ବ୍ରହ୍ମପୁରରୁ ପ୍ରକାଶିତ 'ଓଡ଼ିଆ' ଓ 'ନବୀନ' ଆଦି ବହୁ ପତ୍ରପତ୍ରିକା ସହ ସେ ହୋଇଯାଇଥିଲେ କି ନିବିଡ଼ ଭାବରେ ସମ୍ପୃକ୍ତ ତାହା କଳ୍ପନା କଲେ ତାଙ୍କ ନିରବଚ୍ଛିନ୍ନ ଅବଦାନ ଚକିତ କରିଦେଇପାରେ ଯେକୌଣସି ଚିନ୍ତାଶୀଳ ସମୀକ୍ଷକଙ୍କୁ।

ଶିକ୍ଷକତାରୁ ତାଙ୍କ କର୍ମମୟ ଜୀବନର ଆରମ୍ଭ। ସାହିତ୍ୟ ସାଧନା ଓ ଧର୍ମାଲୋଚନାରେ ତାହା ହେଲା ସୁବିକଶିତ। ପତ୍ରିକା ସମ୍ପାଦନାରେ ସାମାଜିକ ପ୍ରତିଶ୍ରୁତିବଦ୍ଧତା ପରିଗ୍ରହ କଲା ପରିପକ୍ୱ ଓ ପ୍ରୋଜ୍ଜ୍ୱଳ ରୂପ। ପୁଣି ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ଅନୁରୂପ ଏକ ଜାତୀୟ ଚେତନା ଉଦ୍ରେକକାରୀ ସ୍କୁଲ ସିଏ ଆରମ୍ଭ କରିଥିଲେ ସମ୍ବଲପୁରରେ। କିନ୍ତୁ କେଉଁ ଅନୁଷ୍ଠାନ, କେଉଁ ପତ୍ରିକା କେତେଦିନ ପର୍ଯ୍ୟନ୍ତ ତିଷ୍ଠି ରହି ପାରିବ ତାହା କେହି କହିପାରିବା ସମ୍ଭବ ନୁହେଁ। ଯେଉଁ ଉଚ୍ଚ ଆଦର୍ଶ ନେଇ ତାହା ପ୍ରତିଷ୍ଠିତ, ସେଇ ଦୃଷ୍ଟିକୋଣରୁ ତାହାର ମର୍ଯ୍ୟାଦା ପ୍ରତିପାଦିତ ହେବା ହିଁ ବାସ୍ତବରେ ସେମାନଙ୍କ ଉଦ୍ଦେଶ୍ୟରେ ହୋଇପାରେ ଆମର ଯଥୋଚିତ ସମ୍ମାନ।

ସ୍ୱପ୍ନେଶ୍ୱର ଦାଶଙ୍କ ମହନୀୟ ସାଧନାର ଏକ ସମୁଚ୍ଚ ସୋପାନ ହେଲା ଜୀବନକାଳ ମଧ୍ୟରେ ସେ ପ୍ରାୟ ୧୩୫ ଖଣ୍ଡ ଗ୍ରନ୍ଥ ପ୍ରଣୟନ କରିପାରିଛନ୍ତି। ତା' ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଛି ଅନ୍ୟ ଭାଷାର ଉଚ୍ଚକୋଟୀର ଗ୍ରନ୍ଥର ସାର୍ଥକ ଅନୁବାଦ। ଆଉ ଶେଷରେ ଆୟୁର୍ବେଦ ଚିକିତ୍ସା ପାଇଁ ରଚନା କରନ୍ତି 'ବୈଦ୍ୟକଳ୍ପ ଦ୍ରୁମ'। 'ପ୍ରବଚନ-ତରଙ୍ଗ' ନାମକ ପୁସ୍ତକରେ ସଂଗୃହୀତ ହୋଇ ରହିଛି ୩୦୭୪ଟି ପ୍ରବଚନ। ମାତ୍ର ସେସବୁ ଯେ ଆଜି ପର୍ଯ୍ୟନ୍ତ ସୂର୍ଯ୍ୟାଲୋକ ଦେଖିବାରୁ ରହିଛନ୍ତି ବଞ୍ଚିତ ତାହା ଚିନ୍ତା କଲେ ଆମର ଅକ୍ଷମତା ହିଁ ସ୍ୱତଃ ପ୍ରମାଣିତ ହୋଇଯାଏ। ପ୍ରଫେସର ପ୍ରାଣକୃଷ୍ଣ ପରିଜା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିବା ବେଳେ କବିଙ୍କ ପ୍ରତିଭାର ଦ୍ୟୁତି ଆବିଷ୍କାର କରିପାରିଥିବା ଏକ୍ଷେତ୍ରରେ ଏକାନ୍ତ ସ୍ମରଣୀୟ। ସ୍ୱପ୍ନେଶ୍ୱର ଦାଶଙ୍କ ଅନୂଦିତ 'ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ' ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ ହେବା ଥିଲା ଭବିଷ୍ୟତ ଉଦ୍ଦେଶ୍ୟରେ ମଧ୍ୟ ଏକ ଅର୍ଥପୂର୍ଣ୍ଣ ଇଙ୍ଗିତ। ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ, ତୁଳସୀ ଦାସଙ୍କ 'ରାମଚରିତ ମାନସ'ର ଓଡ଼ିଆ ଭାଷାନ୍ତର, 'ଗାନ୍ଧୀବୋଲି', 'ଶ୍ରୀକୃଷ୍ଣ କଥାମୃତ', 'ଜାତୀୟ ସଂଗୀତ' ଆଦିର ଯଶସ୍ୱୀ କବିଙ୍କ ଓଡ଼ିଆ ଭାଷାକୁ ଅବଦାନର ମହତ୍ତ୍ୱ ହୃଦୟଙ୍ଗମ କରିପାରିଥିଲେ ପାଟଣା ମହାରାଜା। ତେଣୁ ତାଙ୍କ ଦରବାରରୁ ସେ 'କବିଭୂଷଣ' ଉପାଧିରେ ବିଭୂଷିତ ହୋଇ ତଦନୁସାରେ ସର୍ବତ୍ର ହୋଇଛନ୍ତି ପୂଜିତ ଓ ସମ୍ମାନିତ। ବୀର ସୁରେନ୍ଦ୍ର ସାଏଙ୍କ ମହାସଂଗ୍ରାମ କବିଭୂଷଣ ଯେପରି ବର୍ଣ୍ଣନା କରିଛନ୍ତି ତାହାକୁ ହିଁ ପ୍ରାମାଣିକ ତଥ୍ୟ ବୋଲି ଗ୍ରହଣ କରିବା ସର୍ବୋତ୍ତମ। ଏପରି ଏକ ଗ୍ରନ୍ଥ ପ୍ରଣୟନ ନିମିତ୍ତ ସେ ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି, ପ୍ରତ୍ୟେକ ଜୀବନୀ-ଲେଖକଙ୍କ ପାଇଁ ତାହା ନିଶ୍ଚିତ ଭାବରେ ଅତୁଳନୀୟ ପ୍ରେରଣାର ଏକ ଜ୍ୟୋତିସ୍ତମ୍ଭ।

ସ୍ୱପ୍ନେଶ୍ୱର ଦାଶଙ୍କ ଆବିର୍ଭାବ ବର୍ତ୍ତମାନର ବରଗଡ଼ ଜିଲ୍ଲାରେ। ଅଥଚ ଦିଗବିଦିଗରେ ତାଙ୍କ ଅବିଶ୍ରାନ୍ତ ଯାତ୍ରା କି ରୋମାଞ୍ଚକର। ଏହା ତାଙ୍କ ବିସ୍ତୃତ ଚେତନାର ହିଁ ଏକ ସଂକେତ। କେଉଁ ସୁବିଶାଳ ତେଜର ବିକିରଣକୁ ବା ହୃଦୟରେ ସେ ଧାରଣ କରିନାହାନ୍ତି! ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ପୁନଃମନ୍ଥନ ନୂତନ ଶତାବ୍ଦୀର ହେଉଛି ଆନ୍ତରିକ ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୁଖ୍ୟମନ୍ତ୍ରୀ ପଦକୁ ନେଇ ପଶ୍ଚିମବଙ୍ଗରେ ଛକାପଞ୍ଝା




କୋଲକାତା, ୬।୫ (ଏଜେନ୍ସି): ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ ପରେ ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୮ ତାରିଖରେ ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନେତା ନିର୍ବାଚିତ ହେବେ ଏବଂ ୯ ତାରିଖେରେ ନୂଆ ସରକାର ଶପଥ ଗ୍ରହଣ କରିବ। ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କୋଲକାତାରେ ରହି ବିଚାରବିମର୍ଶ ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଲାଗି ଅନେକ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏହା ଆସନ୍ତା ୮ ତାରିଖରେ ହିଁ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ସେପଟେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କରିଥିବା ମମତା ବାନାର୍ଜୀ କହିଛନ୍ତି ଯେ ରାଜ୍ୟପାଳ ଚାହିଁଲେ ତାଙ୍କୁ ବରଖାସ୍ତ କରିପାରନ୍ତି। କିନ୍ତୁ ସେ ଇସ୍ତଫା ଦେବେନାହିଁ। ନିର୍ବାଚନରେ ଭୀଷଣ ଅନିୟମିତତା ହୋଇଥିବାରୁ ଫଳାଫଳକୁ ବେଆଇନ ଦର୍ଶାଇ ଏହା ବିରୋଧରେ ସୁପ୍ରିମ କୋର୍ଟ ଯିବେ ବୋଲି କହିଛନ୍ତି ମମତା। ସୁପ୍ରିମ କୋର୍ଟରେ ସେ ନିଜେ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।

## ସ୍ପଷ୍ଟ କଲା ରେଳ ବିଭାଗ

# ସାଉଥ୍ କୋଷ୍ଟ ରେଲୱେ ଯୋଗୁ ଓଡ଼ିଶାର କିଛି ହରାଇବାର ନାହିଁ

- ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାରେ ପଲାସା-ଇଛାପୁରମ୍ ରୁଟ୍‌ର ୭ଟି ଷ୍ଟେସନ ରହିଛି, ଓଡ଼ିଶାର କିଛି କ୍ଷତି ନାହିଁ
- ୱାଲଟିୟର ଡିଭିଜନ୍‌ର ୬୯୬ କିଲୋମିଟର ରୁଟ୍ ରାୟଗଡା ଡିଭିଜନ ଅଧିନରେ ରହିବ

ଭୁବନେଶ୍ୱର, ୬।୫ (ସମିସ): ନୂଆ କରି ସୃଷ୍ଟି ହୋଇଥିବା ସାଉଥ କୋଷ୍ଟ ରେଲୱେ ଯୋଗୁ ଓଡ଼ିଶାର ଅନେକ କ୍ଷତି ହେଉଛି ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଉଛି। ତେବେ ଏଭଳି ଆଶଙ୍କାକୁ ଖଣ୍ଡନ କରିଛି ରେଳ ବିଭାଗ। ଏପରିକି ଏଭଳି ତଥ୍ୟକୁ ଭ୍ରମାତ୍ମକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ରେଳ ବିଭାଗ ପକ୍ଷରୁ ପାଲଟା ସ୍ପଷ୍ଟୀକରଣ ଦିଆଯାଇଛି।

ସୂଚନା ଯୋଗ୍ୟ ଯେ ନୂଆକରି ସୃଷ୍ଟି ହୋଇଥିବା ସାଉଥକୋଷ୍ଟ ରେଲୱେର ବିଶାଖାପାଟଣା ଡିଭିଜନରେ ପଲାସାରୁ ଇଛାପୁରମ୍ ପର୍ଯ୍ୟନ୍ତ ୫୩ କିଲୋମିଟର ରୁଟ୍‌ର ୭ଟି ଯାକ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ରହିଛି। ଏହି ଷ୍ଟେସନ ଗୁଡିକ ହେଉଛି ପଲାସା, ସୁମାଦେବୀ, ମଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଛାପୁରମ୍। ଏହାଦ୍ୱାରା ଓଡ଼ିଶାର କୌଣସି ଅଞ୍ଚଳ ଆନ୍ଧ୍ରକୁ ଯାଉନାହିଁ। ତେଣୁ ଓଡ଼ିଶାର କ୍ଷତି ହେଉଥିବା ପ୍ରଚାର ତଥ୍ୟଗତ ଦୃଷ୍ଟିରୁ ଭ୍ରମାତ୍ମକ। କୋରାପୁଟ୍-ସିଂଗାପୁର ରୋଡ, କୋଟାଭଲାସା-କିରାଣ୍ଡୁଲ, କୁନେରୁ-ଥେରୁବାଲି ଏବଂ ଗୁଣୁପୁର-ପାରଳାଖେମୁଣ୍ଡି ସେକ୍ସନର ୬୯୬ କିଲୋମିଟର ଇଷ୍ଟକୋଷ୍ଟ ରେଲୱେ ଅଧୀନରେ ଥିବା ନୂଆ ରାୟଗଡା ଡିଭିଜନ ଅଧୀନରେ ରହିବ। ତେଣୁ କୌଣସି ପରିସ୍ଥିତିରେ ଓଡ଼ିଶାର କୌଣସି ଅଞ୍ଚଳ ଆନ୍ଧ୍ରପ୍ରଦେଶ ଅଧୀନକୁ ଯାଉନାହିଁ। ଏଭଳି ସନ୍ଦେହ ଅମୂଳକ ଏବଂ ଏଭଳି ଭ୍ରମାତ୍ମକ ତଥ୍ୟ ପ୍ରଦାନ କରି ଜନସାଧାରଣଙ୍କୁ ବିଭ୍ରାନ୍ତ ନ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଶୁଭେନ୍ଦୁଙ୍କ ପିଏଙ୍କୁ...

ଭିତରେ ଏଭଳି ହିଂସାକାଣ୍ଡରେ ୫ ଜଣ ନିହତ ହୋଇଛନ୍ତି। ଆକ୍ରମଣକାରୀ ପୁଲିସକୁ ମଧ୍ୟ ଛାଡ଼ୁ ନାହାନ୍ତି। ସେମାନେ ପୁଲିସ ଉପରକୁ ମଧ୍ୟ ଗୁଳିମାଡ଼ କରୁଛନ୍ତି। ବିଜେପିର ବିପୁଳ ବିଜୟ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କୁ ଟାର୍ଗେଟ୍ କରାଯାଉଥିବା ଅଭିଯୋଗ ହୋଇଛି। କୋଲକାତାର ବେଲିଆଘାଟା ଅଞ୍ଚଳରେ ବିଶ୍ୱଜିତ ପଟ୍ଟନାୟକ ନାମକ ଜଣେ ଟିଏମ୍‌ସି କର୍ମୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିଭଳି ବୀରଭୂମର ନାନୁର ଅଞ୍ଚଳରେ ମଧ୍ୟ ଜଣେ ଟିଏମ୍‌ସି କର୍ମୀଙ୍କୁ ହତ୍ୟା କରାଯାଇଥିବା ଦଳ ପକ୍ଷରୁ ଦାବି କରାଯାଇଛି। ଟଲିଗଞ୍ଜ ଏବଂ କସବା ଅଞ୍ଚଳରେ ଥିବା ତୃଣମୂଳ କଂଗ୍ରେସ କାର୍ଯ୍ୟାଳୟଗୁଡ଼ିକୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦିଆଯାଇଛି। ହାଓଡ଼ା, ମୁର୍ଶିଦାବାଦ, ବାରୁଇପୁର ଏବଂ କମରହାଟୀ ଭଳି ସ୍ଥାନରେ ହିଂସାକାଣ୍ଡ ଘଟିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଲୋକଙ୍କୁ ବାଡ଼ି ଓ ଲାଠିରେ ଗୋଡ଼ାଇ ପିଟାଯାଉଥିବା ଦେଖିବାକୁ ମିଳୁଛି। ଟିଏମ୍‌ସି ଏହି ଘଟଣାଗୁଡ଼ିକୁ "ମଧ୍ୟଯୁଗୀୟ ବର୍ବରତା' ବୋଲି କହିଛି। ବିଜେପି ନେତୃତ୍ୱ ଶାନ୍ତି ରକ୍ଷା ପାଇଁ ଅପିଲ୍ କରିଥିଲେ ହେଁ, ସେମାନଙ୍କ ସମର୍ଥକମାନେ ହିଂସାରେ ସାମିଲ ଥିବା ନେଇ ଅଭିଯୋଗ ହେଉଛି। ବଙ୍ଗଳାରେ ସତ୍ତା ପରିବର୍ତ୍ତନ ସହ ରାଜନୈତିକ ହିଂସା ଏବେ ଚିନ୍ତାର ବିଷୟ ପାଲଟିଛି, ଯେଉଁଥିରେ ସାଧାରଣ କର୍ମୀମାନେ ବଳି ପଡୁଛନ୍ତି।

ପୋଲିସ ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୩୩ ଜଣଙ୍କୁ ଗିରଫ କରାଗଲାଣି। ବିଜେପି କହିଛି ଯେ ହିଂସାରେ ଏହାର କୌଣସି ହାତ ନାହିଁ। ଟିଏମ୍‌ସିର କର୍ମକର୍ତ୍ତାମାନେ ବିଜେପି କର୍ମୀଙ୍କ ଛଦ୍ମବେଶ ।।ରେ ଅରାଜକତା ସୃଷ୍ଟି କରୁଛନ୍ତି। ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାର୍ଟି ଦାବି କରିଛି। ଇତିମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ହିଂସାକାଣ୍ଡରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଅପରାଧୀଙ୍କ ଆଗରେ...

ଏଭଳି ଘଟଣାର ପୁନରାବୃତ୍ତି ନହେବ, ସେଥିପାଇଁ ନବୀନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହାସହ ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ଏପରି ନାରକୀୟ କାଣ୍ଡ ବାରମ୍ବାର ଘଟୁଥିଲେ ବି ପୁଲିସ ପ୍ରଶାସନ, ଆଇନର ବ୍ୟବସ୍ଥା କ'ଣ କରୁଛି? ଅପରାଧୀଙ୍କ ଆଗରେ ଓଡ଼ିଶାର ଶାସନ ବ୍ୟବସ୍ଥା କାହିଁକି ଏତେ ଅସହାୟ ହୋଇପଡୁଛି? ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ନବୀନ।

### ବନ୍ଦରଭିତ୍ତିକ ବିକାଶ...

ହାସଲ କରିପାରିବ, ସେଥିପାଇଁ ସନ୍ତୁଳିତ ଉପକୂଳ ବିକାଶ ଅପରିହାର୍ଯ୍ୟ ବୋଲି ଉଲ୍ଲେଖ କରି ଓଡିଶାକୁ ଦେଶର ପରବର୍ତ୍ତୀ ଶିଳ୍ପ ଅଭିବୃଦ୍ଧିର ପ୍ରବେଶପଥ ରୂପେ ଦର୍ଶାଇଛନ୍ତି। ଏହି ଅବସରରେ ଦକ୍ଷିଣ-ପୂର୍ବ ଏସିଆ, ପୂର୍ବ ଏସିଆ ଏବଂ ଇଣ୍ଡୋ-ପାସିଫିକ ଅଞ୍ଚଳ ସହିତ ଓଡିଶାର ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୮.୩୭ କୋଟି ଟଙ୍କାର ୪୩୩ ନିବେଶ ପ୍ରସ୍ତାବକୁ ଓଡ଼ିଶା ସରକାର ଅନୁମୋଦନ କରିଥିବା ଉଲ୍ଲେଖ କରି ୨.୮୬ ଲକ୍ଷ କୋଟି ଟଙ୍କାର ୧୪୮ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ପାରାଦୀପ କିଭଳି ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିରେ ପରିବର୍ତ୍ତନ ଆଣିଛି ତାହା ମୁଁ ନିଜେ ଦେଖିଛି। ଆଜି ଆମେ ସେହି ମୂଳଦୁଆ ଉପରେ ବନ୍ଦର-ଭିତ୍ତିକ ଶିଳ୍ପାୟନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରୁଛୁ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଛନ୍ତି।

### ନାତୁଣୀ ସହ...

ଯାଇଥିବା ସାଇକଲ, ପ୍ଲାଇ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀକୁ ବ୍ୟାପିଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ବିଶ୍ୱନାଥଙ୍କ ଘର ଭିତରେ ଥିବା ସୋଫା, ଗଦିର ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ତରଳି ଯାଇଥିଲା। ଘର ଭିତରେ ମଧ୍ୟ କିଛିମାତ୍ରାର ନିଆଁ ଲାଗି ଯାଇଥିଲା। ଘର ଭିତର ତାପମାତ୍ରା ବଢ଼ିଯିବା ସହ ଧୂଆଁମୟ ହୋଇଯିବା ପରେ ଅଣନିଃଶ୍ୱାସୀ ହୋଇ ବିଶ୍ୱନାଥ ଓ ସୁଲଭା ନିଦରୁ ଉଠି ପଡ଼ିଥିଲେ। ଘରେ ନିଆଁ ଲାଗିଥିବା ଦେଖି ନାତୁଣୀକୁ ଧରି ବାହାରକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ଦୁଆର ମୁହଁରେ ଲାଗିଥିବା ନିଆଁରେ ପଡ଼ି ଯାଇଥିଲେ। ଶରୀରରେ ନିଆଁ ଲାଗିବା ସହ ସେମାନେ ଅଣନିଶ୍ୱାସୀ ହୋଇ ଯାଇଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ବିଶ୍ୱନାଥ ଓ ତାଙ୍କ ପତ୍ନୀ ନାତୁଣୀକୁ ଧରି ଜୀବନ ବଞ୍ଚାଇବାକୁ ବହୁ କଷ୍ଟରେ ଉପର ମହଲାକୁ ଉଠି ଆପାର୍ଟମେଣ୍ଟର ଫ୍ଲାଟରେ ରହୁଥିବା ବାବୁମାନଙ୍କ କବାଟ ବାଡ଼େଇ ଥିଲେ। ହେଲେ କେହି ତାଙ୍କ ସ୍ୱର ଶୁଣି ପାରି ନ ଥିଲେ। ସେପଟେ ପାଖ ଆପାର୍ଟମେଣ୍ଟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ବିଶ୍ୱନାଥ ଓ ସୁଲଭା ଚେତାଶୂନ୍ୟ ହୋଇ ପଡ଼ିଥିବାବେଳେ ତେଜସ୍ୱିନୀ ଚିତ୍କାର କରୁଥିଲେ। ଚିତ୍କାର ଶୁଣି ଅଗ୍ନିଶମ କର୍ମଚାରୀମାନେ ଉପର ମହଲାରୁ ୩ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ବିଶ୍ୱନାଥ ଓ ସୁଲଭାଙ୍କୁ ମୃତ ଘୋଷଣା କରିଥିବା ବେଳେ ତେଜସ୍ୱିନୀକୁ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତେଜସ୍ୱିନୀ ମଧ୍ୟ ପ୍ରାଣ ହରାଇଥିଲେ। ଭୁବନେଶ୍ୱର ଓ କଳ୍ପନା ଫାୟାର ଷ୍ଟେସନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଅଗ୍ନିକାଣ୍ଡ ପରେ ଜଣାପଡ଼ିଛି। ଲକ୍ଷ୍ମୀସାଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୨୦୦ ଟଙ୍କା ବଢ଼ିପାରେ...

ତିନି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିସ୍ଥିତିରେ ଦେଶରେ ଏଲ୍‌ପିଜି ସିଲିଣ୍ଡର ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ଚଳିତବର୍ଷ ଏପ୍ରିଲରେ ସ୍ପଟ୍ ବଜାରରେ ଏଲ୍‌ଏନ୍‌ଜି ମୂଲ୍ୟ ପ୍ରତି ଏମ୍‌ଏମ୍‌ବିଟିୟୁ ୧୭-୧୮ ଡଲାର ବୃଦ୍ଧି ପାଇଛି, ଯାହା ପଶ୍ଚିମ ଏସୀୟ ସଂଘର୍ଷ ପୂର୍ବରୁ ୧-୧୧ ଡଲାର ରହିଥିଲା। ଏହି ମୂଲ୍ୟ ବୃଦ୍ଧି ଏବଂ ଯୋଗାଣ ଅଭାବ ଭାରତରେ ରନ୍ଧନ ଗ୍ୟାସ୍ ବ୍ୟବହାରକୁ ସିଧାସଳଖ ପ୍ରଭାବିତ କରିଛି। ଯାହାର ଉଦାହରଣ ହେଉଛି, ମାର୍ଚ୍ଚ ମାସରେ ଦେଶରେ ଗ୍ୟାସ୍ ଚାହିଦା ବାର୍ଷିକ ଭିତ୍ତିରେ ୧୫% ହ୍ରାସ ପାଇଛି, ଯେତେବେଳେ କି ମାସିକ ଆଧାରରେ ଚାହିଦା ୨୦% କମିଛି। ଏଲ୍‌ଏନ୍‌ଜି ଆମଦାନୀ ମଧ୍ୟ ୩୪% ହ୍ରାସ ପାଇଛି। କାତାରର ଦୀର୍ଘକାଳୀନ ଚୁକ୍ତିନାମା ଉପରେ କଟକଣା ଲାଗୁ ହେବା ଦ୍ୱାରା ବିଶ୍ୱ ବଜାରରେ ପ୍ରତି ମାସରେ ୬ ରୁ ୮ ନିୟୁତ ଟନ୍ ଏଲ୍‌ଏନ୍‌ଜି ଅଭାବ ସୃଷ୍ଟି ହୋଇଛି। ଅପରପକ୍ଷେ ୟୁରୋପର ଗ୍ୟାସ ଭଣ୍ଡାର ୩୨%ର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଫଳସ୍ୱରୂପ, ଦେଶରେ ଘରୋଇ ସିଲିଣ୍ଡର ମୂଲ୍ୟ ମଧ୍ୟ ବୃଦ୍ଧି ହେବାର ବୋଲି ଆଶଙ୍କା ରହିଛି। ତଥାପି, ସରକାର ବର୍ତ୍ତମାନ ଗ୍ୟାସ୍ ମୂଲ୍ୟରେ କୌଣସି ବୃଦ୍ଧିକୁ ଅସ୍ୱୀକାର କରିଛନ୍ତି।

### ସଂଖ୍ୟାରେ ...

କହିଛି ଯେ କୌଣସି ବି ପରିସ୍ଥିତିରେ ଟିଭିକେକୁ ସମର୍ଥନ ଦିଆଯିବ ନାହିଁ। ତେବେ ଦଳ ଭିତରେ ଏହାକୁ ନେଇ ଗୁରୁତର ମତଭେଦ ଦେଖାଦେଇଥିବା ଜଣାପଡ଼ିଛି। ଅନ୍ୟ ଏକ ଅସମର୍ଥିତ ସୂତ୍ରରୁ ଖବର ମିଳିଛି ଯେ ସରକାର ଗଠନ ପାଇଁ ଡିଏମ୍‌କେ ଏବଂ ଆନ୍ନାଡିଏମ୍‌କେ ହାତ ମିଳାଇପାରନ୍ତି। ଇତିମଧ୍ୟରେ ଖବର ମିଳିଛି ଯେ, ମିଳିତ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ଆନ୍ନାଡିଏମ୍‌କେ ଓ ଡିଏମ୍‌କେ। ଦୁଇ ଦଳର ନେତାମାନଙ୍କ ମଧ୍ୟରେ ଏ ନେଇ ଗୁପ୍ତ ଆଲୋଚନା ଚାଲିଛି। ନିର୍ବାଚନରେ ଡିଏମ୍‌କେକୁ ୫୯ ଏବଂ ଆନ୍ନାଡିଏମ୍‌କେକୁ ୪୭ ଆସନ ମିଳିଛି। ତେବେ ଏହି ଗୁପ୍ତ ଆଲୋଚନା ସମ୍ପର୍କରେ କୌଣସି ଦଳ ମୁହଁ ଖୋଲୁନାହାନ୍ତି।

### ୮ ଘଣ୍ଟା ପରେ...

ସହଯୋଗୀମାନେ ଅନେକ ଚେଷ୍ଟା କରିଥିଲେ ମଧ୍ୟ ତାକୁ ବାହାର କରିବାରେ ବିଫଳ ହୋଇଥିଲେ। ଖବର ପାଇ ଓଡ଼ଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ନୟାଗଡ଼ ଅଗ୍ନିଶମ ବାହିନୀ ମଧ୍ୟ ପହଞ୍ଚି ସହଯୋଗ କରିଥିଲେ। କିନ୍ତୁ ଆବଶ୍ୟକ ସରଞ୍ଜାମ ଅଭାବ ହେତୁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳକୁ ଡକାଯାଇଥିଲା। ଅପରାହ୍ନ ୩ଟାରେ ଭୁବନେଶ୍ୱର ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପରେ ଉଦ୍ଧାର ଅଭିଯାନକୁ ଜୋରଦାର କରାଯାଇଥିଲା। ଦୀର୍ଘ ୮ ଘଣ୍ଟାର ଅପରେସନ ପରେ ଅପରାହ୍ନ ପ୍ରାୟ ସାଢ଼େ ୪ଟାଟାରେ ଶିବୁକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମ୍ପୂର୍ଣ୍ଣ ଅପରେସନ ସମୟରେ ଶିବୁ ଅସାଧାରଣ ଧୈର୍ଯ୍ୟ ଦେଖାଇ ଉଦ୍ଧାରକାରୀ ଦଳକୁ ସହଯୋଗ କରିଥିଲା। "ଅପରେସନ ଶିବୁ' ସଫଳ ହେବା ଖବର ପାଇ ଅଗ୍ନିଶମ ବାହିନୀ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶିବୁକୁ ଭେଟିବା ସହ ତା' ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ସୂଚନା ନେଇଥିଲେ। ଏହି ସଫଳ ଉଦ୍ଧାର ଅଭିଯାନ ପାଇଁ ସେ ଅଗ୍ନିଶମ ବାହିନୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ପୃକ୍ତ ଟିମ୍‌କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଅନ୍ୟପଟେ ଶିବୁର ସାହସ ଓ ଅଗ୍ନିଶମ ବାହିନୀର ତତ୍ପରତାକୁ ସବୁମହଲରେ ପ୍ରଶଂସା କରାଯାଇଛି। ଉଦ୍ଧାର କାର୍ଯ୍ୟ ବେଳେ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ, ଶରଧାପୁର ଆର୍‌ଆଇ ଅଜିତ୍ କୁମାର ଡାକୁଆ, ଓଡ଼ଗାଁ ଥାନା ଆଇଆଇସି ସତ୍ୟନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଶିବୁର ବାପା ପରିବାରକୁ ଛାଡ଼ି ଦୀର୍ଘଦିନ ଧରି କେଉଁଆଡ଼େ ଚାଲିଯାଇଛନ୍ତି।

ନୟାଗଡ଼ ଜିଲ୍ଲା ଓଡ଼ଗାଁ କାଣିପଦା ଜଙ୍ଗଲରେ ପଥର ସନ୍ଧିରେ ଫସି ରହିଥିବା ଶିଶୁଟିକୁ ସୁରକ୍ଷିତ ଉଦ୍ଧାର କରିଥିବା ସମସ୍ତ ଅଗ୍ନିଶମ ବାହିନୀ କର୍ମଚାରୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି। ସଭିଙ୍କ ସମୟୋଚିତ ପ୍ରୟାସ ଏବଂ ନିଷ୍ଠା ଶିଶୁଟିର ଜୀବନ ବଞ୍ଚାଇପାରିଛି। ଏପରି କାର୍ଯ୍ୟ ଓଡ଼ିଶା ଅଗ୍ନିଶମ ବାହିନୀଙ୍କ ଅସୀମ ଦକ୍ଷତାର ନିଦର୍ଶନ।


**ସର୍ବସାଧାରଣ ବିଜ୍ଞପ୍ତି**

ମୋର ମାତା ଶ୍ରୀମତୀ ପଙ୍କଜିନୀ ପଣ୍ଡାଙ୍କର ୭ ଅକ୍ଟୋବର ୨୦୨୦ ତାରିଖରେ ତାଙ୍କର ବାସସ୍ଥାନ ରାମଜୀ ମନ୍ଦିର, ବାଲିବନ୍ଧା, ସମ୍ବଲପୁରରେ ଦେହାନ୍ତ ଘଟିଥିଲା। ତାଙ୍କ ନାମରେ ଏମଆରଜି ଅଲ୍ଟିମସ ପ୍ରୋଜେକ୍ଟ, ସେକ୍ଟର-୯୦, ଗୁରୁଗ୍ରାମ, ହରିୟାଣା ରେ ଥିବା ଏଫର୍ଡେବଲ୍ ୟୁନିଟ୍ ନଂ. ଏମ-୧୦୨ ରହିଛି। ମୁଁ ଆନନ୍ଦ ବର୍ଦ୍ଧନ ପଣ୍ଡା, ପଙ୍କଜିନୀ ପଣ୍ଡାଙ୍କ ପୁତ୍ର, ଏହି ଉକ୍ତ ଫ୍ଲାଟ ବିରୁଦ୍ଧରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଠାରୁ ଋଣ ଗ୍ରହଣ କରିଛି ଏବଂ ନିୟମିତ କିସ୍ତି ଓ ବିଲ୍ଡରଙ୍କର ବକେୟା ରାଶି ପରିଶୋଧ କରିସାରିଛି। ବର୍ତ୍ତମାନ ମୁଁ ଏହି ୟୁନିଟ୍‌ର ମାଲିକାନା ମୋର ନାମକୁ ହସ୍ତାନ୍ତର କରୁଛି। ଏହା ସମ୍ବନ୍ଧରେ କାହାରି କୌଣସି ଆପତ୍ତି ଥିଲେ, ଆଜିର ତାରିଖରୁ ୩୦ ଦିନ ମଧ୍ୟରେ ନିକଟସ୍ଥ ପୋଲିସ ଥାନାରେ ଅବଗତ କରିବେ।

ଆନନ୍ଦ ବର୍ଦ୍ଧନ ପଣ୍ଡା, ମାତା - ପଙ୍କଜିନୀ ପଣ୍ଡା

**ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ : କେନ୍ଦୁଝର**

ପତ୍ର ସଂଖ୍ୟା : 5615 — ତା.୦୪.୦୫.୨୦୨୬

**ନୋଟିସ**

ପ୍ରାପ୍ତେଷୁ,
ଶ୍ରୀମତୀ ସରସ୍ୱତୀ ମୁଣ୍ଡା, ଅଙ୍ଗନବାଡି କର୍ମୀ, ବୀରକିଶୋରପୁର-୨ A.W.C.
ଥାନା-ସଦର, ଜିଲ୍ଲା-କେନ୍ଦୁଝର-୭୫୮୦୧୩
ବିଷୟ:- ବୀରକିଶୋରପୁର-୨ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି କର୍ମୀ ପଦବୀରୁ ବହିଷ୍କାର ନିମନ୍ତେ।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଆପଣ ନିଜ ଘର ଠିକଣା ରେ ରହୁ ନଥିବାରୁ ଆପଣଙ୍କ ବର୍ତ୍ତମାନ ର ବାସସ୍ଥାନ ବିଷୟରେ କୌଣସି ଖବର ନ ମିଳିବା ହେତୁ, ଖବରକାଗଜ ମାଧ୍ୟମରେ ଆପଣଙ୍କୁ ନୋଟିସ କରାଯାଉଅଛି କି ଆପଣ ଅତ୍ର କାର୍ଯ୍ୟାଳୟ ରେ ତା.୨୮.୦୫.୨୦୨୬ରିଖ, ସମୟ : ସକାଳ ୦୯:୩୦ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଆପଣଙ୍କ ପକ୍ଷ ରଖିବା ହେବେ, ଅନ୍ୟଥା, ଆପଣଙ୍କୁ ବୀରକିଶୋରପୁର-୨ ଅଙ୍ଗନବାଡି କେନ୍ଦ୍ର ଅଙ୍ଗନବାଡି କର୍ମୀ ପଦବୀରୁ ନିୟମାନୁଯାୟୀ ବହିଷ୍କାର କରିବା ପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯିବ।

ଅଧ୍ୟକ୍ଷ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତଥା
ଉପ-ଜିଲ୍ଲାପାଳ, କେନ୍ଦୁଝର

**NOTICE**

By virtue of an affidavit sworn before the Notary Public, Cuttack, dated 05.05.2026 I Batakrushna Sahoo S/o. Achhuti Sahoo resident of At- Aenda, P.O- Sukarapada, Dist- Cuttack, Odisha, Pin- 754209 have changed my name from Babaji Charan Sahoo to Batakrushna Sahoo. Henceforth, I shall be known as **Batakrushna Sahoo** for all purposes.

Bata krushna sahoo

**OFFICE OF THE DIVISIONAL FOREST OFFICER CHILIKA WILDLIFE DIVISION,**

8001/60/2627

AT / PO- BALUGAON , DIST. - KHORDHA - 752030
Email-dfo.chilikawl@odisha.gov.in, Ph-06756-251125
Advt.No. 01/26 Date: 04.05.2026

**TENDER CALL NOTICE FOR SELECTION OF AN AGENCY FOR HIRING OF COMMERCIAL LIGHT VEHICLES**

Sealed tenders are invited from registered travel agencies for hiring of commercial light vehicles on a monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: **www.odishaforest.in and www.wildlife.odisha.gov.in ("Tender section").** Interested agencies may submit their tenders in a sealed envelope super-scribing on the top of the sealed envelope as **"Tender for Selection of an agency for hiring of Commercial Light Vehicles on Monthly Basis in reference to Advertisement No.01/26 dtd.04.05.2026".** A pre-bid meeting shall be held on 19.05.2026, 11.00 AM. Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the office of the undersigned by **25.05.2026 (till 12 NOON).** The tenders will be opened at **01PM on 25.05.2026.** The undersigned reserves the right to reject any or all the tenders without assigning any reason thereof.

OIPR-8001/8015/1/26-27/0001 — DIVISIONAL FOREST OFFICER CHILIKA WILDLIFE DIVISION

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No: SE, KIP-(KCD-I)-02/2026-27**
**( Kanpur Canal Division-I, Jhumpura)**

32001/148/2627

| | | |
|---|---|---|
| 1. | No Of the Work | 8 |
| 2 | Paper Cost | Rs.4000.00 /Each |
| 3 | Period of completion | 03 (Three) Calendar Months |
| 4 | Date & time of availability of bid document in the portal | 08.05.2026 from 10.00 Hours to 22.05.2026 up to 17.00 Hours. |
| 5 | Last date / Time for receipt of bids in the portal | 22.05.2026 up to 17.00 Hours. |
| 6 | Date & Time of opening of tender | 25.05.2026 at11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan Superintending Engineer, Kanupur Canal Division-I, At-Arsala PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

Er. Duryodhan Kisan
Superintending Engineer
Kanupur Canal Division-I,
Jhumpura, Keonjhar, Odisha

OIPR-32001/32157/1/26-27/0001

**OFFICE OF THE DIVISIONAL FOREST OFFICER ATHGARH FOREST DIVISION, ATHGARH**

8001/59/2627

At/Po/PS- Athgarh, Dist- Cuttack, State-Odisha, PIN-754029
e-mail- dfo.athagarh@odisha.gov.in
Notice No. 2588 /1F (Account), Dated, Athgarh the 5th May, 2026

**SHORT TENDER CALL NOTICE**
**FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN ATHAGARH RANGE**

Quotations in plain paper /letter pad are invited from the intending supplier / Vehicle owner for supply of Bolero vehicle within 3 Years of registration for use in patrolling and other duty in Athgarh Forest Range during the FY-2026-27 with following terms and condition.

The quotation should reach this office on or before **18.05.2026 at 11.00 A.M** through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Athgarh Forest Division. The tenders will be opened in the office of the undersigned on **dt. 19.05.2026 at 12 P.M** by submitting a non-refundable Demand Draft to be drawn in favour of Divisional Forest Officer, Athgarh from **06.05.2026 to 18.05.2026 payable at Athgarh for 1180/- ( Cost 1000/- +GST 18% -Rs.180/- )** ( Rupees One Thousand One hundred Eighty) only towards cost of tender paper, which will be placed before the Purchase Committee of this office for approval. The amount quoted should include the cost of Driver and all taxes (excluding the cost of Fuel). The incomplete quotation or quotation received after the scheduled date and time shall be summarily rejected. The undersigned reserves all rights to reject any or all quotation without showing any reason therof.

**1. BOLERO ( Diesel Make ) – 2 Nos.**

(Dr. Biswal Chichilichi, OFS)
Divisional Forest Officer,
Athgarh Forest Division, Athgarh

OIPR-8001/8063/1/26-27/0001

**OFFICE OF THE REGULATED MARKET COMMITTEE, KORAPUT.**

7001/21/2627

At/Po- Koraput, Dist.: -Koraput (Odisha), PIN- 764020
TENDER CALL NOTICE NO. 1086 / RMC dated: - 02.05.2026.
Bid Identification no. 01/RMC-Koraput /2026-27
*E-procurement notice IFB (Invitation for bids)*

| Sr. No. | Item | Details |
|---|---|---|
| 1 | The Sub-Collector Koraput-cum-Chairman, RMC Koraput invites percentage rate bids in **Single cover system** in ONLINE MODE only for work as detailed below: | |
| 2 | Nature of the work | Construction of different developmental works at 04 Market Yards of RMC Koraput. |
| 3 | No of work | 04 Nos |
| 4 | Bid Cost | Rs 6000.00 online transfer. |
| 5 | Value of Tender | Rs 17.80 to 37.93 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt 05.05.2026 to 13.05.2026 |
| 8 | Last date/time of Receipt of bids in the portal | Dt 13.05.2026 up to 5.00 P.M |
| 9 | Date of opening of bid | Dt 15.05.2026 at 11.00 A.M |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website: https://tendersorissa.gov.in. | |

OIPR-7001/7022/1/26-27/0001

Sub- Collector Koraput-cum chairman
Regulated Market Committee, Koraput.

**AFFIDAVIT**

I, KUPPILI SRIVIDYA, W/o KUPPILI SANTOSH JANKIRAM PATNAIK resident of At - P.R.Peta, 2nd Lane, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No.1804, Dated - 06/05/2026, that now onwards I shall be known as **KUPPILI SRIDIVYA** for all future purpose.

**AFFIDAVIT**

By virtue of an affidavit (Sl No. A/20, dtd- 27/02/2026) sworn before The Executive Magistrate, Panposh at Uditnagar, Rourkela. I, **Avinas Tanty,** S/o- Late Debendra Tanty, resident of At: Sector-D, Gundichapalli, PO/PS: Bondamunda, Dist: Sundargarh, Odisha, PIN: 770032 declare that, my actual name is **Avinas Tanty** which is mentioned in my Aadhaar Card No: 2988 0550 6912, but in my in my parents **postal Saving A/C** vide No. **4552874867,** Bondamunda S.O. as nominee my name mentioned as **Panchanan Tanty.**

That, both the names **Panchanan Tanty** and **Avinas Tanty** stands for one and same person i.e. myself.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide No.: 795, dated: 06.05.2026, I, Biswajeeta Padhy, wife of Mukteswar Padhy, resident of Village: Janiguda, P.O.: Koraput, P.S.: Koraput Town, District.: Koraput, Odisha, PIN-764020, hereby declare that my former name was Biswajeeta Bagh. I have changed my name to **Biswajeeta Padhy** with effect from 29 April 2026, and henceforth I shall be known and identified by the name **Biswajeeta Padhy** for all purposes.

Sd/- Biswajeeta Padhy

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 790, dated 05.05.2026, I, KAMALU CHOUDHURY, S/o - Bishu Choudhury, permanent resident of Village - Badamasigam, PO - Bhatigaon, PS - Kodinga, Dist - Nabarangpur, Odisha, Pin - 764063, declare that I have changed the name of my Daughter from DIPILI CHOUDHURY to DIPALI CHOUDHURY. Henceforth, she shall be known as **DIPALI CHOUDHURY** for all purposes.

Sd/- Kamalu Choudhury

**DOCUMENT LOST**

ମୁଁ, କୃଷ୍ଣ ପ୍ରସାଦ ମଣ୍ଡଳ, ପିତା- ସ୍ୱର୍ଗତ ଅଚ୍ୟୁତାନନ୍ଦ ମଣ୍ଡଳ, ଠିକଣା- ୱାର୍ଡ ନଂ-୨୬, ପି.ଓ/ପି.ଏସ୍- ଭଞ୍ଜପୁର, ବାରିପଦା, ଜିଲ୍ଲା- ମୟୂରଭଞ୍ଜ, ଓଡ଼ିଶା, ଏଠାରେ ଘୋଷଣା କରୁଛି ଯେ, ସବ-ରେଜିଷ୍ଟ୍ରାର, ବାରିପଦାଙ୍କ ସମ୍ମୁଖରେ ମୌଜା ଯମୁନାଦେଇପୁର, ଖାତା ନଂ.୭୯, ପ୍ଲଟ ନଂ.୭୮୯, ବିକ୍ରୟ ଦଲିଲ ନଂ.୧୫, ଖଣ୍ଡ-୧ ପୃଷ୍ଠା ୧୫୯ ରୁ ୧୭୨ ତାରିଖ- ୩୧/୦୧/୧୯୯୨ରେ ପଞ୍ଜିକୃତ ବିକ୍ରୟ ଦଲିଲ, ମୋ ଭଞ୍ଜପୁର ବାସଭବନ ୱାର୍ଡ ନଂ-୨୬ ରେ ୨୫/୦୪/୨୦୨୬ ରେ ହଜିଯାଇଛି। ଯଦି କେହି ଏହାକୁ ପାଆନ୍ତି, ଦୟାକରି ଭଞ୍ଜପୁର ପୋଲିସ ଷ୍ଟେସନ, ବାରିପଦାକୁ ହସ୍ତାନ୍ତର କରନ୍ତୁ। ଯଦି କେହି ଏହାର ଅପବ୍ୟବହାର କରନ୍ତି ତେବେ ଆମେ ଦାୟୀ ରହିବୁ ନାହିଁ।

**AFFIDAVIT**

By virtue of an affidavit (CF No.113, dtd- 05/05/2026) sworn before the Executive Magistrate, Bhuabaneswar. I, **Rajendra Prasad Satapathy,** S/o- Dibakar Satapathy, resident of Plot No.640-1877/3412, Aerodrome Area, PO: Aerodrome, Bhubaneswar, Dist- Khordha, Odisha, PIN-751020 , I do here by declare that both parents name as **Rajendra Pradas Satapathy** instead of **Rajendra Prasad Satapathy** and **Rosalin Satapathy** Instead of **Rosaline Satapathy** has wrongly reflected in my son's **(Sashibhusan Satapathy)** CBSE Certificate.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 791, dated. 05.05.2026, I, RICHA GUPTA, D/o - Santosh Prasad Gupta, permanent resident of Village - Sikadaguda, PO - Temera, PS - Kodinga, Dist- Nabarangpur, Odisha, Pin - 764061, declare that I have changed my name from LICHA GUPTA to RICHA GUPTA. Henceforth, I shall be known as **RICHA GUPTA** for all purposes.

Sd/- Richa Gupta

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 789, dated 05.05.2026, I, BHAGABATI BHATRA, W/o - Raghu Bhatra, permanent resident of Village - Nuaguda, PO - Kangra, PS - Tentulikhunti, Dist - Nabarangpur, Odisha, Pin - 764059, declare that I have changed the name of my Daughter from MUKTA BHATRA to SANGITA BHATRA. Henceforth, she shall be known as **SANGITA BHATRA** for all purposes.

Sd/- Bhagabati Bhatra

**ଡାଲି ଓ ତୈଳବୀଜ କୃଷି କ୍ରୟ କମିଟି ବୈଠକ**

# ମେ' ଦ୍ୱିତୀୟ ସପ୍ତାହରୁ କ୍ରୟ ପ୍ରକ୍ରିୟା ଆରମ୍ଭ

ଜଗତସିଂହପୁର,୬।୫(ସମିସ)




ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୫-୨୬ ନିମନ୍ତେ ଜିଲ୍ଲାସ୍ତରୀୟ ଡାଲି ଓ ତୈଳବୀଜ କୃଷି କ୍ରୟ କମିଟି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମସ୍ତ ଚାଷୀମାନଙ୍କୁ ରେଜିଷ୍ଟ୍ରେସନ ନିମନ୍ତେ ସଚେତନ କରିବା ଏବଂ ଖୋଟ ବ୍ୟାଗ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପିଲ୍ଲେ କହିଲେ ଯେ ଜିଲ୍ଲାରେ ଅଧିକରୁ ଅଧିକ ଚାଷୀ ଯେପରି ଏହି କ୍ରୟ ପ୍ରକ୍ରିୟାରେ ନିଜ ନିଜର ନାମ ପଞ୍ଜୀକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସବ୍‌ସିଡି ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଚଳିତ ରବି ଋତୁରେ ଡାଲି ଜାତୀୟ ଫସଲ ମୁଗ, ବିରି ଓ ତୈଳ ଜାତୀୟ ଫସଲ ବାଦାମ, ସୋରିଷ, ସୂର୍ଯ୍ୟମୁଖୀ ପ୍ରଭୃତି ଫସଲ ରହିଛି। ଏଥିରେ ମୁଗର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୮୭୬୮ ଟଙ୍କା, ବିରି ୭୮୦୦ ଟଙ୍କା, ବାଦାମ ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ୭୭୨୧ ଟଙ୍କା ଓ ସୋରିଷ ୬୨୦୦ ଟଙ୍କା ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସମସ୍ତ ବ୍ଲକର ବିଏଓମାନଙ୍କ ଦ୍ୱାରା ଯାଞ୍ଚ କରାଯିବା ପରେ ୧୭ଟି କୃଷକ ଉତ୍ପାଦକ କମ୍ପାନୀ (ଏଫ୍‌ପିସି) ସହିତ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୨ଟି ଆର୍‌ଏମ୍‌ସି, ଏହିପରି ୨୫ଟି କ୍ରୟ କେନ୍ଦ୍ର ଭାବେ ଚୟନ କରାଯାଇଛି। ଏଥି ମଧ୍ୟରୁ ଆରଏମସି ଜଗତସିଂହପୁର ଓ ଆର୍‌ଏମ୍‌ସି ରାହାମାରେ ମୁଗ, ବିରି କିଣା ହେବ। ସେମାନଙ୍କୁ ମାର୍କଫେଡ୍ ସହିତ ବୁଝାମଣାପତ୍ର ଗ୍ରହଣ କରିବାକୁ ପଡ଼ିବ ଏବଂ ଇ-ସମୃଦ୍ଧି ପୋର୍ଟାଲରେ କୃଷକମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ। ପଞ୍ଜୀକରଣ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକ ହେଉଛି କୃଷକ ପରିଚୟ ପ୍ରମାଣପତ୍ର (ଏଫ୍‌ଆଇସି) ଆଧାର କାର୍ଡ, ଜମି ବିବରଣୀ, ବ୍ୟାଙ୍କ ପାସ୍‌ବୁକ୍ ଜେରକ୍ସ। ପ୍ରତ୍ୟେକ ବ୍ଲକରେ ମାଇକ୍ ମାଧ୍ୟମରେ ମାର୍କଫେଡ୍ ଦ୍ୱାରା କ୍ରୟ ପାଇଁ ସଚେତନତା ଅଭିଯାନ କରାଯିବ। ଏହି ବୈଠକରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେ' ମାସର ଦ୍ୱିତୀୟ ସପ୍ତାହରୁ କ୍ରୟ ପ୍ରକ୍ରିୟା ଆରମ୍ଭ ହେବାର ଯୋଜନା ରହିଛି ବୋଲି ଆଲୋଚନା ହୋଇଥିଲା।

# ଗୋଷ୍ଠୀ ସହାୟିକା ନିଯୁକ୍ତି ନେଇ ଅସନ୍ତୋଷ

**ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ**

କୁଜଙ୍ଗ,୬।୫(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ମିଶନ ଶକ୍ତି ପଞ୍ଚାୟତ ସ୍ତରୀୟ ସଂଘରେ ଗୋଷ୍ଠୀ ସହାୟିକା (ସିଆର୍‌ପି) ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଟିଆଇରେ ତଥ୍ୟ ମଗାଯାଇଥିଲେ ବି ତଥ୍ୟ ମିଳୁ ନଥିବା ବିଶ୍ୱାଳୀ ଗ୍ରାମର ସୁରେଶ ବାରିକ ଅଭିଯୋଗ କରିଛନ୍ତି। ଶ୍ରୀ ବାରିକ୍‌ଙ୍କ ଅଭିଯୋଗ ଅନୁସାରେ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସଶକ୍ତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଆଞ୍ଚଳିକ ମଞ୍ଚ ସ୍ତରୀୟ ଗୋଷ୍ଠୀ ସହାୟିକା (ସିଆର୍‌ପି) ନିଯୁକ୍ତି ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଶ୍ୱାଳୀ ମିଶନ ଶକ୍ତି ସଂଘ ଜିପିଏଲ୍‌ଏଫ୍(ସି) ପକ୍ଷରୁ ସିଆର୍‌ପି ନିଯୁକ୍ତି ସଂପର୍କରେ ଗତ ଡିସେମ୍ବର ମାସରେ ଶ୍ରୀ ବାରିକ ସୂଚନା ଅଧିକାର ଆଇନ ବଳରେ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ନ ମିଳିବାରୁ ସେ ପ୍ରଥମ ଆପିଲିଟି ଅଥରିଟି କୁଜଙ୍ଗ ବିଡିଓଙ୍କୁ ଆବେଦନ କରିଥିଲେ। ବିଡିଓଙ୍କ ପ୍ରକୋଷ୍ଠରେ ଦୁଇ ଥର ଶୁଣାଣି ପରେ ଗତ ୩୦ ତାରିଖରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶ୍ରୀ ବାରିକଙ୍କୁ ସିଆର୍‌ପି ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ମିଳିଥିଲା। ସିଆର୍‌ପି ନିଯୁକ୍ତି ସମ୍ପର୍କୀୟ କୌଣସି ତଥ୍ୟ ତାଙ୍କ ପାଖରେ ଉପଲବ୍ଧ ନ ଥିବା ବିଶ୍ୱାଳୀ ମିଶନ୍ ଶକ୍ତି ପଞ୍ଚାୟତ ସ୍ତରୀୟ ସଂଘ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଥିଲା। ଯଦି ସଂଘ ପାଖରେ ସିଆର୍‌ପି ନିଯୁକ୍ତିର ତଥ୍ୟ ଉପଲବ୍ଧ ନାହିଁ, ତା'ହେଲେ କେଉଁ ଆଇନ ବଳରେ ସଂଘ ଜିପିଏଲଏଫ୍ ସିଆର୍‌ପିଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଶ୍ରୀ ବାରିକ ପ୍ରଶ୍ନ ଉଠାଇଛନ୍ତି। ଯଦି ତଥ୍ୟ ଉପଲବ୍ଧ ନ ଥିଲା ତା'ହେଲେ ତାଙ୍କୁ କ'ଣ ପାଇଁ ବାରମ୍ବାର ଚିଠି କରାଯାଇ ନିରାଶ କରାଯାଉଛି ବୋଲି ସେ କହିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

# ବାଗୋଇ ଓ ମଙ୍ଗରାଜପୁରରୁ ବିପୁଳ ମଦ ଜବତ

କୁଜଙ୍ଗ,୬।୫(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଓ ମଙ୍ଗରାଜପୁରଠାରୁ କୁଜଙ୍ଗ ପୁଲିସ ୮୦ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରିଛି। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯିବା ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। କୁଜଙ୍ଗ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବୁଧବାର କୁଜଙ୍ଗ ଥାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନରେ ସୂଚନା ଦିଆଯାଇଛି। କୁଜଙ୍ଗ ଥାନା ମଙ୍ଗରାଜପୁରପୁର ଓ ବାଗୋଇଠାରେ ଅପେରା ଓ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଏଠାରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହେଉଥିବାରୁ ଅସ୍ଥାୟୀ ଭାବେ ବ୍ୟାପକ ପରିମାଣର ମଦ ବିକ୍ରି କରିବାକୁ ଯୋଜନା କରୁଥିଲେ। ସୂଚନା ମିଳିବା ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ୍ କୁମାର ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ତିର୍ତ୍ତୋଲ ଉପଖଣ୍ଡ ଅଧିକାରୀ ଅଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ବାଇକ୍‌ରେ ମଦ ନେଇ ମଙ୍ଗରାଜପୁର ଆଡକୁ ଆସୁଥିବା ଦୁଇଜଣଙ୍କୁ ଦୁଆଡିଆ ପୋଲ ନିକଟରେ ମାଡ଼ି ବସିଥିଲା ପୁଲିସ୍। ଧରାପଡ଼ିଥିବା ଦୁଇଜଣ ହେଲେ ମଙ୍ଗରାଜପୁର (ହସିଣା-ଖ) ଗ୍ରାମର ଅଜୟ ପଣ୍ଡାଙ୍କ ପୁତ୍ର ଜ୍ଞାନରଞ୍ଜନ ପଣ୍ଡା ଓ ଗଣ୍ଡକିପୁର ଗ୍ରାମର ବୁଦ୍ଧଦେବ ମାଝୀଙ୍କ ପୁତ୍ର ନିରଞ୍ଜନ ମାଝୀ। ସେମାନଙ୍କ ଠାରୁ ୫୩ ଲିଟର ମଦ ଜବତ କରାଯାଇଛି। ଏ ନେଇ ପୁଲିସ ୧୨୪/୨୬ ଧାରାରେ ମାମଲା ରୁଜୁ କରିଛି। ସେହିପରି ବାଗୋଇ ଠାରେ ଅନୁଷ୍ଠିତ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ନିକଟରେ ବିକ୍ରି କରିବାକୁ ନେଉଥିବା ବେଳେ ପୁଲିସ ଚଢ଼ଉ କରି ବାଗୋଇ ଗ୍ରାମର ଦୁର୍ଗାଚରଣ ସ୍ୱାଇଁଙ୍କ ପୁତ୍ର ତୁଷାରକାନ୍ତ ସ୍ୱାଇଁ, ଗିରିଧାରୀ ପ୍ରଧାନଙ୍କ ପୁତ୍ର ପ୍ରଶାନ୍ତ ପ୍ରଧାନ ଓ ଚଟୁଆ ଗ୍ରାମର ଭାବଗ୍ରାହୀ ବାରିକଙ୍କ ପୁତ୍ର ଶରତ ବାରିକଙ୍କୁ ପୁଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ୨୩ ଲିଟରରୁ ଅଧିକ ମଦ ଜବତ କରିଛି। ଏ ନେଇ ୧୨୫/୨୬ ସଂଖ୍ୟାରେ ଅନ୍ୟଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ୧୬ ଗ୍ରାମ ହେରୋଇନ୍ ଜବତ; ନିଶାବେପାରୀ ଗିରଫ

ଜଗତସିଂହପୁର,୬।୫(ସମିସ): ଜଗତସିଂହପୁର ଥାନା ଅନ୍ତର୍ଗତ କଲେଜ ଛକ ଠାରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ। ଯାଞ୍ଚ ପରେ ତାଙ୍କ ପାଖରୁ ୧୬ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ମାଧପୁର ଗ୍ରାମର ପ୍ରଭାକର ଗୋଛାୟତଙ୍କ ପୁଅ ଚନ୍ଦନ ଗୋଛାୟତ ଦୀର୍ଘ ଦିନ ଧରି କଲେଜ ଛକ ଅଞ୍ଚଳରେ ବିଶେଷ କରି କଲେଜକୁ ଆସୁଥିବା ଛାତ୍ରମାନଙ୍କୁ ଟାର୍ଗେଟ କରି ହେରୋଇନ ବିକ୍ରି କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ରେଞ୍ଜକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ରେଞ୍ଜର ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ରେଞ୍ଜର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ କଲେଜ ଛକ ଠାରେ ମାଡି ବସିଥିଲେ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି। ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରିରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

# ତିର୍ତ୍ତୋଲରେ ରାମଚରିତ ମାନସ ଉଦ୍‌ଯାପିତ

ତିର୍ତ୍ତୋଲ,୬।୫(ସମିସ): ତିର୍ତ୍ତୋଲ ଗ୍ରାମର ବେଲବଣ ମହାପୁରୁଷଙ୍କ ପୀଠ ରାମମନ୍ଦିର ପ୍ରାଙ୍ଗଣରେ ୧୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମଠାଧିସବାବା ଶ୍ୟାମସୁନ୍ଦର ଦାସ ମହାରାଜଙ୍କ ପୌରୋହିତରେ ଅନୁଷ୍ଠିତ ନବଦିନ ବ୍ୟାପୀ ପ୍ରବଚନ ମଞ୍ଚର ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁ ନନା)ଙ୍କ ମଞ୍ଚ ସଂଯୋଜନାରେ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଇଂ. ଦେବପ୍ରସାଦ ନାୟକ, ବିଶିଷ୍ଟ ସମାଜସେବୀ ବିମଳ ମହାପାତ୍ର ପ୍ରମୁଖ ବିଭିନ୍ନ ଦିବସର ସଂଧ୍ୟାରେ ମଞ୍ଚାସୀନ ଥିଲା ବେଳେ ପ୍ରବଚକପଣ୍ଡିତ ପ୍ରହଲାଦ ନନ୍ଦ, ପଣ୍ଡିତ ଭାବଗ୍ରାହୀ ମିଶ୍ର, ଅଧ୍ୟାପକ ଅରୁଣ ପଣ୍ଡା ଓ ନିଖିଳୋତ୍କଳ ପ୍ରବକ୍ତା ପରିଷଦର ରାଜ୍ୟ ସଂପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପ୍ରଭୃତି ରାମାୟଣର ବିଷୟବସ୍ତୁକୁ ଆଧାର କରି ପ୍ରବଚନ ପ୍ରଦାନ କରିଥିଲେ। ପଣ୍ଡିତ ବଟଚରଣ ଦାଶ (ଦିଲୁ ନନା) ଯାଜ୍ଞିକ କାର୍ଯ୍ୟ ସଂପାଦନ କରୁଥିଲେ ଓ ଗ୍ରାମର ଯୁବକ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ବଟଚରଣ ଦାଶ ଓ ଆରତୀ ଦାଶ ଉପସ୍ଥିତ ଥିଲେ। ଆର୍ଯ୍ୟଭକ୍ତି ହନୁମାନ ଚାଳିଶା ଗ୍ରୁପର ସଂଯୋଜକ ପଣ୍ଡିତ ବିଷ୍ଣୁପ୍ରସାଦ ଦାଶ (ହନୁଆ ନନା)ଙ୍କ ଦ୍ୱାରା ସୁନ୍ଦରକାଣ୍ଡ ପାରାୟଣ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦ ଉତ୍ସବ




ଜଗତସିଂହପୁର,୬।୫(ସମିସ): ଜଗତସିଂହପୁର ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡିଶା ହାକାଥନ ୩.୦ ଉତ୍ସବ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧୀକାରୀ ଡ. ସୁଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଆଇଆଇଟି ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶୁଭଙ୍କର ପତି, ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ସରୋଜ କୁମାର ସାହୁ, ଜଗତସିଂହପୁର ପଲିଟେକ୍ନିକର ଅଧ୍ୟାପକ ସୌମ୍ୟ ପ୍ରକାଶ ସୂତାର ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷକ ପଦରଜ ଉମାକାନ୍ତ ନାୟକ ଓଡ଼ିଶାର ବଡ଼ ସୃଜନଶୀଳତା ଉତ୍ସବ ହାକାଥନ ୩.୦ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅପରାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟଳୟ, ଜଗତସିଂହପୁର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବ୍ୟଣ୍ୟବତୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉଭୟ ଅଧିବେଶନରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ୨୫ଟି ପ୍ରକଳ୍ପରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୫୦ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ସାରଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସତ୍ୟଜିତ ସାହୁ, ଗୋବିନ୍ଦ ନାରାୟଣ ଗିରିଙ୍କ ପ୍ରକଳ୍ପ "ଏମିସନ କଣ୍ଟ୍ରୋଲ ସିଷ୍ଟମ' ପ୍ରଥମ, ହରିଶପୁର ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋରିକିନାର ଛାତ୍ରୀ ରୁକେୟା ତବସମଙ୍କ ପ୍ରକଳ୍ପ 'ୱେଷ୍ଟ ମ୍ୟାନେଜମେଣ୍ଟ ବାଏ ଏ ସ୍ମାର୍ଟ ଡଷ୍ଟବିନ' ଦ୍ୱିତୀୟ, ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମ୍ପୂର୍ଣ୍ଣା ପଟ୍ଟନାୟକଙ୍କ "ୱେଷ୍ଟ ମ୍ୟାନେଜମେଣ୍ଟ' ପ୍ରକଳ୍ପ ତୃତୀୟ ସ୍ଥାନ ଏବଂ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ପ୍ରକଳ୍ପ "ଆଧୁନିକ କୃଷି ପ୍ରଣାଳୀ ଓ ତାହାର ସମସ୍ୟା' ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅତିଥିଙ୍କ ଠାରୁ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର, ପ୍ରମାଣପତ୍ର ଗ୍ରହଣ କରିଥିଲେ। ସୁପ୍ରିୟା ପ୍ରିୟଦର୍ଶିନୀ, ସସ୍ମିତା ଶତପଥି, ତ୍ରିନାଥ ରାଉତ, ବାବା ଆଶ୍ରିତ ସାମନ୍ତରାୟ, ନରେନ୍ଦ୍ର କୁମାର ବେହେରା, ସୁମିତ୍ରା ମଲ୍ଲିକ, ଦିଲ୍ଲୀପ କୁମାର ବାଗ ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମକ୍ଷନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଶ୍ରୀକ୍ରିଷ୍ଣ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିକୁଦା,୬।୫(ସମିସ): ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତ ଜଏଗାଁ ସ୍ଥିତ ଶ୍ରୀକ୍ରିଷ୍ଣ ଗୁରୁକୁଳ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥିଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଳାଭର ପଞ୍ଚାୟତ ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଥାଇଲୋ ପଞ୍ଚାୟତ ସମିତି ସଭ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଥାଇଲୋ ସରପଞ୍ଚ ସରୋଜିନୀ ଦେଠୀ, ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥି ମୁଖ୍ୟବକ୍ତା ଓ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ଦାସ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥି, ସହ ସମ୍ପାଦିକା ରୀତା ପରିଡ଼ା, କୋଷାଧ୍ୟକ୍ଷ ରୁଦ୍ରେନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷ ବିଜୟ କୁମାର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅମରେଶ୍ୱର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜେନା ବିଦ୍ୟାଳୟ ର ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ୨୦୨୬-୨୭ ଶିକ୍ଷାବର୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଦିବ୍ୟାଶା ପ୍ରିୟଦର୍ଶିନୀ ଦାସ, ଆୟୁଷ୍ମାନ ଲେଙ୍କା, ସମନ୍ୱିତା ପଣ୍ଡା, ତାରା ପ୍ରସାଦ ଲେଙ୍କା ଓ ସତ୍ୟଜିତ ନାୟକଙ୍କୁ ସମ୍ମାନୀତ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଶତପଥି, ସୋନାଲି ଦାସ ଓ ରାଜନନ୍ଦିନୀ ସ୍ୱାଇଁଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନଜିତ ମିଶ୍ର, ବିଜନ ରାଉତ, ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ସୁଚିସ୍ମିତା ଶତପଥି, ସୋନାଲି ସଂଘମିତ୍ରା ଦାସ, ସୁଚିସ୍ମିତା ବାରିକ, ଡଲି ମଲ୍ଲିକ, ମେନକା ମୁଦୁଲି, କରିସ୍ମା ସାହୁ, ରାଜଶ୍ରୀ ପରିଡ଼ା, ସୁଶ୍ରୀ ଶୁଭଦର୍ଶିନୀ ସେଠୀ, ନିଳିମା ପରିଡ଼ା ଓ ରଞ୍ଜୁଲତା ବାରିକ ସହଯୋଗ କରିଥିଲେ।

# ବିଜେଡି ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ପାରାଦୀପ/କୁଜଙ୍ଗ, ୬।୫ (ସମିସ): ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ଭାବେ ପୁନର୍ବାର ନିଯୁକ୍ତି ମିଳିଛି। ଏହି ଖବର ପ୍ରସାରିତ ହେବା ପରେ ସନ୍ତୋଷଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ବୁଧବାର ଅପରାହ୍ନରେ ପାରଦୀପଗଡ ଜିରୋ ପଏଣ୍ଟସ୍ଥିତ କାର୍ଯ୍ୟାଳୟରେ ପାରାଦୀପ ସମେତ କୁଜଙ୍ଗ ଅଞ୍ଚଳର ସମର୍ଥକମାନେ ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ସମସ୍ତ କର୍ମୀଙ୍କୁ ଏକାଠି କରି ଦଳକୁ ଆଗକୁ ନେବାରେ ତାଙ୍କର ଚେଷ୍ଟା ଜାରି ରହିବ ବୋଲି ସେ ତାଙ୍କ ଅଭିଭାଷଣରେ ଦଳୀୟ କର୍ମୀମାନଙ୍କୁ କହିଛନ୍ତି।

**■ ହରିଣ ଓ ଅଲିଭ୍ ରିଡ୍‌ଲେ ମୃତ୍ୟୁ ମାମଲା**

# ବନ୍ୟପ୍ରାଣୀ ବୋର୍ଡ ନିକଟରେ ପିଟିସନ ଦାଖଲ



ପାରାଦୀପ,୬।୫(ସମିସ): ଢିଙ୍କିଆ ଅଞ୍ଚଳରେ ଚାଲୁଥିବା ଏକ କାରଖାନା ପ୍ରକଳ୍ପ ଅଞ୍ଚଳରେ ବନ୍ୟପ୍ରାଣୀ ମୃତ୍ୟୁ ଏବଂ ପରିବେଶଗତ କ୍ଷତି ସମ୍ପର୍କରେ ପରିବେଶ କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ ଜାତୀୟ ବନ୍ୟପ୍ରାଣୀ ବୋର୍ଡ (ଏନ୍‌ବିଡବ୍ଲୁଏଲ)ଙ୍କ ନିକଟରେ ଅଭିଯୋଗ ପିଟିସନ ଦାଖଲ କରିଛନ୍ତି। ପରିବେଶ କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବୃହତ ଇସ୍ପାତ କାରଖାନା ପ୍ରକଳ୍ପ କରୁଛି। ଯାହା ବନ୍ୟପ୍ରାଣୀ ବାସସ୍ଥାନ ଏବଂ ପ୍ରବାସପଥକୁ ପ୍ରଭାବିତ କରୁଛି। ପ୍ରକଳ୍ପ ପରିସରରେ ଗତ ୨୦୨୫ ମସିହା ମାର୍ଚ୍ଚ ୧୨ ତାରିଖରେ ଏକ ହରିଣର ସନ୍ଦେହଜନକ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ସ୍ଥାନ ଉପକୂଳବର୍ତ୍ତୀ ଅଞ୍ଚଳ ଜଟାଧାର ମୁହାଁଣ ଅନ୍ତର୍ଗତ କରାଯାଇଛି। ଯେଉଁଠାରେ ବିଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ମୃତଦେହ ଦେଖିବାକୁ ମିଳୁଛି। ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ, ଉଲ୍ଲଙ୍ଘନ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ମାନଦଣ୍ଡର କଠୋର ଅନୁପାଳନ ନିଶ୍ଚିତ କରିବାକୁ ଶ୍ରୀ ସମାନ୍ତରାୟ ବନ୍ୟପ୍ରାଣୀ ବୋର୍ଡକୁ ନିବେଦନ କରିଛନ୍ତି। ସେହିପରି ପରିବେଶଗତ କ୍ଷତିକୁ ରୋକିବା ଏବଂ ବିଲୁପ୍ତ ପ୍ରଜାତି ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ମଧ ସେ ନିବେଦନ କରିଛନ୍ତି।

# ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ଜଗତସିଂହପୁର,୬।୫(ସମିସ): ଜଗତସିଂହପୁର ସଦର ଥାନା ପୁଲିସ ମାର୍କଣ୍ଡପୁର ନିକଟରୁ ୧୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହିତ ୩ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଜଗତସିଂହପୁର ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଡିଏସ୍‌ପି ରଶ୍ମୀରଞ୍ଜନ ଦାସ। ଗତ ୫ ତାରିଖ ଅପରାହ୍ନରେ ବ୍ରାଉନସୁଗର ବିକ୍ରି ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସଦର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଦଳ ମାର୍କଣ୍ଡପୁର ସ୍ଥିତ ମା' ସର୍ବାଙ୍ଗ ସୁନ୍ଦରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଥିବା ସଦର ଥାନା ଲାଲାସାହି ଅଞ୍ଚଳର ଶଙ୍କର ସାହୁ, ଦାଦପୁର ଗ୍ରାମର ମୃତ୍ୟୁଞ୍ଜୟ ମହାରଣା ଏବଂ ବାଲିକୁଦା ଥାନା ଅନ୍ତର୍ଗତ ସାହାଡ଼ା ଗ୍ରାମର କମଳାକାନ୍ତ ଘଡାଇଙ୍କୁ କାବୁ କରିବା ସହିତ ୧୦ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ପୁଲିସ। ସେହିପରି ୩ଟି ମୋବାଇଲ ଏବଂ ନଗଦ ୧ ହଜାର ଟଙ୍କା ମଧ୍ୟ ପୁଲିସ ଟିମ ଜବତ କରିଥିବା ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଢିଙ୍କିଆରୁ ରାଜଧାନୀ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା

ପାରାଦୀପ, ୬।୫ (ସମିସ)



ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପରେ ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ ପ୍ରଦାନ ପାଇଁ ଆଜି ଜାତୀୟ କଂଗ୍ରେସ ତରଫରୁ ଢିଙ୍କିଆରୁ ରାଜଧାନୀ ଗାନ୍ଧୀପଥେ ନ୍ୟାୟଯାତ୍ରା ଆରମ୍ଭ ହୋଇଛି। ଢିଙ୍କିଆ ଗ୍ରାମର ଫୁଲଖାଇ ମନ୍ଦିର ପରିସରରୁ ଏହାକୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଶୁଭାରମ୍ଭ କରିଛନ୍ତି। ସମଗ୍ର ଓଡିଶାର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହେଉଛି, ସେହି ସ୍ଥାନରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ କଂଗ୍ରେସ ଶିଳ୍ପ ନାମରେ ସାଧାରଣ ଜନତାଙ୍କୁ ଶୋଷଣର ପ୍ରତିବାଦ କରି ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଗାନ୍ଧୀପଥେ ନ୍ୟାୟଯାତ୍ରା ଢିଙ୍କିଆ ଚାରିଦେଶରୁ ଆରମ୍ଭ କରିଛି। ଆସନ୍ତା ୧୪ ତାରିଖ ରାଜଧାନୀରେ ରାଜ୍ୟର କୋଣ ଅନୁକୋଣରୁ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀ ଯୋଗଦେବା ସହିତ ଜାତୀୟ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ଦାବିକୁ ରାଜ୍ୟ ସରକାର ଯଦି ପାଳନ କରିବାରେ ବିଳମ୍ବ କରିବେ ତେବେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବ।

ରାଜ୍ୟରେ ବିସ୍ଥାପିତମାନଙ୍କୁ କୌଣସି ସ୍ଥାନରେ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳି ପାରିନାହିଁ। ନା ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ପଲିସି ମଧ୍ୟ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ପିସିସି ସଭାପତି। ତେବେ ଆଜି ଏହି ପଦଯାତ୍ରା ଢିଙ୍କିଆରୁ ଆରମ୍ଭ ହୋଇ ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନ ଭୋଜନ କରିବା ପରେ ବାଲିତୁଠରେ ରାତ୍ରି ରହଣୀ କରିବେ। ଆସନ୍ତାକାଲି ସକାଳ ୭ଟାରେ ପଦଯାତ୍ରା ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଏରସମା ବ୍ଲକ ନିକଟରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ପଦଯାତ୍ରାରେ ୫ ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଛନ୍ତି। ଏହି ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଜାତୀୟ କଂଗ୍ରେସ ରାଜ୍ୟ ମହିଳାମୋର୍ଚ୍ଚା ସଭାପତି ମିନାକ୍ଷୀ ବାହିନୀପତି, ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକ, ଓଡିଶା ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ, ବାଲିକୁଦା-ଏରସମା ପୂର୍ବତନ କଂଗ୍ରେସ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପାରାଦୀପ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ତିର୍ତ୍ତୋଲ ବ୍ଲକ ସଭାପତି ସାଫି ଆଜିମ, ପାରାଦୀପ ନଗର ସଭାପତି କେଦାର ନାଥ ବିଶ୍ୱାଳ, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଓ ବିରିଡି ବ୍ଲକ ସଭାପତି ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳବାସୀ ସମର୍ଥନ ଦେଉଛନ୍ତି। ଏ ନେଇ ଢିଙ୍କିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ମହାପାତ୍ର କହିଛନ୍ତି, ଯେତେ ସବୁ କମ୍ପାନୀ ପାରାଦୀପକୁ ଆସିଛନ୍ତି ସମସ୍ତେ ଶିଳ୍ପ ପ୍ରତିଷ୍ଠା ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପ୍ରକଳ୍ପ ଆରମ୍ଭ ନ କରିବା ପୂର୍ବରୁ ଢିଙ୍କିଆ ଚାରିଦେଶର ୧୫୦ ଜଣଙ୍କୁ ନିଯୁକ୍ତି ଦେଇସାରିଛି। ପ୍ରକଳ୍ପ ଆରମ୍ଭ ହେବା ପରେ ଆମ ଅଞ୍ଚଳର ବୈଷୟିକ ଡିଗ୍ରୀ ଧାରି ପିଲାଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କାରଖାନା ନ ହେବା ପୂର୍ବରୁ ଢିଙ୍କିଆ ଚାରି ଦେଶରେ ନିଜର ସିଏଆର ଫଣ୍ଡରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତୀକରଣ, କୃଷକ ମାନଙ୍କୁ ଆତ୍ମ ନିର୍ଭରଶୀଳ ଆଦି କାମ କରି ଚାଲିଛି।

# ସ୍କୁଟି ଧକାରେ ଟ୍ରଲି ଚାଳକ ମୃତ



ରାଜକନିକା, ୬।୫ (ସମିସ): ଆଜି ଏକ ସ୍କୁଟି ଧକାରେ ଟ୍ରଲି ଚାଳକ ମୃତ୍ୟୁ ହେବା ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଣ୍ଡିଆ ଫାଣ୍ଡି ଅଧୀନ ଚରପଡ଼ା ଗାଁ ରେ। ଆଜି ଅପରାହ୍ନ ଟ୍ରଲି ଚାଳକ କାହ୍ନୁ ଚରଣ ଜେନା (୫୦) ସିଂହପୁରରୁ ନିଜ ଟ୍ରଲିରେ ଏକ ଫ୍ରିଜ ନେଇ ଆସୁଥିବା ସମୟରେ ତାଙ୍କ ପଛପଟୁ ଏକ ସ୍କୁଟି ନମ୍ବର ଓଡି ୩୪ ୟୁ ୨୫୭୫ ଟ୍ରଲିକୁ ଧକ୍କା ଦେଇଥିଲା। ଫଳରେ କାହ୍ନୁ ଟ୍ରଲି ସହିତ ସିଧା ବନ୍ଧ ତଳକୁ ଖସି ପଡ଼ିଥିଲେ। ଏହି ଶବ୍ଦ ଶୁଣି ସ୍ଥାନୀୟ ଲୋକେ କାହ୍ନୁଙ୍କୁ ଉଦ୍ଧାର କରି ପ୍ରଥମେ କଣ୍ଡିଆ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେଠାରେ କାହ୍ନୁଙ୍କ ଅବସ୍ଥା ଗୁରୁତ୍ୱର ହେବାରୁ କଣ୍ଡିଆରୁ ରାଜକନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ରାଜକନିକା ପୁଲିସ ଶବକୁ ଜବଦ କରି ପଞ୍ଚନାମା ପାଇଁ ପଠାଇ ଥିବା ବେଳେ କାହ୍ନୁଙ୍କ ମୃତ୍ୟୁ ଖବର ପାଇ ଚରପଡ଼ା ଗାଁ ରେ ଶୋକର ଛାୟା ଖେଳିଯାଇଛି।

# ପଟ୍ଟାମୁଣ୍ଡାଇରେ ସ୍ପିଡ୍ ପୋଷ୍ଟ ସେବା ଅଚଳ

ପଟ୍ଟାମୁଣ୍ଡାଇ, ୬।୫(ସମିସ): ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ ଦୀର୍ଘଦିନ ହେଲା ସ୍ପିଡ୍‌ପୋଷ୍ଟ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ରେଜିଷ୍ଟ୍ରଡ ପୋଷ୍ଟ ବ୍ୟବସ୍ଥା ସରକାରଙ୍କ ତରଫରୁ ବନ୍ଦ କରାଯିବା ପରେ ଜନସାଧାରଣ ଏବଂ ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଚିଠି ପଠାଇବା ପାଇଁ ସ୍ପିଡ୍‌ପୋଷ୍ଟ ସେବା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଦୀର୍ଘ ଦିନ ହେଲା ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ ପ୍ରିଣ୍ଟିଂ ମେସିନ ଖରାପ ହୋଇଥିଲେ ବି ମରାମତି ହୋଇ ପାରୁନାହିଁ। ଯଦ୍ୱାରା ସ୍ପିଡ୍‌ପୋଷ୍ଟ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। କିଛି ଜାଣିଥିବା ଲୋକ ଯାଇ ପଟ୍ଟାମୁଣ୍ଡାଇ କଲେଜ କ୍ୟାମ୍ପସରେ ଥିବା ପୋଷ୍ଟ ଅଫିସରେ ଯାଇ ଚିଠି ପୋଷ୍ଟ କରୁଥିବା ବେଳେ କିଛି ଲୋକ କେନ୍ଦ୍ରାପଡ଼ା ଯାଇ ସ୍ପିଡ୍‌ପୋଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଆଜି ସକାଳୁ କଲେଜ କ୍ୟାମ୍ପସରେ ଥିବା ପୋଷ୍ଟ ଅଫିସରେ ଥିବା ପ୍ରିଣ୍ଟିଂ ମେସିନ ମଧ୍ୟ ଖରାପ ହୋଇ ଯାଇଥିବାରୁ ସେଠାରେ ସ୍ପିଡ୍ ପୋଷ୍ଟ ସେବା ବନ୍ଦ ଥିବା କଲେଜ ପୋଷ୍ଟ ଅଫିସ କର୍ମଚାରୀ କହିଛନ୍ତି। ଏହାଦ୍ୱାରା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣରେ ଜନସାଧାରଣ ନାହିଁ ନଥିବା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି।

# ଧର୍ମପ୍ରାଣ ମହିଳାଙ୍କ ବିୟୋଗରେ ଶୋକ



ରାଜନଗର, ୬।୫(ସମିସ): ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡା. ଘନଶ୍ୟାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସ୍ୱର୍ଗତ ମାୟାଧର ନନ୍ଦଙ୍କ ଧର୍ମପତ୍ନୀ ଶକୁନ୍ତଳା ନନ୍ଦଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅନୁଷ୍ଠାନର ଛାତ୍ରଛାତ୍ରୀ ନିରବ ପ୍ରାର୍ଥନା କରିଥିଲେ। ସଭାରେ ଅଧାପକ ନିହାର ରଞ୍ଜନ ପରିଡ଼ା, ଆଦିତ୍ୟ ତ୍ରିପାଠୀ, ଅଧାପିକା ତନୁଶ୍ରୀ ମିଶ୍ର, ଅରୁଣ ରାଉତ, ଦୟାନିଧି ସାହୁ ଯୋଗ ଦେଇଥିଲେ।

# ପ୍ରସନ୍ନ ବାରିକଙ୍କୁ ଓଡ଼ିଶା ଗୌରବ ସମ୍ମାନ



ବାଲିକୁଦା, ୬।୫(ସମିସ): ମୂର୍ଚ୍ଛନା ଓ ଓଡ଼ିଶା କଲଚର୍ ଆର୍ଟ ଏକାଡେମୀ, ଓଡ଼ିଶା ତରଫରୁ ଜୟଦେବ ଭବନ ଭୁବନେଶ୍ୱର ଠାରେ ଆୟୋଜିତ ବାର୍ଷିକ ଉତ୍ସବରେ ମା' କୁତାମଚଣ୍ଡୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବାରିକଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବସନ୍ତ କୁମାର ଦାସ। ମୁଖ୍ୟଅତିଥି ଭାବେ ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ, ବିଶିଷ୍ଟ ଅତିଥି ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ, ଓଡିଶୀ ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

# କୃଷ୍ଣାନନ୍ଦପୁରରେ ଚାରାରୋପଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୬।୫(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ମହାନଦୀ ବାଲିଘାଟ ନିକଟ ମହାନଦୀ ପଠାରେ ଲିଜଧାରୀ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷ୍ଣାନନ୍ଦପୁର ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଯୋଗ ଦେଇ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ୩ ନମ୍ବର ଜୋନ ଜିଲ୍ଲା ପରିଷଦ ରଞ୍ଜିତା ସିଂ, ସମାଜସେବୀ ସେଖ କଲିମୁଲା, ଉଦାସ ଜେନା, ସେଖ ବରଖତ ଅଲି, ସେଖ ରିଜବାନ ଅଲି, ସେଖ ଶଳାଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ମହାନଦୀ ପଠାରେ ବିଭିନ୍ନ ରକମର ଚାରା ରୋପଣ କରାଯାଇଥିଲା।



ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

# ମଦ ଦୋକାନ ଉଚ୍ଛେଦ ପାଇଁ ଦାବି

ଆଳି, ୬।୫(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଳି ବ୍ଲକ ପ୍ରଶାସନ ତରଫରୁ ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ ଆଜି କୁଆଁଣିଆ ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବ୍ଲକର ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ମିହିର ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ସହ ଆଦି ଅନ୍ୟ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଲୋକ ମାନଙ୍କ ସମସ୍ୟା ଶୁଣି ତୁରନ୍ତ ସମାଧାନ ପାଇଁ ପଦକ୍ଷପ ନେଇଛନ୍ତି। ଆଜିର ଏହି ଅଭିଯୋଗ ଶୁଣାଣିରେ କୁଆଁଣିଆ ସରପଞ୍ଚଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଶିବିରରେ ପହଞ୍ଚି ପଞ୍ଚାୟତ ଏବଂ ବିଦ୍ୟାଳୟ ଠାରୁ ମାତ୍ର ୩ ଶହ ମିଟର ଦୂରରେ ଥିବା ମଦ ଦୋକାନକୁ ବନ୍ଦ କରିବା ପାଇଁ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ପାଖରେ ମଦ ଦୋକାନ ଯୋଗୁଁ ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଭୟ କରିବା ସହ ମଦ୍ୟପ ଙ୍କ ଉତ୍ପାତ ଯୋଗୁଁ ରାସ୍ତାରେ ଚଳପ୍ରଚଳ କରିବାକୁ ମହିଳାମାନେ ଭୟ କରୁଛନ୍ତି। ଦୀର୍ଘଦିନ ହେଲା କରି ଆସୁଥିବା ଏହି ସମସ୍ୟା ର ଯଦି ତୁରନ୍ତ ସମାଧାନ ନ ହୁଏ ତେବେ ଉକ୍ତ ମଦ ଦୋକାନକୁ ତାଲା ପକାଇବା ସହ ଆନ୍ଦୋଳନ ତୀବ୍ରତର କରିବା ପାଇଁ କୁଆଁଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ସହ ଶତାଧିକ ପଞ୍ଚାୟତ ବାସୀ ମାନେ ଚେତାବନୀ ଦେଇଛନ୍ତି। ଏଥିସହିତ ଗ୍ରାମରେ ଥିବା ଅଙ୍ଗନବାଡ଼ି ଗୁଡିକରେ ଶୌଚାଳୟ, ମୁଖ୍ୟ ରାସ୍ତା ର ଶୋଚନୀୟ ଅବସ୍ଥା ଆଦି ସମସ୍ୟା ସମ୍ପର୍କରେ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହି ଜନ ସଚେତନତା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ସରକାର ଙ୍କ ଆଭିମୁଖ୍ୟ ଥିଲା ଯେ ଘର ଠୁ ଦୂର ଯଥା ବ୍ଲକ, ତହସିଲ, ଥାନା, କୃଷି ସେବା କେନ୍ଦ୍ର ଆଦିକୁ ଯିବାକୁ ପଡ଼ିବ ନାହିଁ। ନିଜ ପଞ୍ଚାୟତକୁ ପ୍ରଶାସନ ଆସିବ ଅଭିଯୋଗ ଗ୍ରହଣ କରିବାକୁ ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟ ରେ ଆଜି କୁଆଁଣିଆ ପଞ୍ଚାୟତରେ ମୋଟ ୫୦ରୁ ଅଧିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକ ଓ ବ୍ୟକ୍ତିଗତ ସମସ୍ୟା ଯଥା ରାସନ କାର୍ଡ ସଂଶୋଧନ, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ଓ ଜୋଡ ପୁନଃରୁଦ୍ଧାର ଆଦି ଅଭିଯୋଗ ମାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନର ଅନ୍ୟ ସହଯୋଗୀ କାର୍ଯ୍ୟକର୍ତ୍ତା ମାନେ ପରିଚାଳନା କରିଥିଲେ। ସରକାରଙ୍କ ଏପରି କାର୍ଯ୍ୟକ୍ରମ ସାଧାରଣରେ ପ୍ରଶଂସନୀୟ ବୋଲି ମତ ପ୍ରକାଶ ପାଇଛି।

# ଗୋବରୀ ସମ୍ପ୍ରସାରିତ କେନାଲ କଂକ୍ରିଟ କାର୍ଯ୍ୟ ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ, ୬।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରମପୁର ପଞ୍ଚାୟତ ଛୁଆଳିଆ ଶକ୍ତି ପୀଠ ଠାରେ ୨କୋଟି ଟଙ୍କା ବ୍ୟୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୋବରୀ ସମ୍ପ୍ରସାରିତ କେନାଲ ନଂ ୧ କଂକ୍ରିଟକରଣ ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରିବା ସହିତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ୩ ଟି ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁନୀଲ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷା ବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାସ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୃବୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡ଼ା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।

● ସରକାରୀ ଯୋଜନାରୁ ବଞ୍ଚିତ ସାଧାରଣ ଜନତା

# ଅଭିଯୋଗକାରୀଙ୍କୁ ଦେଖା ଦେଉନାହାନ୍ତି ବିଡିଓ

ରଘୁନାଥପୁର, ୬।୫(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ବର୍ତ୍ତମାନ ଏକ ପ୍ରକାର ଅଚଳ ଅବସ୍ଥା ସୃଷ୍ଟି ହୋଇଛି। ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ସାଧାରଣ ଜନତା। ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ବିଡିଓ ଦେଖା ଦେଉନଥିବା ସମ୍ପର୍କରେ ରଘୁନାଥପୁର ବ୍ଲକ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭା ସ୍ୱାଇଁ ବୁଧବାର ବ୍ଲକ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣ ଲୋକ ମାନଙ୍କ କୌଣସି କାର୍ଯ୍ୟ ହୋଇ ପାରୁନଥିବା ସେ ଅଭିଯୋଗ କରିଛନ୍ତି। ନିଜର ଆପତ୍ତି ଅଭିଯୋଗକୁ ନେଇ ରଘୁନାଥପୁର ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ କିଛି ମହିଳାଙ୍କୁ ନେଇ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ଦେଖା କରିବା ପାଇଁ ଆସିଥିଲେ। ବିଡିଓଙ୍କ ଚାମ୍ବରରେ କିଛି ପଞ୍ଚାୟତର ଜନପ୍ରତିନିଧିମାନେ ଭିଡ଼ ଜମାଇ ରହିଥିବାରୁ ଦୀର୍ଘ ସମୟଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିବା ସେମାନେ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ବ୍ଲକରେ କୌଣସି ସାଧାରଣ ଲୋକଙ୍କ କାର୍ଯ୍ୟ ହେଉନଥିବା ଓ ରଘୁନାଥପୁର ବ୍ଲକରେ ମୋ ଗୁହାଳ ଯେଉଁମାନେ ତିଆରି କରିଛନ୍ତି ସେମାନେ ବିଲ୍ ପାଉନଥିବା ଜଣାଇବା ପାଇଁ ଆସିଥିଲେ। ଦୀର୍ଘ ସମୟ ଧରି କିଛି ନିର୍ଦ୍ଦିଷ୍ଟ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଆଲୋଚନାରତ ରହୁଥିବା ଏବଂ ସର୍ବୋପରି ବିଡିଓ କିଛି ବି ସହଯୋଗ କରିବା ପାଇଁ ସିଧାସିଧା ମନା କରିଦେବା ଘଟଣା ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସଭାନେତ୍ରୀ ସ୍ୱାଇଁ ଅଭିଯୋଗ କରିଥିଲେ। ଏଥି ସହିତ ବ୍ଲକ କର୍ମଚାରୀଙ୍କ ଉପରେ ବିଡିଓଙ୍କ କୌଣସି ଅଙ୍କୁଶ ନଥିବାରୁ ବହୁ ସମୟରେ ଲୋକମାନେ ସେହି କର୍ମଚାରୀମାନଙ୍କୁ ନିଜ ସିଟରେ ନପାଇ ଫେରୁଥିବା କହିଥିଲେ। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଯେହେତୁ ପଞ୍ଚାୟତ ପ୍ରତିନିଧିମାନେ ଉକ୍ତ ସମୟରେ ଘେରଉ କରିଥିଲେ, ସେଥିପାଇଁ ଭେଟିବାରେ କିଛି ସମୟ ଲାଗିଲା ବୋଲି ବିଡିଓ ବେହେରା ପ୍ରକାଶ କରିଥିଲେ। ଏଥି ସହ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତି ସୋମବାର ଲୋକ ମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଉଛି। ଅନ୍ୟ ଦିନମାନଙ୍କରେ ଯଦି କାହାର ଆପତ୍ତି ଅଭିଯୋଗ ଥାଏ ତେବେ ସେ ମୋ ସହିତ ଯୋଗାଯୋଗ କରି ସମୟ ନେବା କଥା ଯାହାକି ଗତକାଲି ଅନୁରୂପ ଭାବେ ପଞ୍ଚାୟତ ପ୍ରତିନିଧିମାନେ ମୋ ସହିତ ଯୋଗାଯୋଗ କରି ସମୟ ନେଇଥିଲେ। ଏଥି ସହିତ ବ୍ଲକ କର୍ମଚାରୀମାନେ ନିଜ ସିଟରେ ଅନୁପସ୍ଥିତ ରହୁଥିବା ଘଟଣାର ସତ୍ୟାସତ୍ୟ ସେ ପରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଅପରପକ୍ଷେ ବର୍ତ୍ତମାନ ପଞ୍ଚାୟତମାନଙ୍କରେ କୌଣସି କାର୍ଯ୍ୟ ହୋଇ ପାରୁନଥିବାରୁ ଏ ବାବଦରେ ବିଡିଓଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଉଥିଲା ବୋଲି ପଞ୍ଚାୟତ ପ୍ରତିନିଧି ମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ।

# ଅରଡ଼ପଲ୍ଲୀରେ ମହିଳା ଅଧିକାର ଅଭିଯାନ ସମାବେଶ






ପଟ୍ଟାମୁଣ୍ଡାଇ, ୬।୫(ସମିସ): ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ବ୍ଲକ ସ୍ତରୀୟ ମହିଳା ଅଧିକାର ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବାଦପୁରୁଷ ବିଜୁ ପଟନାୟକ ଓ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଭାରତରେ ଉଦାହରଣ ସୃଷ୍ଟି କରିଛି ଓ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନେତୃତ୍ୱରେ ବିଜେଡିର ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଧାୟକ ଶ୍ରୀସାହୁ ପ୍ରକାଶ କରିଥିଲେ ଓ ଏହି ମହିଳା ସମାବେଶରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ବୁଢା ଲେଙ୍କା ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ବଡ଼ମୋହନପୁର ସରପଞ୍ଚ ଯଶୋମତି ରାଉତ ବଡ଼ପଡ଼ା ସରପଞ୍ଚ ଅନନ୍ୟା ପ୍ରିୟଦର୍ଶନୀ ସେଠୀ ବାଛରା ସରପଞ୍ଚ ରଞ୍ଜିତା ସାହୁ ଡାମରପୁର ସରପଞ୍ଚ ଅନୁସୂୟା ନାଥ ପୂର୍ବତନ ସରପଞ୍ଚ ମିନତୀ ପାତ୍ର ପୁଷ୍ପଲତା ଗାହାଣ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷାବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୃବୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡ଼ା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ମହିଳା ବିଜେଡି ଯୁବ ବିଜେଡି ଓ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

# ସମସ୍ୟା ଘେରରେ କେତୁଆପାଳ ପଞ୍ଚାୟତ, ମିଳୁନି ପାନୀୟଜଳ

ଗୋବିନ୍ଦପୁର, ୬।୫(ସମିସ)




ଆଳି ବ୍ଲକ କେତୁଆ ପାଳ ପଞ୍ଚାୟତରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଚାଷ ପାଇଁ ଜଳସେଚନ ନିତ୍ୟାନ୍ତ ଆବଶ୍ୟକ। କେତୁଆପାଳ, ପାନପେଣ୍ଠ, ହିଞ୍ଜିଳି ଓ ଗୁଣ୍ଡୁଦିଆ ଗ୍ରାମକୁ ନେଇ କେତୁଆ ପାଳ ପଞ୍ଚାୟତ ଗଠିତ। ଏହି ପଞ୍ଚାୟତରେ ୧୩ ଟି ୱାର୍ଡ଼ ରହିଛି। ଜଳ ନିଷ୍କାସନ ସମସ୍ୟା ହେଉଥିବାରୁ ପାନପେଣ୍ଠ ଗ୍ରାମ, ହିଞ୍ଜଳ ମଙ୍ଗଳା ମନ୍ଦିର ନିକଟ, ଗୁଣ୍ଡୁଦିଆ ଗ୍ରାମରେ ଡ୍ରେନେଜ୍ ନିତ୍ୟାନ୍ତ ଆବଶ୍ୟକ। ପଞ୍ଚାୟତରେ ପାଣି ସମସ୍ୟା ଉତ୍କଟ ଅଧିକାଂଶ ପରିବାରକୁ ପ୍ରକଳ୍ପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ପାନପେଣ୍ଠ ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ଚାଲିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇନାହିଁ। କେତୁଆ ପାଳ ଗ୍ରାମରେ ନୂତନ ଟାଙ୍କି ବସାଇବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏ ଏହା କାର୍ଯ୍ୟକାରୀ ହୋଇନାହିଁ। ପାନପେଣ୍ଠ ଗ୍ରାମରେ ଏକ ନୂତନ ଅଘନ ବାଡ଼ି ଗୃହ ପାଇଁ ଦାବି ହେଉଛି। ଏହି ଅଞ୍ଚଳରେ ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଏଠାରେ ଜଳ ସେଚନ ପ୍ରକଳ୍ପ ନ ଥିବାରୁ ଚାଷ ପାଇଁ ସମସ୍ୟା ହେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏଠାରେ ଜଳ ସେଚନ ପ୍ରକଳ୍ପ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ପାନପେଣ୍ଠ ଠାରୁ କେତୁଆ ପାଳ ଗ୍ରାମ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ରାସ୍ତା ଆଲୋକୀକରଣ କରିବାକୁ ଦାବି ହେଉଛି। ସମସ୍ୟା ବହୁଳ କେତୁଆ ପାଳ ପଞ୍ଚାୟତର ସମସ୍ୟା ଦୂର କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ପାରାଦୀପରେ ବଢୁଛି ନିଶାଡ଼ିଙ୍କ ଦୌରାତ୍ମ୍ୟ



ପାରାଦୀପ, ୬।୫(ସମିସ): ପାରାଦ୍ୱୀପରେ ଦିନକୁ ଦିନ ନିଶାସକ୍ତ ଯୁବକମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହି ନିଶାଶକ୍ତ ଯୁବକଙ୍କୁ ଦେଖି ସାଧାରଣ ଲୋକମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହେଉଛି। ବିଶେଷ କରି ଝିଅ ଓ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଗତ ରାତିରେ ଜେବି କଲୋନୀର ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ମଧୁବନ ଅଫିସର୍ସ କ୍ଲବ ନିକଟରେ ଜଣେ ନିଶାସକ୍ତ ଯୁବକ ଅସଦାଚାରଣ କରିବା ସହ ଅପମାନଜନକ ଓ ଅପରାଧମୂଳକ ଉଦ୍ଦେଶ୍ୟରେ ଏହି କାଣ୍ଡ ଘଟିଥିବା କୁହାଯାଉଛି। ତଥାପି ବୃଦ୍ଧା ମହିଳାଙ୍କ ଚିତ୍କାର ଶୁଣି ପାଖପାଖି ଲୋକମାନେ ଦୃତ ଗତିରେ ଘଟଣାସ୍ଥଳକୁ ପହଞ୍ଚି ଯୁବକଟିକୁ ଧରି ପୁଲିସ ହାତେ ସମର୍ପଣ କରିଥିଲେ। ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରି ଅଟକ ରଖା ଯାଇଛି। ଏହି ଘଟଣା ପରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ପାରାଦୀପରେ ଏହି ଡ୍ରଗ୍ସ ନିଶା କିପରି ପ୍ରବେଶ କରୁଛି। ସ୍ଥାନୀୟ ଲୋକମାନେ ପଚାରୁଛନ୍ତି, ସାଧାରଣ ଜୀବନ ଓ ମହିଳାଙ୍କ ସୁରକ୍ଷା କେତେଦୂର ସୁନିଶ୍ଚିତ। ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ଶୀଘ୍ରକଡା ପଦକ୍ଷେପ ନେବା ଆବଶ୍ୟକ ବୋଲି ଜନସାଧାରଣ ଦାବି କରୁଛନ୍ତି। ବର୍ତ୍ତମାନ ପାରାଦୀପ ଥାନାରେ ଜଣେ ମହିଳା ଥାନା ଅଧିକାରୀ ଓ ଆଡିସିନାଲ ଏସ୍‌ପି ଭାବେ ଜଣେ ଆଇପିଏସ ଅଧିକାରୀ ନିଯୁକ୍ତ ଥିବାରୁ, ଆଇନ-ଶୃଙ୍ଖଳା ସୁଦୃଢ଼ ହେବ ବୋଲି ଲୋକମାନଙ୍କ ଆଶା ଓ ବିଶ୍ୱାସ ବଢ଼ିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିଶା ସେବନକୁ ବିରୋଧ କରି ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ମଧ୍ୟ ନିଆଯାଉଛି। ସମାଜର ସୁରକ୍ଷା ପାଇଁ ପୋଲିସ ପ୍ରଶାସନ, ସ୍ଥାନୀୟ ସଂଗଠନ ଓ ସାଧାରଣ ନାଗରିକଙ୍କ ପ୍ରୟାସ ହିଁ ପରିବର୍ତ୍ତନ ଆଣିଦେବ। ହେଲେ ପାରାଦୀପକୁ ଏଭଳି ନିଶାଶକ୍ତଙ୍କ କବଳରୁ କେବେ ମୁକ୍ତ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ରଥଖଳାରୁ...

# ପ୍ରଭା ଅପ୍ସରା ଏବଂ ବେଦୀ ସିଂହାସନ ନିର୍ମାଣ ଶେଷ



ପୁରୀ,୬।୫(ସମିସ): ରଥଯାତ୍ରା ପାଇଁ ରଥଖଳା ସମ୍ପୂର୍ଣ୍ଣ ଚଳଚଞ୍ଚଳ। ବିଧି ମୁତାବକ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଆସନ୍ତା ଶନିବାର ଭଉଁରୀ। ପରମ୍ପରା ଅନୁଯାୟୀ, ଭଉଁରୀ ତିଥିରେ ତିନିରଥର ଚକ ଡେରା କାର୍ଯ୍ୟ ସମ୍ପନ୍ନ ହେବ। ଏହାକୁ ନଜରରେ ରଖି ମହାରଣା ସେବକମାନେ ପ୍ରସ୍ତୁତ ହୋଇଯାଇଛନ୍ତି। ବୁଧବାର ସୁଦ୍ଧା ତିନିରଥର ୧୬ଟି ଚକ ନିର୍ମାଣ ଶେଷ ହୋଇଛି। ତାଳଧ୍ୱଜ ଓ ଦର୍ପଦଳନ ରଥର ୫ଟି ଲେଖାଏଁ ଚକ ସରିଥିବାବେଳେ ନନ୍ଦିଘୋଷ ରଥର ୬ଟି ଚକ ସମ୍ପୂର୍ଣ୍ଣ ହୋଇଛି। ତିନି ରଥର ଆଉ ଦୁଇଟି ଲେଖାଏଁ ତୁମ୍ବରେ ଭୋଇ ସେବକ ସିଙ୍ଗଡ଼ା ବାଡ଼ିଆ ଶେଷ କରିଛନ୍ତି। ଏହାପରେ ସେହି ତୁମ୍ବରେ ଅଖ ବିନ୍ଧ ପାଇଁ ରଥ ଚାଳିକୁ ଯୋଗାଇ ଦେଇଛନ୍ତି। ତିନି ରଥର ପ୍ରଭା ଅପ୍ସରା ଏବଂ ବେଦୀ ସିଂହାସନ ନିର୍ମାଣ ଶେଷ ହୋଇଛି। ଏଥିସହ ଆଜିସୁଦ୍ଧା ତିନିରଥର ୪ଟି ଲେଖାଏଁ ପ୍ରଥମ ଭୂଇଁ ଓ ମଝି ଭୂଇଁ ଖମ୍ବ ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର ସାଲ ଗୁଜ ରେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ପ୍ରତ୍ୟେକ ରଥର ୧୦ଟି ଲେଖାଏଁ ଚକ ପାଇଁ ଆବଶ୍ୟକ ଅର କଣ୍ଟା ନିର୍ମାଣ ଶେଷ ହୋଇଛି। ବାକି ଚକଗୁଡ଼ିକ ପାଇଁ ଅର କଣ୍ଟା ନିର୍ମାଣ ସହ ତୁମ୍ବ ପାଇଁ ପନ୍ଦାରି ବଳା, ତୁମ୍ବ ବାହ୍ୟ ବଳା ଏବଂ ପନ୍ଦାରି ଚାବି ନିର୍ମାଣ ଚାଲିଛି।

# ଆଗାମୀ ସପ୍ତାହରେ +୨ ପରୀକ୍ଷା ଫଳ

ଭୁବନେଶ୍ୱର, ୬।୫ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ଚଳିତ ମାସ ତୃତୀୟ ସପ୍ତାହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଏକ ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରସ୍ତୁତି ଜାରି ରହିଛି ଓ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ସରିଥିବାବେଳେ ଟେବୁଲେସନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଚଳିତ ବର୍ଷ ସମୁଦାୟ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୫୩ହଜାର ୫୫୦ ଜଣ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୧,୧୩,୪୩୯, ବାଣିଜ୍ୟରେ ୨୪,୦୭୨ ଓ ଧନ୍ଦାମୂଳକ ଶିକ୍ଷାରେ ୫,୫୩୧ ଜଣ ପରୀକ୍ଷା ଦେଇଛନ୍ତି। ଗୋଟିଏ ପରୀକ୍ଷାରେ ଫେଲ୍ ହୋଇଥିବା ପିଲାମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ବ୍ୟବସ୍ଥା କରାଯାଇଛି। କେବଳ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ଇନଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେବ। ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ।

## ରାଜସ୍ୱ ସେବା ଅଧିକାରୀଙ୍କୁ ମନ୍ତ୍ରୀଙ୍କ ଚେତାବନୀ

# ବଦଳିର ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୬।୫(ସମିସ): ରାଜସ୍ୱ ବିଭାଗ ଅଧୀନରେ ଥିବା ସମସ୍ତ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଆସିବାର ସାତ ଦିନ ମଧ୍ୟରେ ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଯେଉଁ ଅଧିକାରୀମାନେ ବଦଳି ଆଦେଶ ଅବମାନନା କରିବେ, ସେମାନଙ୍କ ବିରୋଧରେ

- ବେବନ୍ଦୋବସ୍ତ ଜମିର ସମାଧାନ ପାଇଁ ଖୁବ୍ ଶୀଘ୍ର ଜାରୀ ହେବ ଏସ୍ଓପି
- ସରକାରୀ ଜମି ଜବରଦଖଲ କରିଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଧମକ

କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଏହା ସହ ସମସ୍ତ ବେବନ୍ଦୋବସ୍ତ ଜମିର ସମାଧାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ସହ ସମସ୍ତ ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଲୋକସେବା ଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ପୂଜାରୀ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ



ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜମି ରେକର୍ଡ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସ୍ଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜସ୍ୱ ନିରୀକ୍ଷକ (ଆର୍ଆଇ) ମାନଙ୍କୁ ପ୍ରତି ମାସରେ ୨୫୦ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ କୃଷକ ପଞ୍ଜିକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ସଂଶୋଧିତ ଖାତା ଗୁଡ଼ିକରେ କୃଷକ ମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା, ଆଧାର ଲିଙ୍କ୍ ସଂଯୋଗୀକରଣ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ସମସ୍ତ ଡିଭିଜନର ଆରଡିସି, ସମସ୍ତ ଜିଲ୍ଲାର ଏଡିଏମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ

ସମ୍ବଲପୁର, ୬।୫ (ସମିସ): ସମ୍ବଲପୁର ଜିଲ୍ଲା ପଡ଼ିଆବାହାଲ ରେଞ୍ଜରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ରାତିରେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ସକାଳେ ଖବର ପାଇ ବନବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ ଏହି ରେଞ୍ଜ ଅନ୍ତର୍ଗତ କୁଲଚର ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ମେଘପାଲ ଦାଉପଡ଼ାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ପଡ଼ିଆବାହାଲ ରେଞ୍ଜ ବେହେରାମାଲ ସେକ୍ସନ ଅନ୍ତର୍ଗତ ପତରଫଡ଼ି ନିକଟରେ ହାତୀ ଆକ୍ରମଣରେ ବେହେରାମାଲ, ଟାମ୍ପରଗଡ଼ର ଶ୍ରୀଧର ବେହେରା (୩୫) ଙ୍କ ମୃତ୍ୟୁ ହୋଇଛି। ସୋମବାର ରାତିରେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ଆକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ସକାଳେ ସ୍ଥାନୀୟ ଲୋକେ ବନବିଭାଗ ଓ ପୁଲିସକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଓ ଯୁଯୋମୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ହିଞ୍ଜିଳି ବୀଭତ୍ସ ହତ୍ୟାକାଣ୍ଡ ପ୍ରସଙ୍ଗରେ ଆଇନମନ୍ତ୍ରୀଙ୍କୁ ବିଜେଡିର ପ୍ରଶ୍ନ

# ବିରୋଧୀ ଦଳ ନେତାଙ୍କ ଚିଠିକୁ ନେଇ ଏତେ ଉତ୍କ୍ଷିପ୍ତ କାହିଁକି

ଭୁବନେଶ୍ୱର, ୬।୫(ସମିସ): ହିଞ୍ଜିଳି ଥାନା ଅନ୍ତର୍ଗତ ଖରିଡା ଗ୍ରାମରେ ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ତିନି ବର୍ଷର ଝିଅ ସମ୍ମୁଖରେ ବୀଭତ୍ସ ହତ୍ୟା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାକୁ ନେଇ ବିରୋଧୀ ଦଳର ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ଉଦବେଗ ପ୍ରକାଶ କରି ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ମାତ୍ର ଏହି ଚିଠିକୁ ନେଇ ଆଇନମନ୍ତ୍ରୀଙ୍କ ପ୍ରତିକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ହତ୍ୟା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକୁ ନେଇ ଆଇନମନ୍ତ୍ରୀ ଯେପରି ଉତ୍କ୍ଷିପ୍ତ ହୋଇଛନ୍ତି ତାହା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ବିଜେଡି ପ୍ରଶ୍ନ କରିଛି।

ବୁଧବାର ଶଙ୍ଖଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ ଆଇନମନ୍ତ୍ରୀଙ୍କ ପ୍ରତିକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଡ. ମହାନ୍ତି କହିଛନ୍ତି ଯେ ଗତ



ସପ୍ତାହ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଇନ ଶୃଙ୍ଖଳାର ଚରମ ଅଧୋଗତି ପ୍ରସଙ୍ଗରେ ବିରୋଧୀ ଦଳ ନେତା ହିସାବରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଚିନ୍ତାବ୍ୟକ୍ତ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ। ମାତ୍ର ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡିପଡିଥିଲା ବେଳେ ଆଇନମନ୍ତ୍ରୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଦାୟିତ୍ୱହୀନ

**ଦୃଢ଼ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଦେଉଛନ୍ତି ଦାୟିତ୍ୱହୀନ ମନ୍ତବ୍ୟ**

ମନ୍ତବ୍ୟ ସ୍ୱାଭାବିକ ଭାବରେ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛ। ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକ ଚିଠି କାହିଁକି ଲେଖିଲେ ବୋଲି ଆଇନମନ୍ତ୍ରୀଙ୍କ ପ୍ରଶ୍ନ ତାଙ୍କ ଅହଂଭାବକୁ ପରିଚୟକୁ ଦର୍ଶାଉଛି। ନିଜ ନିର୍ବାଚନମଣ୍ଡଳୀରେ ଘଟିଥିବା ବର୍ବର ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ଓ ଜଣେ ଅପରାଧୀକୁ ଦଣ୍ଡ ଦେବାକୁ ଦାବି କରିବା କେଉଁ ଦୃଷ୍ଟିରୁ ଭୁଲ ବୋଲି ବିଜେଡି ପ୍ରଶ୍ନ କରିଛି।

ଇପ୍ସିତା ସାହୁ କହିଥିଲେ ଯେ ଯେଉଁ ତିନି ବର୍ଷର ଛୁଆ ସାମ୍ନାରେ ତା'ର ଗର୍ଭବତୀ ମାଆଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଗଲା, ସେ ଛୁଆର ଦାୟିତ୍ୱ ନେବା ପାଇଁ ସରକାରଙ୍କୁ ବିରୋଧୀ ଦଳର ନେତା ଅନୁରୋଧ କରିବା ଯଥାର୍ଥ ନୁହେଁ କି? ଯେତେବେଳେ ବି କୌଣସି ପ୍ରଶ୍ନ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ କରାଯାଏ, ଆଇନମନ୍ତ୍ରୀ ପ୍ରତିକ୍ରିୟାଶୀଳ ହୋଇ ସାମ୍ନାକୁ କାହିଁକି ଆସୁଛନ୍ତି ? ଅଘୋଷିତ ଭାବେ ଆଇନମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି କି? ଏଭଳି ପ୍ରତିକ୍ରିୟାଶୀଳ ହୋଇ ମନ୍ତବ୍ୟ ଦେବା ଅପେକ୍ଷା, ଅନୁଗୁଳ, କଣାସ ଏବେ ଖରିଡା ଘଟଣାରୁ ସରକାର କିଛି ଶିକ୍ଷା ଲାଭ କରି ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

## ■ ପୀତବାସ ପଣ୍ଡା ହତ୍ୟା ଘଟଣା

# ଅଭିଯୁକ୍ତ ମଦନମୋହନଙ୍କ ଅନ୍ତରୀଣ ଜାମିନ ଆବେଦନ ଖାରଜ

କଟକ, ୬।୫(ସମିସ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତ ମଦନ ମୋହନ ଦଳାଇଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଆଜି ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅସୁସ୍ଥ ଥିବା ଦର୍ଶାଇ ଶ୍ରୀ ଦଳାଇ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ତାଙ୍କର ନିୟମିତ ଜାମିନ ଆବେଦନର ଶୁଣାଣି ଆସନ୍ତା ମେ ୧୯ ତାରିଖକୁ ଧାର୍ଯ୍ୟ କରାଯାଇଛି। ପ୍ରକାଶଥାଉକି, ପୂର୍ବରୁ ଏହି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଛି।

# ୩ ବର୍ଷ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି ଲୋକପାଳ ପଦବୀ

କଟକ,୬।୫(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଲୋକପାଳ ପଦବୀ ଖାଲି ପଡ଼ିଥିବା ବେଳେ ଏହାକୁ ପୂରଣ କରାଯାଉ ନଥିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳସଚିବ (ରେଜିଷ୍ଟ୍ରାର)ଙ୍କୁ ହାଇକୋର୍ଟ ନୋଟିସ ଜାରି କରିବା ସହ ଆସନ୍ତା ଦୁଇସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କ ଖଣ୍ଡପୀଠ ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ଓ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଦ୍ୱାରା ପ୍ରଣିତ ଛାତ୍ର ଅଭିଯୋଗ ସମାଧାନ ନିୟମାବଳୀ-୨୦୨୩ର ଧାରା ୬ ଅନୁସାରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତି ପାଇଁ ନିୟମ ଅଛି। ସେହିଭଳି ଛାତ୍ରଛାତ୍ରୀଙ୍କ ନାମଲେଖାଠାରୁ ପରୀକ୍ଷା ପର୍ଯ୍ୟନ୍ତ ସମସ୍ତ ଅଭିଯୋଗର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପ୍ରଣିତ

**ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଛାତ୍ର ଅଭିଯୋଗ ସମାଧାନ ନିୟମାବଳୀର ଧାରା ୫ ଅନୁସାରେ ଏକ ଅଭିଯୋଗ ସମାଧାନ କମିଟି ଗଠନ କରାଯିବାର ବ୍ୟବସ୍ଥା ରହିଛି। ଏହି କମିଟିର ନିଷ୍ପତ୍ତି ବିରୋଧରେ ଅପିଲ ଶୁଣାଣି କରିବାକୁ ଧାରା-୬ ଅନୁସାରେ ଜଣେ ଲୋକପାଳ ନିଯୁକ୍ତ ହେବାର ପ୍ରାବଧାନ ରହିଛି। ଜଣେ ପୂର୍ବତନ କୁଳପତି କିମ୍ବା ୧୦ ବର୍ଷର ଅଭିଜ୍ଞତା ଥିବା ପ୍ରଫେସର ତଥା ଜଣେ ପୂର୍ବତନ ଜିଲ୍ଲାଜଜ୍ ଏହି ପଦରେ ତିନିବର୍ଷ ଅବା ସତୁରି ବର୍ଷ ବୟସ ଯାଏଁ ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଛି। କିନ୍ତୁ ୨୦୨୩ ମସିହା ମେ ମାସରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟରେ ଲୋକପାଳ ନିଯୁକ୍ତ ହୋଇନାହାନ୍ତି। ୨୦୨୫ ଫେବ୍ରୁଆରୀ ୬ ତାରିଖରେ ଝାଡଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ବି ଆର୍ ଷଡ଼ଙ୍ଗୀଙ୍କୁ ଲୋକପାଳ ଭାବେ ନିଯୁକ୍ତି ଆଦେଶ ଜାରି ହୋଇଥିଲେ ସୁଦ୍ଧା ସେ ଜାତୀୟ ମାନବାଧିକାର କମିସନର ସଦସ୍ୟ ଭାବରେ ନିଯୁକ୍ତ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇ ନଥିଲେ। ଏହାପରେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଲୋକପାଳ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଅଭିଯୋଗ କରି ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି।

# ବଢ଼ିଲା ଚୌଦ୍ୱାର ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ

## ଅନ୍ତରୀଣ ସୁରକ୍ଷା ହଟାଇବା ପାଇଁ ହାଇକୋର୍ଟଙ୍କ ଚେତାବନୀ

କଟକ,୬।୫(ସମିସ): ଚୌଦ୍ୱାର ସର୍କଲ ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କ ଅଡୁଆ ବଢିଛି। ଜେଲ୍‌ର ପ୍ରବେଶ ପ୍ରସ୍ଥାନ ରେଜିଷ୍ଟର ଓ ଅନ୍ୟାନ୍ୟ ଦସ୍ତାବିଜ ପୁଲିସକୁ ପ୍ରଦାନ କରୁ ନଥିବା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ମଗାଯାଇଥିବା ସମସ୍ତ ସମ୍ପୃକ୍ତ କାଗଜପତ୍ର ଅଭିଯୁକ୍ତ ବିନା କୌଣସି ଅବହେଳାରେ ଜେଲ ଅଧୀକ୍ଷକ ତୁରନ୍ତ ଦାଖଲ କରିବେ। ଯଦି ସେ ତଦନ୍ତରେ ଅସହଯୋଗ କରନ୍ତି, ତେବେ ଗତ ମାର୍ଚ୍ଚ ୨୩ରେ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ଆଦେଶକୁ ହଟାଇ ଦିଆଯିବ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି। ସୁଜିତ କୁମାର ରାଉଳଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି କଟକ ରେଞ୍ଜ ଡିଆଇଜି (କାରାଗାର)ଙ୍କ ତଦନ୍ତ ରିପୋର୍ଟରୁ ଚୌଦ୍ୱାର ଜେଲର ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟରରେ ହେରଫେର କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିର୍ଦ୍ଦେଶରେ ଏହି ଜାଲିଆତି କରାଯାଇଥିବା ଏବଂ ଏଥିପାଇଁ ସୂଚନାଦାତାଙ୍କୁ ମିଥ୍ୟା ଭାବେ ଫସାଯାଇଥିବା ଅଦାଲତରେ ଦର୍ଶାଯାଇଛି। ଜଣେ ମହିଳା ବନ୍ଦୀଙ୍କଠାରୁ ଜେଲ କର୍ତ୍ତୃପକ୍ଷ ସୁନାଗହଣା କାଢି ରଖିଥିଲେ ବି ସେ ଜାମିନ ପାଇବା ପରେ ଏହି ସୁନାଗହଣା ଗାଏବ ହୋଇଯାଇଥିଲା। ଏହି ଘଟଣାରେ ଜଣେ ଜେଲ ୱାର୍ଡର ଗିରଫ ହୋଇଥିବା ବେଳେ ପୂର୍ବତନ ଜେଲର ଓ ଅଧୀକ୍ଷକଙ୍କ ମଧ୍ୟରେ ପରସ୍ପରକୁ ଦୋଷାରୋପ ଆରମ୍ଭ ହୋଇ ମାମଲା ଥାନାକୁ ଯାଇଥିଲା। ଏହି ଘଟଣା ଯୋଗୁଁ ଅଭିଯୋଗକାରୀ ଜଣକ ବର୍ତ୍ତମାନ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। ତେବେ ଅଭିଯୁକ୍ତ ସୁଜିତ କୁମାର ରାଉଳ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି କିମ୍ବା ଆବଶ୍ୟକ ଦସ୍ତାବିଜ ପ୍ରଦାନ କରୁନାହାନ୍ତି ବୋଲି ତଦନ୍ତକାରୀ ଅଧିକାରୀଙ୍କ ତରଫରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ତଦନ୍ତର ଅଗ୍ରଗତି ସମ୍ପର୍କିତ ରିପୋର୍ଟକୁ ଆଧାର କରି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଇ ୨୧ତାରିଖରେ ହେବ।

## ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଗ୍ରୁପ-ଏ ପଦ ସୃଷ୍ଟି ଷଡଯନ୍ତ୍ର

# ବିନା କ୍ୟାବିନେଟ ମଞ୍ଜୁରୀରେ କେମିତି ସୃଷ୍ଟି ହେଲା ନୂଆ ପଦ

ଭୁବନେଶ୍ୱର, ୬।୫(ସମିସ): ମତ୍ସ୍ୟ ଓ ପଶୁ ପାଳନ ବିଭାଗରେ ବ୍ଲକ୍ ମତ୍ସ୍ୟ ଅଫିସର (ବିଏଫ୍ଓ) ପରି ନୂତନ ପଦ ସୃଷ୍ଟି କରି ତହିଁରେ ନିଯୁକ୍ତି ଦେବାକୁ ଚାଲିଥିବା ଷଡ଼ଯନ୍ତ୍ରର ଗୁମର ଖୋଲିବା ପରେ ଗୋଟିକ ପରେ ଗୋଟିଏ ରୋଚକ ତଥ୍ୟ ପଦାକୁ ଆସିବାରେ ଲାଗିଛି । ବିଭାଗରେ ବ୍ଲକ୍‌ରରେ ଗ୍ରୁପ-ଏ ପଦ ସୃଷ୍ଟି କରି ସେହି ପଦରେ ଗ୍ରୁପ୍-ବି ପଦ ଅଧିକାରୀଙ୍କୁ ନିଯୁକ୍ତି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ପଦୋନ୍ନତି ଭିତ୍ତିରେ ପୂରଣ କରିବାକୁ ଫାଇଲ୍ କାର୍ଯ୍ୟ ଚାଲିଥିଲେ ମଧ୍ୟ ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ କ୍ୟାବିନେଟ୍ ଅନୁମୋଦନ ପାଇନାହିଁ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇ ନାହିଁ; ଯାହା ବିଭାଗସ୍ତରରେ ଚାଲିଥିବା ଷଡ଼ଯନ୍ତ୍ରକୁ ଉଜାଗର କରିଛି।

ଅଭିଯୋଗ ଅନୁଯାୟୀ, ବ୍ଲକ୍‌ସ୍ତରରେ କାର୍ଯ୍ୟ କରୁଥିବା ସହକାରୀ ମତ୍ସ୍ୟ ଅଧିକାରୀମାନଙ୍କୁ ବ୍ଲକ୍ ମତ୍ସ୍ୟ ଅଧିକାରୀ (ଗ୍ରୁପ୍-୧) ପଦକୁ ପଦୋନ୍ନତି କରିବା ପାଇଁ ଗୋଟିଏ ଗୋଷ୍ଠୀ ଯୋଜନା କରିଛନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ତୁଷ୍ଟୀକରଣ କରି ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ଜଣେ ଏଏଫ୍ଓ ଓ ବିଭାଗର ଅନ୍ୟ ଦୁଇ କର୍ମଚାରୀ ରାଜ୍ୟରରେ କାର୍ଯ୍ୟରତ ଏଏଫ୍ଓମାନଙ୍କଠାରୁ ବିପୁଳ ଅର୍ଥ ଆଦାୟ କରିଛନ୍ତି । ବିଏଫ୍ଓ ପଦରେ 'ଏ' ବର୍ଗୀକୃତ

- ■ ବ୍ଲକ୍ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଗୋପନ ବୈଠକ
- ■ ପୃଥକ ବୈଠକରେ ଡିଏଫ୍ଓ ଓ ଏଡିଏଫ୍ଓ ବିଚାରବିମର୍ଶ
- ■ ଖବର ପ୍ରକାଶ ପରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ହଲ୍‌ଚଲ୍

ଦରମା ପାଇବା ପାଇଁ ନୂତନ ପଦ ସୃଷ୍ଟି କରିବାକୁ ପ୍ରାୟ ୨କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କୁ ଅଧିକାରୀମାନେ ଅର୍ଦ୍ଧ ସୂଚନା ଦେଇଛନ୍ତି ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ନୂତନ ଗ୍ରୁପ-ଏ ପଦ ସୃଷ୍ଟି ପ୍ରସ୍ତାବ କ୍ୟାବିନେଟରେ ଅନୁମୋଦନ ଲାଭ କରି ନଥିବା ସତ୍ତ୍ୱେ ବିଭାଗର କିଛି ବଡ଼ ଅଧିକାରୀ ଏହି ଷଡ଼ଯନ୍ତ୍ରରେ ସାମିଲ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି ।

ଅନ୍ୟପକ୍ଷରେ ଏପରି ଷଡ଼ଯନ୍ତ୍ର ସଂକ୍ରାନ୍ତ ଖବର ଆଜି 'ସକାଳ'ରେ ପ୍ରକାଶ ପାଇବା ପରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ହଲଚଲ୍ ସୃଷ୍ଟି ହୋଇଛି। ବିଭାଗୀୟ ବଡ଼ ଅଧିକାରୀ ଏହି ପ୍ରସଙ୍ଗ କିପରି ବାହାରକୁ ଗଲା ବୋଲି କନିଷ୍ଠ ଅଧିକାରୀମାନଙ୍କୁ ପ୍ରଶ୍ନ କରିଛନ୍ତି । ସେହିପରି ଜିଲ୍ଲା ମତ୍ସ୍ୟ ଅଧିକାରୀ (ଡିଏଫ୍ଓ) ଓ ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ (ଏଡିଏଫ୍ଓ) ପୃଥକ ପୃଥକ ଭାବେ ଦୁଇଟି ବୈଠକ କରିଛନ୍ତି। ପୁନଶ୍ଚ ଲାଞ୍ଚ କାରବାରରେ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଏଏଫ୍ଓମାନଙ୍କର ଏକ ଗୋପନ ବୈଠକ ଜଗତସିଂହପୁର ଜିଲ୍ଲାରେ ଅନୁଷ୍ଠିତ ହୋଇଛି। କିଛିଦିନ ପାଇଁ ସମସ୍ତେ ଏହି ପ୍ରସଙ୍ଗରେ ନିରବ ରହିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି ଏବଂ ଏହି ଖବର କିପରି ଲିକ୍ ହେଲା ଓ କିଏ ବାହାରେ ଖବର ଦେଲା ତାଙ୍କୁ ଖୋଜି ବାହାର କରିବାକୁ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଛି ।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିଚାଳନାମଣ୍ଡଳୀ ବୈଠକ

# ନବସୃଜନ ଓ ବିକାଶମୁଖୀ ଗବେଷଣାକୁ ପ୍ରାଧାନ୍ୟ

କଟକ,୬।୫(ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ୫ମ ପରିଚାଳନା ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବୈଠକରେ ପୌରୋହିତ୍ୟ କରି ବୃତ୍ତିଗତ ଶିକ୍ଷା, ଗବେଷଣା ଓ ନବସୃଜନରେ ଜନସାଧାରଣଙ୍କ ଉନ୍ନତି, ଗ୍ରାମାଞ୍ଚଳର ବିକାଶକୁ ଶିକ୍ଷାନୁଷ୍ଠାନ ସର୍ବଦା ପ୍ରାଧାନ୍ୟ ଦେଇ ଆସିଥିବା ପ୍ରକାଶ କରିଥିଲେ। ପ୍ରାରମ୍ଭରେ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଅଗ୍ରଗତି ଓ ଉତ୍କର୍ଷ ସଂପର୍କରେ ଉଲ୍ଲେଖ କରିଥିଲେ। ଓଡିଶା ବିଧାନସଭା ଦ୍ୱାରା ମନୋନୀତ ସଦସ୍ୟ ବିଧାୟକ ଛବି ମଲ୍ଲିକ 'ଜାତୀୟ ଶିକ୍ଷାନୀତି-୨୦୨୦'ର ସଫଳ ରୂପାୟନରେ ଡ୍ରିମ୍ସ ସଂକଳ୍ପିତ ଅଭିମୁଖ୍ୟ ସ୍ୱାଗତଯୋଗ୍ୟ ବୋଲି ବର୍ଣ୍ଣନା କରି ଏହାର ସଂପୃକ୍ତି ଦିଗରେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥିଲେ। ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ତାର ପାଠ୍ୟକ୍ରମରେ ଡ୍ରୋନ୍ ଓ ମହାକାଶ ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ ରଖିଥିବା କହିଥିଲେ। ରାଜ୍ୟ



ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞ ସଦସ୍ୟ ଭାରତୀୟ ବନ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଓ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ସମେତ ଶିକ୍ଷାବିତ୍ ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଯୁକ୍ତିବିଦ୍ ଇଂ ଅଶୋକ କୁମାର ବାସା, ଡ୍ରିମ୍ସ ମେଡିକାଲ କଲେଜର 'ଡିନ୍' ପ୍ରଫେସର ଡା. ରଂଜନ କୁମାର ଦାସ ଏବଂ ଅଭାସୀ ମାଧ୍ୟମରେ ଶିକ୍ଷାବିତ୍ ପ୍ରଫେସର ଡ. ବିଜୟାନନ୍ଦ ସିଂହ ବୈଠକରେ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ସୁଚିନ୍ତିତ ଅଭିମତ ଉପସ୍ଥାପନ କରିଥିଲେ। ପରିଚାଳନା ମଣ୍ଡଳୀର ଅନ୍ୟତମ ସଦସ୍ୟା ଚିନ୍ମୟୀ ରଥ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କର୍ମ ନିଯୋଜନ ସଂକ୍ରାନ୍ତ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ, 'ଡିନ୍' ଡ. ନୟନ ରଞ୍ଜନ ସାମଲ, ଶିକ୍ଷାବିତ୍ ପ୍ରଫେସର ସୁଶାନ୍ତ ଦାସ, ପ୍ରଫେସର ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, ଅର୍ଥ ବିଭାଗର ଅଧିକାରୀ ସୁଦର୍ଶନ ସାହୁ, ପ୍ରସନ୍ନ ସାହୁ, ସଚିବ ସୁଧାଂଶୁ ଭୂଷଣ କର ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି ଗତ ବୈଠକର ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରସ୍ତାବ ଆଲୋଚନା ପରେ ସର୍ବସମ୍ମତକ୍ରମରେ ଗୃହୀତ ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ । ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ ।

**ମିଥୁନ:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ । ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ପାରିବାରିକ ଜୀବନ ସୁଖଶାନ୍ତିରେ ବିତିବ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କୌଣସି କଥାକୁ ନେଇ ମନ ଉଣା ହୋଇପାରେ ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ । ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ଧନୁ:** ଆଜି ଦିନଟି ଶୁଭଫଳ ପ୍ରଦାନ କରିବ । ଆୟ ବ୍ୟୟ ସମାନ ରହିବ । ମାପିଚୁପି କଥା କୁହନ୍ତୁ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ ।

**ମକର:** ବିବାହ ପ୍ରସ୍ତାବ ଆସିପାରେ । ଧନଲାଭ ଯୋଗ ଅଛି । ଯାନବାହନ କିଣିପାରନ୍ତି । ପରିବାର ସହ ହସ ଖୁସିରେ ଦିନ କାଟିବେ । ଯୋଜନା ମୁତାବକ କାମ କରନ୍ତୁ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବା ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ । ଆୟ ଅନୁସାରେ ବ୍ୟୟ ହେବ । ବ୍ୟବସାୟରୁ ଲାଭବାନ ହେବେ ।

**ମୀନ:** ମାନସିକ ଶାନ୍ତି ମିଳିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାମ ଆରମ୍ଭ କରିପାରନ୍ତି । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି ।

## ଆଜିର ଇତିହାସ

- ୧୯୦୭- ବମ୍ବେରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାମ୍ ଚାଲିଲା ।
- ୧୯୨୮ - ବ୍ରିଟେନ୍‌ରେ ମତଦାନ ଅଧିକାର ୩୦ ବର୍ଷରୁ ହ୍ରାସ କରି ୨୧ ବର୍ଷ କରି ଦିଆଗଲା ।
- ୧୯୪୦-ୱିନଷ୍ଟନ ଚର୍ଚ୍ଚିଲ ବ୍ରିଟେନର ପ୍ରଧାନମନ୍ତ୍ରୀ ହେଲେ ।
- ୨୦୦୦- ଭ୍ଲାଦିମିର୍ ପୁଟିନ୍ ରୁଷ୍‌ର ଦଶମ ରାଷ୍ଟ୍ରପତି ହେଲେ ।
- ୨୦୦୪- ନେପାଳର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ବାହାଦୁର ଥାପ୍ପା ଇସ୍ତଫା ଦେଲେ ।

## ବାହା ହେବେ ହୁମା



ବଲିଉଡ୍ ଅଭିନେତ୍ରୀ ହୁମା କ୍ୟୁରୋସି ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । ହୁମା ତାଙ୍କ ଦୀର୍ଘଦିନର ପ୍ରେମିକ ରଚିତ ସିଂହଙ୍କୁ ବିବାହ କରିବେ । କିଛି ଦିନ ପୂର୍ବରୁ ଉଭୟଙ୍କର ଆମେରିକାରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଖବର ପ୍ରକାଶ ପାଇଥିଲା । ଏଇ ବର୍ଷ ଉଭୟ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥିବା ନେଇ ଏବେ ଖବର ଆସିଛି । ଉଭୟ ଅକ୍ଟୋବର କିମ୍ବା ନଭେମ୍ବରରେ ବିବାହ କରିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି । ଏଥିପାଇଁ ସେମାନେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରି ଦେଇଛନ୍ତି । ଅବଶ୍ୟ ଏହାକୁ ନେଇ ଏଯାବତ୍ ବିଧିବଦ୍ଧ ଭାବେ ଉଭୟ କିଛି କହି ନାହାନ୍ତି । କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ଏହି ବାହାଘର ଅନୁଷ୍ଠିତ ହେବ । ଏହାପରେ ସେମାନେ ମୁମ୍ବାଇରେ ଏକ ରିସେପସନ୍ ପାର୍ଟି ରଖିବେ । ଏଥିରେ ବଲିଉଡ୍‌ର ଅନେକ ସେଲିବ୍ରିଟି ଯୋଗ ଦେବେ । 'ଥାମା'ର ସ୍କ୍ରିନିଂ ସମୟରେ ହୁମା ଓ ରଚିତଙ୍କୁ ଏକାଠି ଦେଖାଯିବା ପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା । ରଚିତ ଜଣେ ଆକ୍ଟିଂ କୋଚ୍ ଓ ଟ୍ରେନର୍ । ସେ ଭିକି କୌଶଲ, ରଣବୀର ସିଂହ, ତାପସୀ ପନ୍ନୁଙ୍କ ସହ କାମ କରିଛନ୍ତି । ହୁମାଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ଜଲି ଏଲ୍‌ଏଲ୍‌ବି ୩'ରେ ନଜର ଆସିଥିଲେ । ଏବେ ସେ ୟଶଙ୍କ ସହ 'ଟକ୍ସିକ୍: ଏ ଫ୍ୟାରି ଟେଲ୍ ଫର୍ ଗ୍ରୋନ୍‌ଅପ୍ସ'ରେ ନଜର ଆସିବେ ।

## ବିଶ୍ୱକବି ରବୀନ୍ଦ୍ରନାଥ



ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଏକାଧାରରେ ଥିଲେ ଜଣେ କବି, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ, ଶିକ୍ଷାବିତ୍ ଗାଳ୍ପିକ ଓ ଦାର୍ଶନିକ । ରବୀନ୍ଦ୍ରନାଥଙ୍କୁ ବିଂଶ ଶତାବ୍ଦୀର ଭାରତର ବିଶିଷ୍ଟ ସୃଜନଶୀଳ ବ୍ୟକ୍ତିତ୍ୱ ଭାବରେ ଗଣନା କରାଯାଏ । ତାଙ୍କର ଉଚ୍ଚକୋଟୀର ସାହିତ୍ୟ ଓ ବିଶ୍ୱ ଦୃଷ୍ଟିକୋଣ ପାଇଁ ତାଙ୍କୁ 'ବିଶ୍ୱକବି' ଭାବେ ସମ୍ମାନିତ କରାଯାଇଛି । ଭାରତୀୟ ସାହିତ୍ୟ, ସଙ୍ଗୀତ ତଥା କଳା କ୍ଷେତ୍ରକୁ ତାଙ୍କର ବହୁ ଅବଦାନ ରହିଛି । ୧୯୧୩ ମସିହାରେ ସେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇଥିଲେ । କଲିକତାଠାରେ ୧୮୬୧ ମସିହା ରବୀନ୍ଦ୍ରନାଥ ଟାଗୋର ଜନ୍ମଗ୍ରହଣ କରିଥିଲେ । ପିତା ଦେବେନ୍ଦ୍ରନାଥ ଟାଗୋର ଓ ମାତା ଶାରଦା ଦେବୀ ତାଙ୍କୁ ଖୁବ୍ ଆଦର କରୁଥିଲେ । ପିଲାଟି ବେଳୁ ହିଁ ତାଙ୍କର ପ୍ରତିଭା, ଛନ୍ଦ ଓ ଭାଷାର ଅଦ୍ଭୁତ ଆଭାସ ମିଳିଥିଲା । ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରବୀନ୍ଦ୍ରନାଥ ଇଂଲଣ୍ଡରେ ନାମ ଲେଖାଇଥିଲେ । ସେ ଲଣ୍ଡନ ୟୁନିଭରସିଟି କଲେଜରୁ ଆଇନ ଶିକ୍ଷା ପ୍ରାପ୍ତ କରିଥିଲେ । ଡିଗ୍ରୀ ଗ୍ରହଣ କରିବା ପୂର୍ବରୁ ସେ ଭାରତ ଫେରି ଆସିଥିଲେ । ୧୮୮୩ ମସିହାରେ ସେ ମୃଣାଳିନୀ ଦେବୀଙ୍କୁ ବିବାହ କରିଥିଲେ । ସେ ତାଙ୍କର ପ୍ରଥମ କବିତା ୮ ବର୍ଷ ବୟସରେ ଲେଖିଥିଲେ । ୧୮୭୭ ମସିହାରେ ଯେତେବେଳେ ତାଙ୍କୁ ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ର ଗଳ୍ପ ପ୍ରକାଶିତ ହୋଇଥିଲା । 'ଗୀତାଞ୍ଜଳି' ପାଇଁ ଗୁରୁଦେବଙ୍କୁ ୧୯୧୩ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ଏ ପୁରସ୍କାର ପାଇବାରେ ପ୍ରଥମ ଅଣୟୁରୋପୀୟ ଥିଲେ । ସେ ମଧ୍ୟ 'ନାଇଟହୁଡ୍' ଉପାଧି ପାଇଥିଲେ । ସେ ସବୁବେଳେ ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ଉପଯୁକ୍ତ ଶିକ୍ଷା ବିନା ଯେ, କିଛି ସମ୍ଭବ ନୁହେଁ ବୋଲି ସେ କହୁଥିଲେ । ଯେଉଁକାରଣରୁ ହିଁ ସେତେବେଳେ ଭାରତରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ପଞ୍ଜୁରୀ ଭିତରେ ବନ୍ଦୀ ଶୁଆକୁ ତାଲିମ ସହ ସେ ତୁଳନା କରିଥିଲେ । ଶିକ୍ଷାକୁ ପାଠ୍ୟକ୍ରମ ଓ ପୁସ୍ତକ ବାହାରକୁ ନେବାପାଇଁ ସେ ଶାନ୍ତିନିକେତନରେ 'ବିଶ୍ୱ ଭାରତୀ' ସ୍ଥାପନା କରିଥିଲେ । ପ୍ରକୃତିପ୍ରେମୀ ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ସାହିତ୍ୟ, ସଙ୍ଗୀତ ଏବଂ କଳା ଶିକ୍ଷା କ୍ଷେତ୍ରରେ ସମଗ୍ର ଦେଶରେ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ଭାବରେ ସ୍ୱୀକୃତିପ୍ରାପ୍ତ । ରବୀନ୍ଦ୍ରନାଥଙ୍କ ରଚିତ ଦୁଇଟି କବିତା 'ଜନଗଣମନ' ଓ 'ଆମାର ସୋନାର ବାଂଲା'କୁ ଯଥାକ୍ରମେ ଭାରତ ଓ ବାଂଲାଦେଶର ଜାତୀୟ ସଙ୍ଗୀତ ଭାବେ ଗ୍ରହଣ କରାଯାଇଛି । ସେ ତାଙ୍କ ଜୀବନକାଳରେ ୨୨୩୦ ଗୀତ ରଚନା କରିଛନ୍ତି । ରବୀନ୍ଦ୍ର ସଙ୍ଗୀତ ବଙ୍ଗଳା ସାହିତ୍ୟର ଏକ ଅବିଚ୍ଛେଦ ଅଂଶ । ସେ ୧୮୭୮ରୁ ୧୯୩୨ ମଧ୍ୟରେ ପାଞ୍ଚଟି ମହାଦେଶରେ ଥିବା ୩୦ରୁ ଅଧିକ ଦେଶ ଭ୍ରମଣ କରିଥିଲେ । ତାଙ୍କର ଏହି ଯାତ୍ରା ସମୟରେ ସେ ଆଲବର୍ଟ ଆଇନଷ୍ଟାଇନଙ୍କୁ ଭେଟି ସଙ୍ଗୀତକୁ ନେଇ ତାଙ୍କ ଆଗ୍ରହ ବିଷୟରେ କହିଥିଲେ । ତାଙ୍କର 'ଏକଲା ଚଲୋରେ' କବିତା ମହାତ୍ମା ଗାନ୍ଧୀଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । ମହାତ୍ମା ଗାନ୍ଧୀଙ୍କ ପ୍ରତି ତାଙ୍କର ବହୁତ ସମ୍ମାନ ଓ ଶ୍ରଦ୍ଧା ରହିଥିଲା । ଗାନ୍ଧିଜୀଙ୍କୁ ସେ 'ମହାତ୍ମା' ଉପାଧି ଦେଇଥିଲେ । ୧୯୪୧ ମସିହା ଅଗଷ୍ଟ ୭ ତାରିଖରେ ସେ ଇହଧାମ ତ୍ୟାଗ କରିଥିଲେ । ତାଙ୍କର କୃତି ଓ ଦର୍ଶନ ଆଜି ମଧ୍ୟ ବିଶ୍ୱବାସୀଙ୍କୁ ପ୍ରେରଣା ଯୋଗାଇଥାଏ ।

## ବିଶ୍ୱର ସବୁଠୁ ବଡ଼ ସ୍ନାକ୍ସ ଦୋକାନ



ଆଜିକାଲି ପ୍ରତ୍ୟେକ ଛୋଟ ବଡ଼ ଦୋକାନରେ ଚିପ୍‌ସ, ଚକୋଲେଟ୍, ନୁଡଲ୍ସ ଆଦି ମିଳୁଛି । ବିଶ୍ୱର ସବୁଠୁ ବଡ଼ ସ୍ନାକ୍ସ ଦୋକାନ ଏବେ ଚୀନ୍‌ର ଚାଙ୍ଗସା ସହରରେ ଖୋଲିଛି । ଏହି ଦୋକାନଟି ଏତେ ବଡ଼ ଯେ, ଏହାକୁ 'ସ୍ନାକ୍ସ କିଙ୍ଗଡମ୍' କୁହାଯାଉଛି । ଦୋକାନର କ୍ଷେତ୍ରଫଳ ୧୨,୦୦୦ ବର୍ଗମିଟରରୁ ଅଧିକ । ୧୭ ଏପ୍ରିଲ୍‌ରେ ଖୋଲିବା ପରେ ଏହା ବିଶ୍ୱର ସବୁଠୁ ବଡ଼ ସ୍ନାକ୍ସ ଦୋକାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି । ଉଲ୍ଲେଖନୀୟ କଥାଟି ହେଲା, ଏହି ବିଶାଳକାୟ ଦୋକାନରେ ବିଭିନ୍ନ ପ୍ରକାରର ସ୍ଥାନୀୟ ଏବଂ ଆନ୍ତର୍ଜାତୀୟ ସ୍ତରର ସ୍ନାକ୍ସ ମିଳୁଛି, ଯାହା ଗ୍ରାହକଙ୍କୁ ଏକ ଭିନ୍ନ ଅନୁଭୂତି ଦେଉଛି । ମିଙ୍ଗ୍ ମିଙ୍ଗ୍ ହେନ୍‌ମାଙ୍ଗ ଗ୍ରୁପ୍ ଦ୍ୱାରା ପରିଚାଳିତ ଏହି ଷ୍ଟୋର୍‌ରେ ୭୦ଟି ଦେଶର ୩୫,୦୦୦ରୁ ଅଧିକ ପ୍ରକାର ସ୍ନାକ୍ସ ମିଳୁଛି । ୬୫୦୦ରୁ ଅଧିକ ବିଶ୍ୱ ସ୍ତରର ଓ ଘରୋଇ ବ୍ରାଣ୍ଡର ସ୍ନାକ୍ସ ମଧ୍ୟ ଏଠାରେ ମିଳୁଛି । ଷ୍ଟୋର ଭିତରେ ସ୍ୱତନ୍ତ୍ର ବିଭାଗମାନ ମଧ୍ୟ ରହିଛି । ଏଠାରେ ଥିବା 'ଇନ୍‌ଷ୍ଟାଣ୍ଟ ନୁଡଲ ସିଟି' ବିଭାଗରେ ବିଶ୍ୱର ବିଭିନ୍ନ ଦେଶର ପାଖାପାଖି ୩,୫୦୦ରୁ ଅଧିକ ପ୍ରକାର ନୁଡୁଲ୍ସ ରହିଛି । ଏହି ବିଭାଗଟି ସବୁଠୁ ଲୋକପ୍ରିୟ । ଏହାବାଦ୍ ଏହା ଭିତରେ ଥିବା କୋଲା ବିଭାଗଟି ମଧ୍ୟ ବହୁତ ବଡ଼ । ଏଠାରେ ୨୦ଟି ଦେଶର କୋଲା ବ୍ରାଣ୍ଡସ୍ ମିଳିଥାଏ । ଏଠାରେ କ୍ଲାସିକ୍ କୋଲା ସହ ସଲ୍‌ଟେଡ୍ କୋଲା ମଧ୍ୟ ମିଳିଥାଏ । ଦୋକାନର ଯେଉଁପାର୍ଶ୍ୱକୁ ଚାହିଁଲେ ସବୁଆଡ଼େ କେବଳ ଚିପ୍‌ସ ପ୍ୟାକେଟ୍, ଚକୋଲେଟ୍ ନୁଡଲ୍ସ ଆଦି ଦେଖାଯାଏ । ଏହି ସ୍ନାକ୍ସ କିଙ୍ଗଡମ୍ ସାରା ବିଶ୍ୱର ପର୍ଯ୍ୟଟକ ଏବଂ ଖାଦ୍ୟପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇ ରହିଛି ।

## ପରଦାରେ ମା'

ମାଆ ନାହିଁ ଯାହାର, ସାହା ନାହିଁ ତାହାର । କୁହାଯାଏ, ଜଣେ ମାଆ ସମସ୍ତଙ୍କ ସ୍ଥାନ ନେଇପାରେ, ହେଲେ ମାଆର ସ୍ଥାନ କେହି ନେଇ ପାରିବେନି । ଏହି ଧାଡ଼ି କେବଳ ବାସ୍ତବ ଜୀବନ ନୁହେଁ, ସିନେମାରେ ମଧ୍ୟ ପ୍ରମାଣିତ ହୋଇଛି । ବଲିଉଡ୍‌ର ଅନେକ ଅଭିନେତ୍ରୀ ମାଆ ଚରିତ୍ରରେ ଅଭିନୟ କରି ଘରେ ଘରେ ପରିଚିତ ହୋଇପାରିଛନ୍ତି । ସେମାନଙ୍କର ଅଭିନୟ ଏତେ ଜୀବନ୍ତ ହୋଇଛି ଯେ, ଫିଲ୍ମ ଦେଖୁ ଦେଖୁ ଦର୍ଶକଙ୍କ ଆଖିରୁ ଲୁହ ଝରିଯାଏ । ପରଦାରେ ମା' ଭୂମିକାରେ ଅଭିନୟ କରି ଦର୍ଶକଙ୍କ ଭଲ ପାଇବା ସାଉଁଟିଥିବା କିଛି ଅନ୍‌ସ୍କ୍ରିନ୍ ମା'ଙ୍କୁ ନେଇ ଆମର ଏଇ ଆଲେଖ୍ୟ ।



### ରାକ୍ଷୀ ଗୁଲଜାର୍

ହିନ୍ଦୀ ସିନେମାର ଆଇକନିକ୍ - ମଦର ଭାବେ ରାକ୍ଷୀ ଗୁଲଜାର୍ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ୧୯୯୫ ମସିହାରେ ମୁକ୍ତିଲାଭ କରିଥିବା 'କରନ-ଅର୍ଜୁନ' ଫିଲ୍ମରେ ମା' ଭୂମିକାରେ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପ୍ରଶଂସା କରିଥିଲେ । ପରଦାରେ ସ୍ୱାଭିମାନୀ, ସାହସୀ ମା'ର ଚରିତ୍ର ସେ ନିଖୁଣ ଭାବେ ଦର୍ଶାଇଥିଲେ । ବିଶେଷ କରି ୯୦ ଦଶକରେ ଅଧିକାଂଶ ଫିଲ୍ମରେ ମା' ଚରିତ୍ରରେ ଅଭିନୟ କରି ସେ ଘରେ ଘରେ ପରିଚିତ ହୋଇଥିଲେ ।



### ଫରିଦା ଜଲାଲ୍

ଫରିଦା ଜଲାଲ୍ ହିନ୍ଦୀ ଫିଲ୍ମ ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ । ୧୯୯୨ ମସିହାରେ 'ଗର୍ଦିଶ' ଫିଲ୍ମରେ ସେ ପ୍ରଥମେ ମାଆ ଚରିତ୍ରରେ ଅଭିନୟ କରିଥିଲେ । ସେ 'କୁଛ୍ କୁଛ୍ ହୋତାହେଁ', 'ଦିଲବାଲେ ଦୁଲହନିଆ ଲେ ଯାଏଙ୍ଗେ', 'ଚୋରି ଚୋରି ଚୁପ୍‌କେ ଚୁପ୍‌କେ' ଭଳି ୩୦ରୁ ଉର୍ଦ୍ଧ୍ୱ ଫିଲ୍ମରେ ମା' ଭୂମିକାରେ ଅଭିନୟ କରି ଢେର ପ୍ରଶଂସା ସାଉଣ୍ଟିଥିଲେ । ବିଶେଷକରି ତାଙ୍କର ସୁମଧୁର ସ୍ୱର ଓ ହସହସ ଚେହେରା ମା ଭୂମିକାକୁ ଅଧିକ ଜୀବନ୍ତ କରିଥିଲା ।



### ନିରୂପା ରାୟ

ହିନ୍ଦୀ ସିନେମା ଜଗତର ଲୋକପ୍ରିୟ ଅଭିନେତ୍ରୀ ଭାବେ ନିରୂପା ରାୟ ବେଶ୍ ପରିଚିତ । ସେ ମୁଖ୍ୟତଃ 'ମା' ଭୂମିକାରେ ଅଭିନୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ବିଶେଷ କରି ହିନ୍ଦୀ ଫିଲ୍ମରେ କାନ୍ଦୁରୀ ମା'ର ଭୂମିକା ଆଜି ବି ଦର୍ଶକଙ୍କୁ ଆକୃଷ୍ଟ କରିଛି । ୭୦-୮୦ ଦଶକରେ ଅନେକ ଫିଲ୍ମରେ ସେ ଅମିତାଭଙ୍କ ମାଆ ଭୂମିକାରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ।



### ରିମା ଲାଗୁ

ରିମା ଲାଗୁ ହିନ୍ଦୀ ସିନେମା ଜଗତରେ ଅନ୍‌ସ୍କ୍ରିନ୍ - ମା' ଭାବେ ବେଶ୍ ଲୋକପ୍ରିୟ । ଅନେକ ଚଳଚ୍ଚିତ୍ରରେ ସେ ଆଧୁନିକ, ସରଳ ସ୍ୱଭାବ ମା' ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ନିକଟତର ହୋଇଥିଲେ । ମାତ୍ର ୩୦ ବର୍ଷ ବୟସରେ ସେ ମା' ଚରିତ୍ରରେ ଅଭିନୟ ଆରମ୍ଭ କରିଥିଲେ । ୯୦ ଦଶକ ସିନେମାରେ ପାରମ୍ପରିକ ମାଆର ପ୍ରତିଛବିକୁ ସେ ଏକ ନୂଆ ରୂପ ଦେଇଥିଲେ । 'ମୈନେ ପ୍ୟାର୍ କିୟା', 'ହମ୍ ଆପ୍‌କେ ହୈ କୌନ' ଭଳି ଫିଲ୍ମରେ ଅଭିନୟ କରି ସେ ଖୁବ୍ ପ୍ରଶଂସା ସାଉଁଟିଥିଲେ ।

## ସୁଶ୍ରୀ



## ସୁନ୍ଦର ଆକର୍ଷଣୀୟ ତ୍ୱଚା ପାଇଁ ସ୍ୱଚ୍ଛତା ଜରୁରି

ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ତ୍ୱଚା ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି । ହେଲେ ଅଧିକ ରସାୟନଯୁକ୍ତ ପ୍ରସାଧନ ଲଗାଇଲେ ଏହା ତ୍ୱଚାର ଉଜ୍ଜ୍ୱଳତା କମ୍ କରିବା ସହ ଏଥିଯୋଗୁ ତ୍ୱଚା ସଂକ୍ରମଣ ଆଶଙ୍କା ରହିଥାଏ । ତେଣୁ ବିଭିନ୍ନ ପ୍ରସାଧନ ସାମଗ୍ରୀ ନ ଲଗାଇ ତ୍ୱଚା, ତ୍ୱଚା, ନଖ, କେଶ ଓ ଆଖିକୁ ପ୍ରଥମେ ସଫା ରଖିବା ଆବଶ୍ୟକ । ଏପରି କଲେ ତ୍ୱଚା ସୁସ୍ଥ ଏବଂ ଆକର୍ଷଣୀୟ ରହିଥାଏ । ଏଥି ସହ ମେକ୍‌ଅପ୍ ସାମଗ୍ରୀକୁ ମଧ୍ୟ ସଫା ସୁତୁରା ରଖିବା ଆବଶ୍ୟକ ।

**କ'ଣ କରିବେ:**

- ମୁହଁରେ ବ୍ରଣ ହୋଇଥିଲେ ବାରମ୍ବାର ହାତ ଲଗାନ୍ତୁ ନାହିଁ । ଏହା ଦ୍ୱାରା ବ୍ରଣ ଅଧିକ ହୁଏ ।
- ମୁହଁକୁ ସଫା କରିବା ବେଳେ ପରିଷ୍କାର ଟିସୁ ନଚେତ୍ ରୁମାଲ୍ ବ୍ୟବହାର କରନ୍ତୁ ।
- ସପ୍ତାହକୁ ଥରେ ମେକଅପ୍ ବ୍ରଶ ଓ ଅନ୍ୟାନ୍ୟ ଜିନିଷ ଆଦିକୁ ସଫା କରନ୍ତୁ । ଗରମ ପାଣି ଓ ସାବୁନରେ ଏସବୁ ସଫା ହୋଇପାରିବ ।
- କାହା ସହ ମେକ୍‌ଅପ୍ ସେୟାର୍ କରନ୍ତୁ ନାହିଁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ବେଶି ରହେ ।
- ସାଧାରଣତଃ ନଖରେ ମଇଳା ରହିଲେ ରୋଗ ହୋଇଥାଏ । ସେଥିପାଇଁ ନଖ ଠିକ୍ ସମୟରେ କାଟନ୍ତୁ ।
- ସପ୍ତାହକୁ ୨-୩ ଥର କେଶ ସଫା କରନ୍ତୁ । ସେହିପରି ପାନିଆକୁ ମଧ୍ୟ ନିତିଦିନ ସଫା ରଖନ୍ତୁ ।

## ହଜିଯାଉଥିବା ସ୍ୱାଦ

## ମାଟିହାଣ୍ଡି ମାଂସ ବେସର



**ଆବଶ୍ୟକ ସାମଗ୍ରୀ**

ଖାସି ମାଂସ – ୫୦୦ ଗ୍ରାମ୍, କଟା ପିଆଜ – ଦୁଇ କପ୍, କଟା ଟମାଟୋ – ଏକ କପ୍, ହଳଦୀ ଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଗରମ ମସଲା ଗୁଣ୍ଡ– ଏକ ଚାମଚ, ସୋରିଷ - ଦୁଇ ଚାମଚ, ଅଦା ରସୁଣ ବଟା – ଦୁଇ ଚାମଚ, ଧନିଆ ଗୁଣ୍ଡ– ଏକ ଚାମଚ, କଞ୍ଚାଲଙ୍କା- ତିନି ଚାରୋଟି, ସୋରିଷ ତେଲ– ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଏକ ବାଉଲ୍ ନେଇ ମଟନକୁ ଧୋଇ ରଖନ୍ତୁ । ଏହାପରେ ଜାରରେ ସୋରିଷ ହଳଦୀ ମିଶାଇ ଗ୍ରାଇଣ୍ଡ କରନ୍ତୁ । ଏହାପରେ ଗ୍ୟାସ୍‌ରେ ମାଟିହାଣ୍ଡି ବସାଇ ତେଲ ଦିଅନ୍ତୁ । ଏଥିରେ ଗୋଟାମସଲା ପକାଇ କଟାପିଆଜ ଦେଇ ଭାଜନ୍ତୁ । ସାମାନ୍ୟ ନାଲି ହୋଇଆସିଲେ ଏଥିରେ ଗୋଟା କଞ୍ଚାଲଙ୍କା, ଲୁଣ, ପିଆଜ ରସୁଣ ବଟା, ହଳଦୀ, ଲଙ୍କା, ଜୀରା ଧନିଆ ଗୁଣ୍ଡ ସମେତ ଗରମ ମସଲା ଦେଇ କଷନ୍ତୁ । ମସଲା ଅଳ୍ପ କଷି ହେବା ପରେ ସେଥିରେ ଗରମ ମସଲା ଏବଂ ଖାସି ମାଂସ ଦେଇ କଷନ୍ତୁ । ଭଲରେ କଷି ହୋଇଗଲେ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ମାଂସ ସିଝି ଆସିଲେ ସେଥିରେ ବେସର ବଟା ଦିଅନ୍ତୁ । ଏହାପରେ କଟା ଧନିଆ ପତ୍ର ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ମାଂସ ବେସର' ।

## ଖରାଦିନିଆ ଜୋତା

**ଖରାଦିନେ ଆରାମଦାୟକ ଏବଂ ଷ୍ଟାଇଲିଶ୍ ଫୁଟ୍‌ୱେର୍ ପିନ୍ଧିବା ଆବଶ୍ୟକ । ଏହା ପାଦକୁ ଆରାମଦେବା ସହ ଖରାରୁ ସୁରକ୍ଷା ଦେଇଥାଏ ।**

### ବେଲିଜ୍

ପାଦକୁ ଘୋଡ଼ାଇ ରଖିବାକୁ ଚାହୁଁଥିଲେ ବେଲିଜ୍ ଜୋତା ପିନ୍ଧିପାରିବେ । ଏହା ବଜାରରେ ସୁଲଭ ମୂଲ୍ୟରେ ଉପଲବ୍ଧ ।



### ସ୍ନିକର୍

ଖରାଦିନେ ପତଳା ସ୍ନିକର ଆରାମଦାୟକ ହୋଇଥାଏ । ଏହା ଉଭୟ ଆଧୁନିକ ଏବଂ ପାରମ୍ପରିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

## କିଶାନ- କ୍ଲାସେନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଆଗରେ କନୋଲିଙ୍କ ଶତକ ବ୍ୟର୍ଥ

# ପଞ୍ଜାବକୁ ହରାଇ ଟେବୁଲ ଶୀର୍ଷରେ ହାଇଦରାବାଦ୍

ହାଇଦରାବାଦ୍,୬।୫(ଏଜେନ୍ସି)

ଇଶାନ କିଶାନ (୩୨ବଲ୍‌ରେ ୫୫) ଓ ହେନ୍‌ରିକ୍ କ୍ଲାସେନ (୪୩ବଲ୍‌ରେ ୬୯)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍‌ସକୁ ୩୩ରନ୍‌ରେ ହରାଇ ସନ୍‌ରାଇଜର୍ସ ହାଇଦରାବାଦ୍ ଚଳିତ ଆଇପିଏଲ୍ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ହାସଲ କରିଛି। ଏଠାରେ ଆଜି ଖେଳାଯାଇଥିବା ଆଇପିଏଲର ୪୯ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୪ୱିକେଟ ହରାଇ ୨୩୫ରନ୍ କରିଥିଲା। ଜବାବରେ କୁପର କନୋଲିଙ୍କ ଅପରାଜିତ ୧୦୭ ରନ୍ ବଳରେ ପଞ୍ଜାବ ୭ ୱିକେଟରେ ୨୦୨ ରନ୍ କରିଥିଲା। ଆଜିର ମ୍ୟାଚ୍ ପରେ ହାଇଦରାବାଦ୍ ଏକାଦଶ ମୁକାବିଲାରୁ ୭ମ ବିଜୟ ସହ ୧୪ ପଏଣ୍ଟ ସଂଗ୍ରହ କରି ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ହ୍ୟାଟ୍ରିକ୍ ପରାଜୟ ସହ ପଞ୍ଜାବ ୧୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି।



ଏହି ମ୍ୟାଚ୍‌ରେ ହାଇଦରାବାଦ୍ ପ୍ରଦତ୍ତ ୨୩୬ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ପଞ୍ଜାବର ୩ ତାରକା ଖେଳାଳି ପ୍ରିୟାଂଶ ଆର୍ଯ୍ୟ ୧, ପ୍ରଭସିମରନ ସିଂହ ୩ ଓ ଶ୍ରେୟସ ଆୟର ୫ରନ୍‌କରି ପ୍ରଥମ ୪ ଓଭରରେ ଆଉଟ ହେବା ପରେ ଦଳ ବ୍ୟାକ୍‌ଫୁଟ୍‌କୁ ଆସିଯାଇଥିଲା। ଯୁବ ଖେଳାଳି କୁପର କନୋଲି ଦମ୍‌ର ସହ ବ୍ୟାଟିଂ କରି ୫୭ବଲ୍‌ରେ ୧୦୦ ରନ୍ ପୂରଣ କରିଥିଲେ। ସେ ମୋଟରେ ୫୯ ବଲ୍‌ର ସାମ୍ନା କରି ୭ଚୌକା ଓ ୮ ଛକା ସହ ୧୦୭ ରନ୍‌ରେ ଅପରାଜିତ ରହିଥିଲେ। ଷ୍ଟୋଇନିସ୍ ୨୮, ଶେଦ୍‌ଜେଙ୍କ ୨୫ କିଛି କାମ ଦେଇ ନଥିଲା। ବିଜୟୀ ଦଳ ପକ୍ଷରୁ ପ୍ୟାଟ କମିନ୍ସ ଓ ଶିବାଙ୍ଗ କୁମାର ୨ଟି ଲେଖାଏଁ ୱିକେଟ ପାଇଥିଲେ।

ପୂର୍ବରୁ ଟସ୍‌ହାରି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ପକ୍ଷରୁ କ୍ଲାସେନ ୪୩ବଲ୍‌ରେ ୩ଚୌକା ଓ ୪ଛକା ସହ ସର୍ବାଧିକ ୬୯ ଓ କିଶାନ ୩୨ବଲ୍‌ରେ ୨ଚୌକା ଓ ୪ଛକା ସହ ୫୫ ରନ୍ କରିଥିଲେ। କିଶାନ ଓ କ୍ଲାସେନ ତୃତୀୟ ୱିକେଟ ଭାଗୀଦାରିରେ ୪୮ ବଲ୍‌ରୁ ୮୮ ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଆଡେ ନେଇଯାଇଥିଲେ। କିଶାନଙ୍କ ଆଉଟ ପରେ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ (୧୩ବଲ୍‌ରେ ଅପରାଜିତ ୨୯ ରନ୍) ଚତୁର୍ଥ ୱିକେଟ ଭାଗୀଦାରିରେ ୩୨ବଲ୍‌ରୁ ୬୩ରନ୍ ଉଠାଇ ଦଳକୁ ୨୩୫ରନ୍‌ରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ମାତ୍ର ୧୩ବଲ୍‌ରେ ୩୫, ଟ୍ରାଭିସ ହେଡ୍ ୧୯ବଲ୍‌ରେ ୩୮ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂହ, ଲକି ଫର୍ଗୁସନ, ଯୁଜବେନ୍ଦ୍ର ଚହଲ ଓ ବିଜୟ କୁମାର ବ୍ୟାସକ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। କିନ୍ତୁ ଦଳର ଫିଲ୍ଡରମାନେ ଅତିକମ୍‌ରେ ୪ଟି କ୍ୟାଚ୍ ହାତଛଡ଼ା କରିବା ଫଳରେ ହାଇଦରାବାଦ୍ ଏତେ ବଡ଼ ସ୍କୋର କରିବାରେ ସଫଳ ହୋଇଥିଲା। ଯୁଜବେନ୍ଦ୍ର ଚହଲଙ୍କ ବୋଲିଂରେ ଉଭୟ କିଶାନ ଓ କ୍ଲାସେନଙ୍କ କ୍ୟାଚ୍ ଡ୍ରପ୍ ହୋଇଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ୨-ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୬୧ |
| ୩-ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ୧-ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ୪- ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| ଦିଲ୍ଲୀ | ୧୦ | ୪ | ୬ | ୦ | ୮ | -୦.୯୪୯ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୯ | ୨ | ୭ | ୦ | ୪ | -୧.୦୭୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ଆଜିର ଆଇପିଏଲ୍ ମ୍ୟାଚ୍

ଲକ୍ଷ୍ନୌ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ଲକ୍ଷ୍ନୌ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଟିମ୍ ସହ ପାଣ୍ଡ୍ୟାଙ୍କ ଅନୁପସ୍ଥିତିକୁ ନେଇ ସନ୍ଦେହ



ମୁମ୍ବଇ,୬।୫(ଏଜେନ୍ସି): ମୁମ୍ବଇ ଇଣ୍ଡିଆନସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଆଇପିଏଲର ଏକ ଲିଗ୍ ପର୍ଯ୍ୟାୟ ମୁକାବିଲା ଛତିଶଗଡ଼ର ରାୟପୁରରେ ମେ ୬ ତାରିଖ ବୁଧବାର ଖେଳାଯିବ। ଏହି ମୁକାବିଲା ଲାଗି ଆଜି ମୁମ୍ବଇ ଇଣ୍ଡିଆନ୍ସର ଖେଳାଳି ଓ କର୍ମକର୍ତ୍ତା ରାୟପୁର ଅଭିମୁଖେ ଯାତ୍ରା କରିଛନ୍ତି। କିନ୍ତୁ ଟିମ୍ ସହ ଯାଇ ନାହାନ୍ତି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ବିମାନବନ୍ଦରରେ ତାଙ୍କ ଅନୁପସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ମଧ୍ୟରେ ସେ ଦଳ ସହ ଯୋଗଦେବେ ବୋଲି କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱାଙ୍ଖଡେ ଷ୍ଟାଡିୟମ୍‌ରେ ମେ ୪ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ସହ ହୋଇଥିବା ମୁକାବିଲାରେ ପାଣ୍ଡ୍ୟା ଖେଳି ନ ଥିଲେ। ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିବା ସୂର୍ଯ୍ୟକୁମାର ଯାଦବଙ୍କ କହିବା ଅନୁଯାୟୀ ଅସୁସ୍ଥତା କାରଣରୁ ପାଣ୍ଡ୍ୟା ଏହି ମ୍ୟାଚ୍ ଖେଳୁ ନାହାନ୍ତି। ତାଙ୍କ ସ୍ଥାନରେ ମୁଁ ଏହି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଉଛି। ପିଠିରେ ଆଘାତ ଲାଗିଥିବାରୁ ପାଣ୍ଡ୍ୟାଙ୍କୁ ଏହି ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଛି ବୋଲି ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହି ମ୍ୟାଚ୍‌ରେ ତାଙ୍କର ଅନୁପସ୍ଥିତି ନେଇ ଅନେକ କଥା ଶୁଣିବାକୁ ମିଳୁଛି। ବିଶେଷ କରି ପାଣ୍ଡ୍ୟା ଚଳିତ ସିଜନରେ ଭଲ ଫର୍ମରେ ନାହାନ୍ତି। ଅଧିନାୟକ ଦାୟିତ୍ୱ ହେଉ, ବ୍ୟାଟିଂ କିମ୍ବା ବୋଲିଂ କୌଣସି ବିଭାଗରେ ପାଣ୍ଡ୍ୟା ସଫଳ ହୋଇନାହାନ୍ତି। ଏଣୁ ତାଙ୍କୁ ଦଳରେ ସ୍ଥାନ ଦିଆଯାଇନାହିଁ ବୋଲି କୁହାଯାଉଛି। ସେ ଯାହା ହେଉ ତାଙ୍କ ଅନୁପସ୍ଥିତି ନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଛି ତାହା ଏହି ରିପୋର୍ଟ ଲେଖା ହେଲାବେଳକୁ ବଳବତ୍ତର ରହିଛି।

# ପାକିସ୍ତାନ ସହ ଦ୍ୱିପାକ୍ଷିକ କ୍ରୀଡ଼ା ଖେଳିବନି ଭାରତ

ନୂଆଦିଲ୍ଲୀ,୬।୫(ଏଜେନ୍ସି): ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନ ସହ କ୍ରୀଡ଼ା ସମ୍ପର୍କକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ସ୍ପଷ୍ଟ କରାଯାଇଛି। ପାକିସ୍ତାନ ସହ କୌଣସି ପ୍ରକାରର ଦ୍ୱିପାକ୍ଷିକ କ୍ରୀଡ଼ା ସମ୍ପର୍କ ସ୍ଥାପନ କରାଯିବ ନାହିଁ, କିନ୍ତୁ ଆନ୍ତର୍ଜାତୀୟ ବହୁରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ କୋହଳ ନୀତି ଆପଣାଯିବ। ଭାରତୀୟ ଦଳ ପାକିସ୍ତାନ ଗସ୍ତ କରିବେ ନାହିଁ କିମ୍ବା ପାକିସ୍ତାନୀ ଦଳକୁ ଭାରତରେ ଖେଳିବାକୁ ଅନୁମତି ଦିଆଯିବ ନାହିଁ। ତେବେ ବିଶ୍ୱକପ୍, ଅଲିମ୍ପିକ୍ସ କିମ୍ବା ଏସିଆ କପ୍ ଭଳି ବହୁରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ ପାକିସ୍ତାନୀ ଖେଳାଳିମାନେ ଭାରତ ଆସିପାରିବେ। ସେହିଭଳି ଏହିସବୁ ପ୍ରତିଯୋଗିତାରେ ଭାରତ ମଧ୍ୟ ପାକିସ୍ତାନ ସହ ମୁହାଁମୁହିଁ ହେବ। ଆନ୍ତର୍ଜାତୀୟ କ୍ରୀଡ଼ା ସଂଗଠନର କର୍ମକର୍ତ୍ତା ଏବଂ ଖେଳାଳିଙ୍କ ପାଇଁ ଭିସା ପ୍ରକ୍ରିୟାକୁ ସରଳ କରାଯାଇଛି। ଗତବର୍ଷ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା। ଭାରତ ୨୦୩୦ କମନୱେଲଥ ଗେମ୍ସ ଏବଂ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି। ତେଣୁ ଆନ୍ତର୍ଜାତୀୟ ଅଲିମ୍ପିକ୍ ଚାର୍ଟର ଅନୁସାରେ ସମସ୍ତ ଦେଶକୁ ଅନୁମତି ଦେବା ପାଇଁ ଭାରତ ନିଜର 'ଅନ୍ତର୍ଭୁକ୍ତିକରଣ' (ଇନ୍‌କ୍ଲୁସିଭିଟି) ନୀତି ପ୍ରଦର୍ଶନ କରିବାକୁ ଚାହୁଁଛି।

■ ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

# ଖୋର୍ଦ୍ଧାର ଏଲିନା ଏକକ ଆଗୁଆ

ଭୁବନେଶ୍ୱର,୬।୫(ସମିସ): ଖୋର୍ଦ୍ଧାର ୪ ବର୍ଷର ବାଳିକା ରାଜ୍ୟ ଶିଶୁ ବା ୭ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ୫ମ ରାଉଣ୍ଡ ଶେଷସୁଦ୍ଧା ୫ ପଏଣ୍ଟ ସଂଗ୍ରହ କରି ଏକକ ଆଗୁଆ ରହିଛନ୍ତି। ତାଙ୍କ ପଛକୁ ଦେବାଂଶୀ ସାହୁ ଓ ଗାରିମା ସ୍ୱାଇଁ ୪ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



ସେହିପରି ଓପନ ବିଭାଗରେ ଖୋର୍ଦ୍ଧାର ରିୟାଂଶ ରାଜ ଓ ମୟୂରଭଞ୍ଜର ବୀରଭଦ୍ର ବ୍ରହ୍ମା ୫ ରାଉଣ୍ଡରୁ ୫ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ପ୍ରୟାଂଶ କୁମାର ଦାଶ, ଜିଜ୍ଞାସା କୁମାର ସାହୁ ଓ ଶିଭାଂଶ ମହାନ୍ତି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଆସନ୍ତାକାଲି ଆଉ ୨ ରାଉଣ୍ଡ ଖେଳ ପରେ ଉଦ୍‌ଯାପିତ ହେବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

■ ଫ୍ରେଞ୍ଚ୍ ଓପନ୍ ପାଉଣା ବିବାଦ

# ସାବାଲେଙ୍କା, ସିନର୍‌ଙ୍କ ବଏକଟ୍ ଧମକ

ରୋମ୍,୬।୫(ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ ଟେନିସ୍ ଆରମ୍ଭ ହେବା ପୂର୍ବରୁ ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ମହିଳା ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ଏବଂ ଇଟାଲି ତାରକା ଜାନିକ୍ ସିନର ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ବଏକଟ୍ କରିବାକୁ ଧମକ ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରୁ ମିଳୁଥିବା ମୋଟ ରାଜସ୍ୱର ଅଧିକ ଅଂଶ ଖେଳାଳିଙ୍କୁ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଖେଳାଳିଙ୍କ ଅନୁସାରେ, ଫ୍ରେଞ୍ଚ୍ ଓପନର ମୋଟ ରାଜସ୍ୱରେ ଖେଳାଳିଙ୍କ ଭାଗ ୨୦୨୪ରେ ୧୫.୫% ଥିବାବେଳେ ୨୦୨୬ରେ ଏହା ୧୪.୯% କୁ ହ୍ରାସ ପାଇଛି। ସାବାଲେଙ୍କା କହିଛନ୍ତି, ଆମ ବିନା କୌଣସି ଟୁର୍ଣ୍ଣାମେଣ୍ଟ ବା ମନୋରଞ୍ଜନ ସମ୍ଭବ ନୁହେଁ। ଆମ ଅଧିକାର ପାଇଁ ଲଢ଼ିବାକୁ ହେଲେ ବଏକଟ୍ ହିଁ ଏକମାତ୍ର ରାସ୍ତା। ପାଉଣା ବୃଦ୍ଧି ସହ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା, ପେନସନ ଏବଂ ସଠିକ୍ ପ୍ରତିନିଧିତ୍ୱ ପାଇଁ ଖେଳାଳିମାନେ ଦାବି କରିଛନ୍ତି। ଆସନ୍ତା ମେ' ୨୪ରୁ ଫ୍ରେଞ୍ଚ୍ ଓପନ ଆରମ୍ଭ ହେବାକୁ ଥିବାବେଳେ, ଟେନିସ୍ ଷ୍ଟାର୍‌ମାନଙ୍କ ଏହି ଆଭିମୁଖ୍ୟ ଆୟୋଜକଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କିନ୍ତୁ ଇଗା ସ୍ୱିଟେକ୍‌ଙ୍କ ଭଳି ଖେଳାଳି ବଏକଟ୍‌କୁ ଏକ ଚରମ ପଦକ୍ଷେପ ବୋଲି କହି ଆଲୋଚନା ଉପରେ ଗୁରୁତ୍ୱ ଦେଇଛନ୍ତି।

■ ଚାମ୍ପିଅନ୍ସ ଲିଗ୍‌ରେ ଐତିହାସିକ ସଫଳତା

# ୨୦ ବର୍ଷ ପରେ ଫାଇନାଲ୍‌ରେ ଆର୍ସେନାଲ୍

ଲଣ୍ଡନ,୬।୫(ଏଜେନ୍ସି): ବୁଧବାର ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚ୍‌ରେ ଆର୍ସେନାଲ୍ ଆଟଲେଟିକୋ ମାଦ୍ରିଡ୍‌କୁ ପରାସ୍ତ କରି ୨୦୨୫-୨୬ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ପ୍ରବେଶ କରିଛି। ଦୀର୍ଘ ୨୦ ବର୍ଷର ପ୍ରତୀକ୍ଷା ପରେ ଆର୍ସେନାଲ ପୁଣିଥରେ ଏହି ବଡ଼ ଟୁର୍ଣ୍ଣାମେଣ୍ଟର ଶୀର୍ଷ ମୁକାବିଲାରେ ପହଞ୍ଚିଛି। ସେମିଫାଇନାଲର ଦ୍ୱିତୀୟ ପର୍ଯ୍ୟାୟରେ ଆର୍ସେନାଲ୍ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ସାମଗ୍ରିକ ଭାବେ (ଏଗ୍ରିଗେଟ୍) ଦଳ ୨-୧ ବ୍ୟବଧାନରେ ଆଟଲେଟିକୋକୁ ମାତ୍ ଦେଇଛି। ମ୍ୟାଚ୍‌ର ୪୪ତମ ମିନିଟ୍‌ରେ ଷ୍ଟାର୍ ଖେଳାଳି ବୁକାୟୋ ସାକା ନିର୍ଣ୍ଣାୟକ ଗୋଲ୍ ଦେଇଥିଲେ। ଚାମ୍ପିଅନ୍ସ ଲିଗ୍‌ରେ ସାକାଙ୍କର ଏହା ୧୩ତମ ଗୋଲ୍। ମିକେଲ୍ ଆର୍ଟେଟାଙ୍କ ରଣନୀତି ଏବଂ ଦଳର ଶକ୍ତିଶାଳୀ ରକ୍ଷଣଭାଗ ଯୋଗୁଁ ଆଟଲେଟିକୋ ମାଡ୍ରିଡ୍ ଗୋଟିଏ ବି ଗୋଲ୍ ପରିଶୋଧ କରିପାରିନଥିଲା। ଆର୍ସେନାଲ୍ ଶେଷଥର ପାଇଁ ୨୦୦୬ ମସିହାରେ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ଖେଳିଥିଲା। ସେହି ମ୍ୟାଚ୍‌ରେ ଦଳ ବାର୍ସିଲୋନାଠାରୁ ପରାସ୍ତ ହୋଇଥିଲା। ଏବେ ଦୁଇ ଦଶନ୍ଧି ପରେ ଦଳ ନିକଟରେ ଟାଇଟଲ୍ ଜିତିବାକୁ ଏକ ବଡ଼ ସୁଯୋଗ ରହିଛି। ଫାଇନାଲ ମୁକାବିଲା ମେ ୩୦ରେ ହଙ୍ଗେରୀ ରାଜଧାନୀ ବୁଡାପେଷ୍ଟର ପୁସ୍କାସ ଏରିନାରେ ଆୟୋଜନ ହେବ। ଟାଇଟଲ ପାଇଁ ଅର୍ସେନାଲ ଫାଇନାଲରେ ପ୍ୟାରସ ସେଣ୍ଟ ଜର୍ମେନ କିମ୍ବା ବେୟର୍ଣ୍ଣ ମ୍ୟୁନିକକୁ ଭେଟିବ।

ଫିଫା ବିଶ୍ୱକପ୍ ୨୦୨୬

# ଟିକଟ୍ ମୂଲ୍ୟ ବୃଦ୍ଧିକୁ ଇନ୍‌ଫାଣ୍ଟିନୋଙ୍କ ସମର୍ଥନ

ବେଭର୍ଲି ହିଲ୍ସ,୬।୫(ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଟିକଟର ଆକାଶଛୁଆଁ ମୂଲ୍ୟକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଥିବା ବେଳେ ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଏହାକୁ ସମର୍ଥନ କରିଛନ୍ତି। ପ୍ରଶଂସକ ଏବଂ ବିଭିନ୍ନ ସଂଗଠନ ଏହି ମୂଲ୍ୟକୁ ଅତ୍ୟଧିକ ଏବଂ ବିଶ୍ୱାସଘାତକତା ବୋଲି କହି ସମାଲୋଚନା କରୁଛନ୍ତି। ଇନଫାଣ୍ଟିନୋ କହିଛନ୍ତି ଯେ ଆମେରିକା ହେଉଛି ବିଶ୍ୱର ସବୁଠାରୁ ବଡ଼ ମନୋରଞ୍ଜନ ବଜାର। ଏଠାରେ ଟିକଟ୍‌ର ଚାହିଦା ଅଧିକ ଥିବାରୁ ବଜାର ଦର ଅନୁସାରେ ମୂଲ୍ୟ ରଖାଯାଇଛି। ଯଦି ଫିଫା କମ୍ ଦରରେ ଟିକେଟ୍ ବିକ୍ରି କରିବ, ତେବେ ଲୋକମାନେ ତାକୁ କିଣି ପୁଣିଥରେ ଚଢ଼ା ଦରରେ ରିସେଲ୍ ମାର୍କେଟରେ ବିକ୍ରି କରିବେ। ଏହାକୁ ରୋକିବା ପାଇଁ ମୂଲ୍ୟ ବଢ଼ାଯାଇଛି। ୨୦୧୮ ଏବଂ ୨୦୨୨ ବିଶ୍ୱକପ୍ ତୁଳନାରେ ଏଥର ଟିକଟ୍ ପାଇଁ ୧୦ ଗୁଣ ଅଧିକ (ପ୍ରାୟ ୫୦ କୋଟି) ଆବେଦନ ଆସିଛି। ୨୦୨୨ କାତାର ବିଶ୍ୱକପ୍ ଫାଇନାଲ୍ ଟିକଟର ସର୍ବାଧିକ ମୂଲ୍ୟ ପ୍ରାୟ ୧,୬୦୦ (୧.୩ ଲକ୍ଷ ଟଙ୍କା) ଥିବାବେଳେ, ୨୦୨୬ରେ ଏହାର ପ୍ରାରମ୍ଭିକ ମୂଲ୍ୟ ୧୧,୦୦୦ ଡଲାର (ପ୍ରାୟ ୯ ଲକ୍ଷ ଟଙ୍କା) ରଖାଯାଇଛି। ଫିଫା ମାର୍କେଟପ୍ଲେସ୍‌ରେ ଫାଇନାଲ୍ ମ୍ୟାଚ୍‌ର ଗୋଟିଏ ଟିକଟ୍ ମୂଲ୍ୟ ୨୦ ଲକ୍ଷ ଡଲାର (ପ୍ରାୟ ୧୬ କୋଟି ଟଙ୍କା) ପର୍ଯ୍ୟନ୍ତ ଦର୍ଶାଯାଇଥିଲା। ଏହା ଉପରେ କଟାକ୍ଷ କରି ଇନଫାଣ୍ଟିନୋ କହିଛନ୍ତି, ଯଦି କେହି ଏତେ ଟଙ୍କାରେ ଟିକଟ୍ କିଣିବେ, ମୁଁ ନିଜେ ତାଙ୍କୁ ହଟ୍-ଡଗ୍ ଏବଂ କୋକ୍ ଦେଇ ସ୍ୱାଗତ କରିବି। 'ଫୁଟବଲ୍ ସପୋର୍ଟର୍ସ ୟୁରୋପ' (ଏଫ୍‌ଏସ୍‌ଇ) ଏହି ଦର ବୃଦ୍ଧି ବିରୋଧରେ ୟୁରୋପୀୟ କମିଶନଙ୍କ ନିକଟରେ ମାମଲା ଦାୟର କରିଛି। ସାଧାରଣ ପ୍ରଶଂସକଙ୍କ ପାଇଁ ଏହି ମୂଲ୍ୟ ଅପହଞ୍ଚ ବୋଲି ସେମାନେ ଦାବି କରିଛନ୍ତି। ତେବେ ଇନଫାଣ୍ଟିନୋଙ୍କ ଅନୁସାରେ, ଗ୍ରୁପ୍ ପର୍ଯ୍ୟାୟର ୨୫ ପ୍ରତିଶତ ଟିକଟ୍ ୩୦୦ ଡଲାର (ପ୍ରାୟ ୨୫ ହଜାର ଟଙ୍କା) ରୁ କମ୍ ମୂଲ୍ୟରେ ଉପଲବ୍ଧ ଅଛି। ପ୍ରବଳ ଚାହିଦା ଏବଂ ଆମେରିକାର ବଜାର ନୀତି ଯୋଗୁଁ ଫିଫା ଟିକଟ୍ ମୂଲ୍ୟ ବୃଦ୍ଧିକୁ ଯଥାର୍ଥ ବୋଲି ଦର୍ଶାଇଛି।

# ଡୋପ୍ ଟେଷ୍ଟରେ ଅନୁପସ୍ଥିତ: ବିନେଶ ଫୋଗତଙ୍କୁ ନୋଟିସ୍



ଚଣ୍ଡିଗଡ଼,୬।୫(ଏଜେନ୍ସି): ଅଭିଜ୍ଞ ଭାରତୀୟ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗତଙ୍କୁ ଆନ୍ତର୍ଜାତୀୟ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଡୋପ୍ ଟେଷ୍ଟ ପାଇଁ ଉପଲବ୍ଧ ନହେବା କାରଣରୁ ଏହି ନୋଟିସ୍ ଦିଆଯାଇଛି। ୧୮ ଡିସେମ୍ବର ୨୦୨୫ରେ ବେଙ୍ଗାଲୁରୁଠାରେ ବିନେଶଙ୍କର ଡୋପ୍ ଟେଷ୍ଟ ହେବାର ଥିଲା, କିନ୍ତୁ ସେ ସେଠାରେ ଅନୁପସ୍ଥିତ ଥିଲେ। ବିନେଶଙ୍କ ଅନୁସାରେ, ସେହି ସମୟରେ ସେ ବେଙ୍ଗାଲୁରୁରୁ ଚଣ୍ଡିଗଡ଼ ଯାତ୍ରା କରୁଥିଲେ। ହରିୟାଣା ବିଧାନସଭାର ଶୀତକାଳୀନ ଅଧିବେଶନ ଏବଂ ପରିବାରରେ ଶିଶୁ ଜନ୍ମ କାରଣରୁ ସେ ନିଜର ଲୋକେସନ ଅପଡେଟ୍ କରିପାରିନଥିଲେ। ମେ' ୪ ତାରିଖରେ ଏହି ନୋଟିସ୍ ଜାରି କରାଯାଇଛି ଏବଂ ଆସନ୍ତା ମେ' ୭ ତାରିଖ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି। ଖେଳାଳିମାନଙ୍କୁ ସେମାନଙ୍କର ଅବସ୍ଥିତି (ଲୋକେସନ) ବିଷୟରେ ପୂର୍ବରୁ ସୂଚନା ଦେବାକୁ ପଡିଥାଏ। ଯଦି ଜଣେ ଖେଳାଳି ବର୍ଷକ ମଧ୍ୟରେ ୩ ଥର ଏଥିରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ୨ ବର୍ଷ ପାଇଁ ବ୍ୟାନ୍ କରାଯାଇପାରେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପରେ ଅବସର ଘୋଷଣା କରିଥିବା ବିନେଶ, ନିକଟରେ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ କୁସ୍ତିକୁ ଫେରିବାକୁ ଘୋଷଣା କରିଛନ୍ତି। ମେ' ୩ ତାରିଖରେ ଏକ ଭିଡିଓ ଜାରି କରି ସେ ପୁଣିଥରେ ବ୍ରିଜଭୂଷଣ ଶରଣ ସିଂହ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଗୋଣ୍ଡାଠାରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ସୁରକ୍ଷାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବିନେଶଙ୍କୁ ଏବେ କେବଳ ଚେତାବନୀ ଦିଆଯାଇଛି, କିନ୍ତୁ ସଠିକ୍ ଜବାବ ନଦେଲେ କିମ୍ବା ଆଗକୁ ଏଭଳି ଭୁଲ୍ ହେଲେ ତାଙ୍କ କ୍ୟାରିୟର ଉପରେ ବିପଦ ଆସିପାରେ।

ସ୍ୱାମୀ ବିବେକାନନ୍ଦ ଟ୍ରଫି

# ଓଡ଼ିଶା- ବେଙ୍ଗଲ ମ୍ୟାଚ୍ ଅମୀମାଂସିତ



ଭୁବନେଶ୍ୱର,୬।୫ (ସମିସ): ଛତିଶଗଡ଼ର ନାରିନପୁରରେ ଚାଲିଥିବା ୨୦ ବର୍ଷରୁ କମ୍ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନସିପ୍‌ର ଦ୍ୱିତୀୟ ମୁକାବିଲାରେ ଓଡ଼ିଶା ଦଳ ଶକ୍ତିଶାଳୀ ବେଙ୍ଗଲ ସହ ମ୍ୟାଚ୍ ଅମୀମାଂସିତ ରଖିଛି। ଆରମ୍ଭରୁ ଶେଷ ଯାଏ ଜୋରଦାର ଲଢ଼େଇ ହୋଇଥିବା ଏହି ମ୍ୟାଚ୍‌ର ଖେଳ ନିର୍ଦ୍ଧାରିତ ସମୟ ଶେଷରେ ୨-୨ ଗୋଲ୍‌ରେ ସମାନସ୍ତରରେ ରହିଥିଲା। ଏହା ପୂର୍ବରୁ ଖେଳାଯାଇଥିବା ମ୍ୟାଚରେ କର୍ଣ୍ଣାଟକ ୪-୨ ଗୋଲ୍‌ରେ ଓଡ଼ିଶାକୁ ହରାଇଥିଲା। ଏହା ଫଳରେ ଓଭରଅଲ ପଏଣ୍ଟ ତାଲିକାରେ ଓଡ଼ିଶା ଶେଷ ସ୍ଥାନରେ ରହି ପ୍ରତିଯୋଗିତାରୁ ବିଦାୟ ନେଇଛି। ବେଙ୍ଗଲ ବିପକ୍ଷରେ ଓଡ଼ିଶା ପକ୍ଷରୁ ଶଙ୍ଖ ଶେଖର ହେମ୍ବ୍ରମ ଓ ବାରିଆଲ ଟୁଡୁ ଗୋଲ ସ୍କୋର କରିଥିଲେ। କର୍ଣ୍ଣାଟକ ବିପକ୍ଷରେ ଅଧିନାୟକ ରୋନିକ ମାଝୀ ଓ ପଙ୍କଜ ତନ୍ତୀ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଓଡ଼ିଶା ନାଇନ୍-ଏ-ସାଇଡ୍ ଦଳର କେରଳ ଯାତ୍ରା

ଭୁବନେଶ୍ୱର,୬।୫(ସମିସ): ଅଧିନାୟକ ସୌମ୍ୟ ସ୍ୱରୂପ ନାୟକଙ୍କ ନେତୃତ୍ୱରେ ଏକ ୧୬ଜଣିଆ ଓଡ଼ିଶା ଫୁଟବଲ ଦଳ ୧୫ତମ ନ୍ୟାସନାଲ ନାଇନ୍-ଏ-ସାଇଡ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ କେରଳ ଯାତ୍ରା କରିଛି। ଏହି ଦଳରେ ଆୟାନ ସାହୁ, ବିଶାଳଦୀପ ନାୟକ, ପ୍ରିୟମ ମଞ୍ଜିତ ମାଟିଆ, ସୁଜିତ ନାୟକ, କୁନାଲ ଏନ୍, ସ୍ୱୟମ ଉଜ୍ଜ୍ୱଳ ରାଉତ, ଯଶୋବନ୍ତ ଓରାମ, ସତ୍ୟଜିତ ସାହୁ, ଦେବପ୍ରସାଦ ମାଝୀ, ପ୍ରଦ୍ୟୁମ୍ନ ସ୍ୱାଇଁ, ଦିବ୍ୟରଞ୍ଜନ ସାହୁ, ସନ୍ଦୀପ ସାହୁ, ବିଶ୍ୱନାଥ ମହନ୍ତ ଓ ଆଦର୍ଶ ତ୍ରିପାଠୀ। କେରଳରେ ପହଞ୍ଚିବା ପରେ ଓଡ଼ିଶା କାହା ସହ ମ୍ୟାଚ୍ ଖେଳିବ ତାହା ଜଣାପଡ଼ିବ। ଏହି ଦଳ ସହ ଓଡ଼ିଶା ନାଇନ୍-ଏ-ସାଇଡ ସଂଘର ସମ୍ପାଦକ ମହମ୍ମଦ୍ ଆଜାଦ୍ ଓ କୋଚ୍ ଅଶୋକ ରାଉତରାୟ କେରଳ ଯାଇଛନ୍ତି।



## ବେଙ୍ଗାଲୁରୁ ଭେନ୍ୟୁ ପରିବର୍ତ୍ତନରେ କର୍ଣ୍ଣାଟକ ରାଜ୍ୟ ସଂଘ ନିରାଶ

# ଅହମଦାବାଦରେ ହେବ ଆଇପିଏଲ୍ ଫାଇନାଲ

ମୁମ୍ବଇ,୬।୫(ଏଜେନ୍ସି)



ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ପ୍ଲେ ଅଫ୍ ଖେଳସୂଚୀ ଘୋଷିତ ହୋଇଛି। ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ଏହି ସୂଚୀ ଅନୁଯାୟୀ ପ୍ଲେ ଅଫ୍ ମ୍ୟାଚ୍ ଗୁଡିକ ଧର୍ମଶାଳା, ନ୍ୟୁ ଚଣ୍ଡିଗଡ (ମୁଲାନପୁର) ଓ ଅହମ୍ମଦାବାଦ୍‌ରେ ଖେଳାଯିବ। କିଛି ଅପରେସନାଲ ଓ ଲଜିଷ୍ଟିକ୍ କାରଣ ଯୋଗୁଁ ଆଇପିଏଲ୍ ପ୍ଲେ ଅଫ୍‌ର ଖେଳସୂଚୀ ଚଳିତବର୍ଷ ୩ଟି ଭେନ୍ୟୁରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଘୋଷିତ ଖେଳସୂଚୀ ଅନୁଯାୟୀ ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ଧର୍ମଶାଳାରେ ମେ ୨୬ ତାରିଖରେ ଖେଳାଯିବ। ଏଥିରେ ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ପରସ୍ପର ସହ ମୁକାବିଲା କରିବେ। ଏହି ମ୍ୟାଚ୍‌ର ବିଜେତା ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହା ପରେ ଦ୍ୱିତୀୟ ପ୍ଲେ ଅଫ୍ ମ୍ୟାଚ୍ ବା ଏଲିମିନେଟର ନ୍ୟୁ ଚଣ୍ଡିଗଡ ବା ମୁଲାନପୁରରେ ମେ ୨୭ରେ ଖେଳାଯିବ। ଏଥିରେ ପଏଣ୍ଟ ଟେବଲର ତୃତୀୟ ଓ ଚତୁର୍ଥ ସ୍ଥାନିତ ଦଳ ପରସ୍ପର ସହ ଲଢ଼ିବେ। ଏହିଠାରେ ମେ ୨୯ ତାରିଖରେ କ୍ୱାଲିଫାୟର-୨ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମ କ୍ୱାଲିଫାୟରର ପରାଜିତ ଦଳ ଓ ଏଲିମିନେଟରରେ ବିଜୟୀ ହୋଇଥିବା ଦଳ ମଧ୍ୟରେ ଖେଳାଯିବ। ଏହାର ବିଜେତା ଦ୍ୱିତୀୟ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ମେ ୩୧ ତାରିଖଦିନ ଫାଇନାଲ ମ୍ୟାଚ୍ ଖେଳାଯିବ।

ବେଙ୍ଗାଲୁରୁରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ପ୍ରଥମେ ସ୍ଥିର ହୋଇଥିଲା। କିନ୍ତୁ ମ୍ୟାଚ୍ ଆୟୋଜନ ନେଇ ବିସିସିଆଇ ରଖିଥିବା ନିର୍ଦ୍ଦେଶାବଳୀ ଓ ଆବଶ୍ୟକତା ପୂରଣ କରିବାରେ ଆୟୋଜକ ରାଜ୍ୟ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ପୂରଣ କରିବାରେ ଅସମର୍ଥ ହେବାରୁ ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। କିନ୍ତୁ ଭେନ୍ୟୁ ପରିବର୍ତ୍ତନରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ କର୍ମକର୍ତ୍ତା ନିରାଶ ହୋଇଛନ୍ତି। ବେଙ୍ଗାଲୁରୁରେ ଫାଇନାଲ ମ୍ୟାଚ୍ ଆୟୋଜନ ଘୋଷଣା ନେଇ ବିସିସିଆଇ ପକ୍ଷରୁ ଅନେକ ବିଳମ୍ବ କରାଯାଇଥିଲା। ସଂଘ ପକ୍ଷରୁ ଦିଆଯାଇଥିବା ବିବୃତି ଅନୁଯାୟୀ, ଫାଇନାଲ ମ୍ୟାଚ୍ ଆୟୋଜନ ନେଇ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଥିଲୁ। ମ୍ୟାଚ୍ ଆୟୋଜନ ନେଇ ସଭାପତି ଭେଙ୍କଟେଶ ପ୍ରସାଦ ବିସିସିଆଇ ସହ ସର୍ବଦା ସମ୍ପର୍କରେ ରହିଥିଲେ। ଏପରିକି ଚଳିତ ସିଜନରେ ବେଙ୍ଗାଲୁରୁରେ ୫ଟି ଲିଗ୍ ମ୍ୟାଚ୍ ସଫଳତାର ସହ ଆୟୋଜିତ ହୋଇପାରିଛି। ଏହି ମ୍ୟାଚ୍ ସଫଳତାର ସହ ଆୟୋଜନ, ଦର୍ଶକ ନିୟନ୍ତ୍ରଣ, ମ୍ୟାଚ୍ ପରିଚାଳନାରେ ଦକ୍ଷତା ଓ ଦର୍ଶକଙ୍କ ଶୃଙ୍ଖଳିତ ଆଚରଣକୁ ନେଇ ବେଙ୍ଗାଲୁରୁକୁ ବେଶ ପ୍ରଶଂସା କରାଯାଇଛି। ଏହା ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଭେନ୍ୟୁ ପରିବର୍ତ୍ତନ କରିବା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘକୁ ଅଡୁଆ ପରିସ୍ଥିତିରେ ପକାଇଦେଇଛି।

### ପ୍ଲେ ଅଫ୍ ଖେଳସୂଚୀ

ମେ-୨୬: କ୍ୱାଲିଫାୟର-୧, ଧର୍ମଶାଳା
ମେ-୨୭: ଏଲିମିନେଟର, ମୁଲାନପୁର
ମେ-୨୯: କ୍ୱାଲିଫାୟର-୨, ମୁଲାନପୁର
ମେ-୩୧: ଫାଇନାଲ, ଅହମ୍ମଦାବାଦ୍।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS